

ରେକର୍ଡ କଲେ ଜୋ ରୁଟ
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 134 | ଭାଗ ୩୩ | ସଂଖ୍ୟା ୧୩୪ Bhubaneswar | Monday 4 August 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୪ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଆନ୍ଧ୍ର ପଥର ଖାଦାନରେ ବିସ୍ଫୋରଣ
## ୯ ମୃତକଙ୍କ ମଧ୍ୟରେ ୭ ଓଡ଼ିଆ



ମୁଖ୍ୟମନ୍ତ୍ରୀଙ୍କ ୪ ଲକ୍ଷ ସହାୟତା ଘୋଷଣା

**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ଆନ୍ଧ୍ରପ୍ରଦେଶର ବାପତଲା ଜିଲ୍ଲା ବାଲିକୁରୁମା ପଥର ଖାଦାନରେ ଆଜି ଏକ ବଡ଼ ଧରଣର ବିସ୍ଫୋରଣ ଘଟିଥିବା ବେଳେ ଏଥିରେ ୯ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ୭ ଜଣ ଓଡ଼ିଆ ଶ୍ରମିକ ମଧ୍ୟ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୫ ଜଣ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିର ହୋଇଥିବା ବେଳେ ଅବଶିଷ୍ଟ ୨ ଜଣ ଶ୍ରମିକ ଗଜପତି ଜିଲ୍ଲା ମୋହନା ନିବାସୀ ବୋଲି ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣଙ୍କର ହସ୍ପିଟାଲ୍‌ରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଗଞ୍ଜାମ ଜିଲ୍ଲାର ଅଭିମନ୍ୟୁ ବଡ଼ତ୍ୟାଙ୍କ ପୁଅ ଦଣ୍ଡ ବଡ଼ତ୍ୟା, ଭଗବାନ ଛେରାଙ୍କ ପୁଅ ବନମାଳ ଛେରା, ମାଗତା ବିଶୋଇଙ୍କ ପୁଅ ଭାସ୍କର ବିଶୋଇ ଓ ପୂଜ୍ୟ ଗୌଡ଼ଙ୍କ ପୁଅ ସନ୍ତୋଷ ଗୌଡ଼ ଏବଂ ଗଜପତି ଜିଲ୍ଲାର କାର୍ତ୍ତିକ ଦଳେଇଙ୍କ ପୁଅ ଟାକୁମା ଦଳେଇ ଓ ନର୍ସୁ ଜାନ୍‌ଙ୍କ ପୁଅ ମୁସା ଜାନ୍। ସେହିପରି ୮ ଜଣ ଶ୍ରମିକ ଗୁରୁତର ଅବସ୍ଥାରେ ନରସାରାଓପେଟା ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ପୁଲିସ୍ ଦେଇଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ଘଟିଥିବା ବେଳେ ସେତେବେଳେ ସେଠାରେ ➪ପୃଷ୍ଠା-୬

## ବଲାଙ୍ଗୀର ମିଷ୍ଟ୍ରି: ଶୁଖୁନି ଲୁହ, ବଢ଼ୁଛି ସସ୍‌ପେନ୍ସ

- ପୋଷ୍ଟମୋର୍ଟମ ପରେ ଗାଁକୁ ଆସିଲା ମରଶରୀର
- ପାରମ୍ପରିକ ରୀତିରେ ଶେଷକୃତ୍ୟ
- ସନ୍ଦେହରେ ଓଡ଼ିଶା ପୁଲିସ ବୟାନ
- ବଲାଙ୍ଗୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ଝିଅ ମୃତ୍ୟୁକୁ ନେଇ ରାଜନୀତି ନ କରିବାକୁ ବାପାଙ୍କ ଅପିଲ



**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ଦିଲ୍ଲୀ ଏମ୍ସରେ ଗତରାତିରେ ଆଖି ବୁଜିଛନ୍ତି ବଲାଙ୍ଗୀ ପୀଡ଼ିତା। ଆଜି ସକାଳେ ତାଙ୍କ ଶବ ବ୍ୟବଚ୍ଛେଦ ହୋଇଥିଲା। ପୋଷ୍ଟମର୍ଟମ ପରେ ମୃତଦେହକୁ ଓଡ଼ିଶା ଅଣାଯାଇଛି। ଗତ ୧୯ ତାରିଖରେ ବଲଙ୍ଗା ଅଞ୍ଚଳରେ ଗାଁ ନଦୀ ବନ୍ଧରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଥିଲା। ସେତେବେଳେ କୁହାଯାଉଥିଲା ଯେ ତାଙ୍କୁ ୩ ଜଣ ଯୁବକ ନିଆଁ ଲଗାଇ ହତ୍ୟା ପାଇଁ ଉଦ୍ୟମ କରିଥିଲେ। ଏହାପରେ ଗୁରୁତର ଥିବାରୁ ଜୁଲାଇ ୧୯ ତାରିଖରେ ଚିକିତ୍ସା ପାଇଁ ଭୁବନେଶ୍ୱର ଏମସରେ ଭର୍ତ୍ତି କରାଯାଇଥିଲା। ପୀଡ଼ିତାଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସବୁପ୍ରକାର ପଦକ୍ଷେପ ନେଇଥିଲେ। ଗତ ୨୦ ତାରିଖରେ ଅଧିକ ଚିକିତ୍ସା ଲାଗି ଭୁବନେଶ୍ୱର ଏମସରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ସେଠାରେ ତାଙ୍କ ଚିକିତ୍ସା ନିମନ୍ତେ ସ୍ପେଶାଲ ମେଡିକାଲ ଟିମ୍ ଗଠିତ ହେଉଥିଲା। ଦୁଇ ଥର ତାଙ୍କର ସ୍କିନ୍ ଗ୍ରାଫଟିଂ ଅସ୍ତ୍ରୋପଚାର ବି ହୋଇଥିଲା। ଧୀରେ ଧୀରେ ସେ ସୁସ୍ଥ ହୋଇ ଆସିଥିଲେ। ଉପମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବହୁ ସାଂସଦ ଦିଲ୍ଲୀ ଏମ୍ସରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପିଲାଟି ସୁସ୍ଥ ହୋଇଥିବା ଜାଣି ରାଜ୍ୟବାସୀ ବି ଆଶ୍ୱସ୍ତ ହେଉଥିଲେ। ମାତ୍ର ହଠାତ୍ ସବୁ କିଛି ଓଲଟିଗଲା। ବହୁ ଚେଷ୍ଟା ସତ୍ତ୍ୱେ ଗତ ରାତିରେ ପୀଡ଼ିତା ଆଖି ବୁଜିଲେ। ଆଜି ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀର ଓଡ଼ିଶା ଆସିଛି। ଆଉ ନିଜ ଜନ୍ମମାଟିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ। ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଗାଁକୁ ଝିଅର ମରଶରୀର ଆଜି ଫେରିଛି। ତେଣୁ ତା' ପାଇଁ ସମାଧି ଖୋଳିଥିଲେ ପରିବାର ଓ ସମ୍ପର୍କୀୟ। ଗାଁରେ ବି ପୁଲିସ୍ କଡ଼ା ପଇଁତରା ମାରୁଛି। କୌଣସି ଅଘଟଣ ଆଶଙ୍କାରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଏହି ଘଟଣାକୁ ରାଜନୀତିରୁ ଦୂରେଇ ରଖିବାକୁ ପୀଡ଼ିତାଙ୍କ ପରିବାର କୋହଭରା କଣ୍ଠରେ ନିବେଦନ କରିଛନ୍ତି। ରାଜ୍ୟ ସରକାରଙ୍କ ସମେତ ଡାକ୍ତରମାନେ ବି ପୀଡ଼ିତାଙ୍କୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ହେଲେ ଝିଅ ଆମ ଭାଗ୍ୟରେ ନ ଥିଲା ବୋଲି କୋହଭରା କଣ୍ଠରେ ପରିବାର ଲୋକେ କହିଛନ୍ତି।

ହସ୍ପିଟାଲ ବେଡରେ ୧୫ ଦିନ ଧରି ମୃତ୍ୟୁ ସହ ଲଢ଼େଇ କରି କରି ନାବାଳିକା ଜଣଙ୍କ ସବୁ ଦିନ ପାଇଁ ନୀରବି ଯାଇଛନ୍ତି । କିନ୍ତୁ ବିଡମ୍ବନାର ବିଷୟ ତାଙ୍କୁ ନ୍ୟାୟ ମିଳିଲାନି। ପ୍ରଥମ ଦିନରୁ ତାଙ୍କୁ ତିନି ଜଣ ଜାଳି ଦେଇଥିବା ପୀଡ଼ିତା କହିଥିଲେ। ପୀଡ଼ିତାଙ୍କ ବୟାନ ଆଧାରରେ ପରିବାର ଲୋକ ଥାନାରେ ଏତଲା ଦେଇଥିଲେ। ତିନି ଦୁର୍ବୃତ୍ତ ଝିଅର ମୁହଁରେ ରୁମାଲ ବାନ୍ଧି ଅଚେତ କରି କିରୋସିନ୍ ଢ଼ାଳି ନିଆଁ ଲଗାଇ ମାରିଦେବାକୁ ➪ପୃଷ୍ଠା-୬

## ସର୍ବଶ୍ରେଷ୍ଠ ହେବ କେନ୍ଦୁଝର ଭିତ୍ତିଭୂମି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ଦରବାର ହଲଠାରେ ଜିଲ୍ଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ସୁରକ୍ଷା, ପର୍ଯ୍ୟଟନ, ଗ୍ରାମ୍ୟ ଉନ୍ନୟନ, ସଡ଼କ,

- ଆମ୍ବୁଲାନ୍ସ, ନଡ଼ିଆ ସଂଗ୍ରହ ବାହନ, ଏକଲ ରଥର ଶୁଭାରମ୍ଭ
- ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସହ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ
- ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଜନପ୍ରତିନିଧିଙ୍କ ଦାବିକୁ କାର୍ଯ୍ୟକାରି କରାଯିବ: ମୁଖ୍ୟମନ୍ତ୍ରୀ

ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ ଆଲୋଚନା




କରିଥିଲେ। କେନ୍ଦୁଝର ଜିଲ୍ଲାରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟାନ୍ୱୟନ ଯୋଗୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ପ୍ରକଳ୍ପଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜିର ବୈଠକରେ ବିଭିନ୍ନ ସ୍ଥାନକୁ ଯୋଗାଯୋଗ ତଥା ଗମନାଗମନ ଉପରେ ଗୁରୁତ୍ୱ ଦେଇ ସମ୍ପୃକ୍ତ ପ୍ରକଳ୍ପଗୁଡିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ରାଇସୁଆଁ ଏୟାର୍ ଷ୍ଟ୍ରିପ୍, କେଉଁଝର ବାଇପାସ୍, ଆଇକନିକ୍ ବ୍ରିଜ୍, ରେଲୱେ ଷ୍ଟେସନ୍ ରାସ୍ତା, ନୁଦୁରପଡ଼ାରୁ କାଳିଆହତା ରାସ୍ତା, ପିଠାଗୋଳା ରାସ୍ତା (ହରିଚନ୍ଦନପୁରରୁ ତେଲକୋଇ), ଶୁଆକଟି ଦୁଗୁନା ବ୍ରିଜ୍ ବୈତରଣୀ ନଦୀ ଉପରେ, ମାଇନିଂ କରିଡର୍ ଓ ଅନ୍ୟ ମୁଖ୍ୟ ରାସ୍ତା କାମର ସମୀକ୍ଷା। କରି ଅଗ୍ରଗତି ଉପରେ ➪ପୃଷ୍ଠା-୬

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା
## ଗିରଫ ହେଲେ ବୋର୍ଡ ଉପସଭାପତି

**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ପୂର୍ବରୁ ୭ ଜଣଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ଗିରଫ କରିଥିବା ବେଳେ ଆଜି ଏହି ତାଲିକାରେ ଆଉ ଜଣେ ଯୋଡ଼ି ହୋଇଛନ୍ତି। ଏହି କେଲେଙ୍କାରୀ ପଦାକୁ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ର ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଉପରେ ସମସ୍ତଙ୍କ ସନ୍ଦେହ ବଢ଼ିଥିଲା। ତେଣୁ ତାଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ପଚରାଉଚରା କରିବା ଆରମ୍ଭ କରିଥିବା ବେଳେ ଆଜି ତାଙ୍କୁ ଗିରଫ କରିଛି। ଗତ କିଛି ଦିନ ହେବ ଶ୍ରୀ ମହାନ୍ତିଙ୍କ ଉପରେ ସନ୍ଦେହ ଘନୀଭୂତ ହୋଇଥିଲା। ତେଣୁ ତାଙ୍କୁ ଗତକାଲି କ୍ରାଇମବ୍ରାଞ୍ଚ ଡାକି ପାଖାପାଖି ୩ ଘଣ୍ଟା ଧରି ଜେରା କରିଥିଲା। ଏହି ସମୟରେ ତାଙ୍କୁ କ୍ରାଇମ୍ ବ୍ରାଞ୍ଚ୍ ଅଧିକାରୀମାନେ ଗୁଡ଼ାଇତୁଡ଼ାଇ ପ୍ରଶ୍ନ କରିଥିଲେ। ଶେଷରେ ଆଜି ତାଙ୍କୁ ଗିରଫ କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ଲ୍ୟାପଟପ୍‌ରୁ ମୁଖ୍ୟ ଅଭିଯୁକ୍ତ ତଥା ଡାଟା ଏଣ୍ଟ୍ରି ଅପରେଟର୍ ଜିତନ୍ ମହାରଣା



ରିମାଣ୍ଡରେ ଆଣିପାରେ କ୍ରାଇମ୍‌ବ୍ରାଞ୍ଚ୍

କିପରି ଭାବେ ପ୍ରଶ୍ନପତ୍ର ସଂକ୍ରାନ୍ତ ତଥ୍ୟ ପେନ୍ ଡ୍ରାଇଭ୍‌ରେ ନେବାକୁ ସକ୍ଷମ ହେଲେ, ତାହା ସମସ୍ତଙ୍କୁ ସନ୍ଦେହରେ ପକାଇଥିବା ବେଳେ ଶେଷରେ ତାଙ୍କୁ ଗିରଫ କରି ସବୁକିଛି ଓଗାଳିବାକୁ ଉଦ୍ୟମ କରିଛି କ୍ରାଇମ୍ ବ୍ରାଞ୍ଚ୍। ସେହିପରି ଜଣେ ବରିଷ୍ଠ ପଦାଧିକାରୀଙ୍କ ସମ୍ପୃକ୍ତି ପଦାକୁ ଆସିବା ପରେ ପୂରା ଶିକ୍ଷା ବିଭାଗରେ ମଧ୍ୟ ହଇଚଇ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ଗତ ୨୦ ତାରିଖରେ ଏହି ପରୀକ୍ଷା ହେବାର ଥିଲା। କିନ୍ତୁ ୧୯ତାରିଖରେ ପ୍ରଶ୍ନପତ୍ର ଭାଇରାଲ ହେବାପରେ ରାଜ୍ୟ ସରକାର ଏହି ପରୀକ୍ଷାକୁ ଦିନକ ପୂର୍ବରୁ ବାତିଲ କରିଦେଇଥିଲେ। ଶ୍ରୀ ମହାନ୍ତିଙ୍କ ଲ୍ୟାପଟପରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ତେବେ କିପରି ତାହା ଲିକ୍ ହୋଇଥିଲା, ସେଥିରେ ନିହାରଙ୍କ ସମ୍ପୃକ୍ତି ନେଇ ଆରମ୍ଭ ହୋଇଥିଲା ତନାଘନା। କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ସ୍କାନରକୁ ଆସିଯାଇଥିଲେ ବୋର୍ଡ ଉପସଭାପତି। କଟକ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ(ବିଏସଇ)ର ଏଷ୍ଟାବ୍ଲିସମେଂଟ ଅଫିସର ବୁଲବୁଲ ବେହେରାଙ୍କ ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ୍ ତଦନ୍ତ କରିଥିଲା। ସ୍ପେଶାଲ ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହେବାନେଇ ପ୍ରଥମେ ଓଡ଼ିଶା ➪ପୃଷ୍ଠା-୬

### ସହିଦ ସପ୍ତାହରେ ମାତିଲେ ମାଓବାଦୀ
## ଟ୍ରାକ୍ ଉଡ଼ାଇଦେଲେ, ରେଳ କର୍ମଚାରୀ ମୃତ

**ଝାଡ଼ଖଣ୍ଡ, ୩।୮ (ସଂଚାର ବ୍ୟୁରୋ) :** ଛତିଶଗଡ଼ରେ ମାଓ ଦମନ ଅଭିଯାନ ଜୋରସୋରରେ ଚାଲିଥିବା ବେଳେ ଓଡ଼ିଶାରେ ନିଜ ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀ । ସହିଦ୍ ସପ୍ତାହରେ ମାଓବାଦୀମାନେ ଘଟାଇଛନ୍ତି ବଡ଼ ଧରଣର ହିଂସାକାଣ୍ଡ। ମାଓ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଉଡ଼ାଇଦେଲେ ରେଲୱେ ଟ୍ରାକ୍। ବିସ୍ଫୋରଣରେ ଜଣେ ରେଲୱେ କର୍ମଚାରୀଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାଁ ଇଟିଓ୍ୱା ଓରାମ। ଏଥିସହ ଏହି ବିସ୍ଫୋରଣରେ ଆଉ ଜଣେ ରେଳ କର୍ମଚାରୀ ଗୁରୁତର ହୋଇଛନ୍ତି। ତାଙ୍କୁ ରାଉରକେଲା ମେଡିକାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି।



୧୦ ଲକ୍ଷ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଓରାମଙ୍କ ମୃତ୍ୟୁ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ➪ପୃଷ୍ଠା-୬

## ନ୍ୟାୟ ଅପେକ୍ଷାରେ ପିହୁ, ସ୍ମିତାରାଣୀ, ଇତିଶ୍ରୀ ଓ ମମିତା

**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ରାଜ୍ୟରେ ନାରୀ ନିର୍ଯାତନାର ଲମ୍ବା ଇତିହାସ ରହିଥିବା ବେଳେ ଗତ ସରକାର ଅମଳରେ ଘଟିଥିବା ପ୍ରମୁଖ ଘଟଣାଗୁଡ଼ିକର ଅଦ୍ୟାବଧି ରହସ୍ୟ ଭେଦିପାରେ ପୁଲିସ୍ ପ୍ରଶାସନ ଅସମର୍ଥ ରହିଛି। ତେଣୁ ନିର୍ଯାତନାର ଶିକାର ହୋଇ ଜୀବନ ହରାଇଥିବା ପୀଡ଼ିତାଙ୍କ ପରିବାର ଏବେ ବି ନ୍ୟାୟକୁ ଅପେକ୍ଷା କରିଛନ୍ତି। କେବେ ପ୍ରଶାସନ ସେମାନଙ୍କ ଛାତି ତଳର କୋହକୁ ହୃଦୟଙ୍ଗମ କରି ନ୍ୟାୟ ପ୍ରଦାନ କରିବ, ତାହାକୁ ସେମାନେ ଅପଲକ ନୟନରେ ଅନେଇ ରହିଛନ୍ତି।

ଯାଜପୁର ବିଞ୍ଝାରପୁର ବ୍ଲକ୍ର ମଧୁସୂଦନପୁରରେ ୨୦୨୦ ଅଗଷ୍ଟ




୯ରେ ୨ ବର୍ଷର କୁନି ଝିଅ ପିହୁ ଗାଁ ଦାଣ୍ଡରେ ଖେଳୁଥିଲେ ହେଁ କୁଆଡ଼େ ଏକରକମ ଅନ୍ତର୍ଦ୍ଧାନ ହୋଇଗଲା ଯେ ୫ ବର୍ଷ ହେଲା ତା'ର ପତ୍ତା ମିଳୁନାହିଁ। ମା' ମୋନାଲିସା ଇତିମଧ୍ୟରେ ପୁଲିସ ପ୍ରଶାସନଠାରୁ ଆରମ୍ଭ କରି ସରକାର ଙ୍କ ପର୍ଯ୍ୟନ୍ତ ସବୁଠି ନେହୁରା ହୋଇଥିଲେ ମଧ୍ୟ ଏବେ ବି ପିହୁ ନିଖୋଜର ରହସ୍ୟ ଉନ୍ମୋଚିତ ହୋଇପାରିନାହିଁ। ସେହିପରି ଯାଜପୁରରେ ଆଉ ଏକ ଅଘଟଣ ୨୦୧୯ରେ ଘଟିଥିଲା। ଧର୍ମଶାଳା ବ୍ଲକ୍‌ର ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କୁ ସେପ୍ଟେମ୍ବର ୧୬ରେ ସରପଞ୍ଚଙ୍କ ସ୍ୱାମୀ ➪ପୃଷ୍ଠା-୬

### ଜମ୍ମୁ-କଶ୍ମୀର କୁଲଗାମରେ 'ଅପରେସନ ଅଖିଲ'
## ଏନ୍‌କାଉଣ୍ଟରରେ ୩ ଆତଙ୍କୀ ନିପାତ

**ଜମ୍ମୁ-କଶ୍ମୀର, ନୂଆଦିଲ୍ଲୀ, ୩।୮:** ଜମ୍ମୁ-କଶ୍ମୀର କୁଲଗାମରେ 'ଅପରେସନ ଅଖିଲ' ଆଜି ୩ୟ ଦିନରେ ପହଞ୍ଚିଛି। ଲଗାତାର ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ଜାରି ରହିଛି । ତୃତୀୟ ଦିନର ସୁରକ୍ଷା



ବାହିନୀଙ୍କ ଏନକାଉଣ୍ଟରରେ ୩ ଆତଙ୍କୀ ନିହତ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜାରି ରହିଛି ସୁରକ୍ଷାକର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ । ଆଉ କିଛି ଆତଙ୍କୀ ଲୁଚି ରହିଥିବା ସୂଚନା ମିଳିଛି । ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଜାରି ରଖିଛି ଭାରତୀୟ ସେନା । ସୂଚନାନୁଯାୟୀ, ପୂର୍ବରୁ ଅପରେସନ୍ ସିନ୍ଦୂର ପରେ ଅପରେସନ୍ ମହାଦେବ ଆରମ୍ଭ କରିଥିଲେ ସୁରକ୍ଷା ବାହିନୀ । ଗତ ଶୁକ୍ରବାରଦିନ ଜଙ୍ଗଲରେ ଆତଙ୍କବାଦୀ ଥିବା ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଅଖାଲ ଅଞ୍ଚଳରେ ଅପରେସନ ଆରମ୍ଭ କରିଥିଲେ । କୁଲଗାମରେ କିଛି ଆତଙ୍କୀ ଲୁଚି ରହିଥିବା ଖବର ପାଇବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା । ଗତ ୩ ଦିନରେ ସଫା ହେଲେଣି ୬ ଆତଙ୍କବାଦୀ ।



### କାନ ଡେରିଥା

ଆଇନ ଶୃଙ୍ଖଳା କାହିଁକି ଏମିତି
ହୋଇଲା ଆମରି ରାଜ୍ୟେ
ଜନେ ତମଠାରୁ ଆଶା କି
କରିବେ
ଯାହା ଥିବ ତାଙ୍କ ଭାଗ୍ୟେ
ତମରି ଏହି ସ୍ୱଭାବେ...
କେତେ ପୀଡିତାଙ୍କ ଆତ୍ମା
କାନ୍ଦୁଥିବ
ଲୋକଟି ସବୁଠି ଭାବେ।

■ ଦେବାଶିଷ

## ସେପ୍ଟେମ୍ବରରେ ବିଧାନସଭା ମୌସୁମୀ ଅଧିବେଶନ

**ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ମାସ ପ୍ରଥମ ସପ୍ତାହରେ ହେବା ନେଇ ସୂଚନା ପାଇବା ପରେ ଉଭୟ ଶାସକ ଓ ବିରୋଧୀ ସକ୍ରିୟ ହେବାରେ ଲାଗିଛନ୍ତି । ରାଜ୍ୟର ଦୁଇ ବିରୋଧୀଦଳ ବିଧାନସଭାରେ ଏକ ନମ୍ବର ହେବା ପାଇଁ ନିଜ ନିଜ ଭିତରେ ବଳ କଷାକଷି ଆରମ୍ଭ କରିଥିବା ବେଳେ ଏମାନଙ୍କୁ ମୁକାବିଲା କରିବା ସହ ବର୍ଷକର ସଫଳତାକୁ ଲୋକଙ୍କ ଆଗରେ ରଖିବା ପାଇଁ ସରକାର ବି ତୟାର ହେବାରେ ଲାଗିଛନ୍ତି।

- ଏବେଠାରୁ ବଳ ଗୋଟାଇଲେଣି ବିରୋଧୀ
- ସରକାର ବଖାଣିବେ ବର୍ଷକର ସଫଳତା

ବିଧାନସଭାର ଅଧିବେଶନ ସରକାର କାହିଁକି ଡାକୁନାହାନ୍ତି ବୋଲି ମୁଖ୍ୟ ବିରୋଧୀ ଦଳ ବିଜେଡି ପ୍ରଶ୍ନ କରିଥିବା ବେଳେ କଂଗ୍ରେସ ବି ସମାନ ପ୍ରଶ୍ନ ପଚାରିଛି। ତେବେ ବିଧାନସଭା କେବେ ଡକାଯିବ, ତାହା ସରକାରଙ୍କ ଉପରେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ସରକାରୀ ଭାବେ କିଛି କୁହାଯାଇନାହିଁ। ତେବେ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରାୟତଃ ଅଧିବେଶନ ଡାକିବାକୁ ସରକାର ସଜବାଜ ହେଉଥିବା ସୂଚନା ସାମ୍ନାକୁ ଆସିଛି।



ଏହି ସୂଚନା ପାଇବା ପରେ ବିରୋଧୀ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏହି ସମୟରେ ସେମାନଙ୍କ ହାତରେ ବାଲେଶ୍ୱର ଓ ବଲଙ୍ଗା ଭଳି ଦୁଇ ଦୁଇ ନିଆଁରେ ପୋଡ଼ି ଘଟଣା ଥିବା ବେଳେ ଚାଷୀ ପଞ୍ଜିକରଣଠାରୁ ଆରମ୍ଭ କରି ପାନୀୟଜଳ ଓ ମହାନଦୀ ଜଳ ପର୍ଯ୍ୟନ୍ତ ମାଳ ମାଳ ପ୍ରସଙ୍ଗ ରହିଛି। ତେବେ ପ୍ରସଙ୍ଗକୁ ନେଇ ଏବେଠାରୁ ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି। ଉଭୟ ଦଳ ଶବ ଉପରେ ରାଜନୀତି କରିବା ପାଇଁ ନିଜ ନିଜ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚଳାଇଛନ୍ତି। ବିଧାନସଭାରେ କିଏ ଏକ ନମ୍ବର ବିରୋଧୀ ଦଳର ମାନ୍ୟତା ପାଇବ, ତାହାକୁ ନେଇ ବିଜେଡି ଓ କଂଗ୍ରେସ ଏବେଠାରୁ ରଣନୀତି ପ୍ରସ୍ତୁତ କରିଛନ୍ତି।

ଇତିମଧ୍ୟରେ କଂଗ୍ରେସ ଓଡ଼ିଶା ବନ୍ଦ କରିଥିବା ବେଳେ ବିଜେଡି ମଧ୍ୟ ବାଲେଶ୍ୱର ବନ୍ଦ ଓ ସଚିବାଳୟ ଘେରାଉ କରିସାରିଛି। ଦୁଇ ଦଳ ନିୟମିତ ବ୍ୟବଧାନରେ ସରକାରଙ୍କ ବିରୁଦ୍ଧରେ ସାମ୍ବାଦିକ ସମ୍ମିଳନୀ, ଘେରାଉ ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରିବାରେ ଲାଗିଛନ୍ତି। କୌଣସି ମଉକାକୁ ସେମାନେ ହାତଛଡ଼ା କରୁନାହାନ୍ତି। ବିଧାନସଭା ଅଧିବେଶନର ସୁରାକ ପାଇବା ପରେ ଏବେ ଏହାକୁ ଜାରି ରଖିବାକୁ ଉଭୟ ଦଳ ଯୋଜନା ଚଳାଇଥିବା ଜଣାଯାଇଛି। କଂଗ୍ରେସର ଉଭୟ ବରିଷ୍ଠ ଓ ଯୁବନେତା ବିଭିନ୍ନ ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଉଥିବା ବେଳେ ବିଜେଡିରେ କିନ୍ତୁ ବରିଷ୍ଠ ଓ ଯୁବ ବର୍ଗଙ୍କ ଭିତରେ କ୍ଷମତା ଲଢେଇ ଚାଲିଛି। ତେଣୁ ସେମାନେ କୌଣସି ପ୍ରସଙ୍ଗକୁ ନେଇ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରୁନାହାନ୍ତି।

ଅନ୍ୟ ପକ୍ଷରେ ବିଜେପି ସରକାର ବର୍ଷକର ସଫଳତାକୁ ବିଧାନସଭାରେ ଉପସ୍ଥାପିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବିଶେଷକରି ସୁଭଦ୍ରା ଯୋଜନାର ସଫଳତା, ଚାଷୀଙ୍କୁ ଅଧିକ ଧାନ ଦର ପ୍ରଦାନ କରିବା, ବନ୍ୟାର ସଫଳ ମୁକାବିଲା, ବିଜେଡି ଶାସନ ସମୟର ଜଣଙ୍କ ପରେ ଜଣେ ଦୁର୍ନୀତିଖୋର ବାବୁଙ୍କ ଗିରଫଦାରୀ, ଡାକ୍ତର, ଶିକ୍ଷକ ଆଦି ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ମହାନଦୀ ଜଳ ବିବାଦର ସମାଧାନ ଲାଗି ହୋଇଥିବା ସଫଳ ଉଦ୍ୟମକୁ ମଧ୍ୟ ବିଧାନସଭାରେ ରଖାଯିବ। ବିରୋଧୀ ବିଜେଡି ଓ କଂଗ୍ରେସର ➪ପୃଷ୍ଠା-୬

## ଭିଜିଲାନ୍ସ ଜାଲରେ ଆଉ ଜଣେ ପ୍ଲଟ୍‌ପ୍ରେମୀ ବାବୁ

### ବୌଦ୍ଧ ଜିଲ୍ଲା ଏମ୍‌ଭିଆଇଙ୍କ ନାଁରେ ୩୬ ପ୍ଲଟ୍



**ବୌଦ୍ଧ,୩।୮(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଆଉ ଜଣେ ପ୍ଲଟ୍‌ପ୍ରେମୀ। ବୌଦ୍ଧ ଜିଲ୍ଲା ଏମ୍‌ଭିଆଇ ଗୋଲାପ ଚନ୍ଦ୍ର ହାଁସଦାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ହେବା ପରେ ଆଜି ସକାଳୁ ତାଙ୍କ ସହ ଜଡ଼ିତ ୬ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ଶ୍ରୀ ହାଁସଦାଙ୍କ ନାମରେ ବାରିପଦା ଓ ବାଲେଶ୍ୱର ସହରରେ ୩୬ଟି ପ୍ଲଟ୍ ରହିଥିବା ଜଣାପଡ଼ିଛି। ଏଥିସହ ବାରିପଦାର ପ୍ରଫୁଲ୍ଲ ନଗରରେ ତାଙ୍କର ଦୁଇ ମହଲା କୋଠା ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଠାବ କରିବା ସହ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ତାଙ୍କ ଘରୁ ନଗଦ ୨ ଲକ୍ଷ ୩୮ ହଜାର ଟଙ୍କା ଜବତ ହୋଇଛି। ସେହିପରି ଶ୍ରୀ ହାଁସଦା ଓ ତାଙ୍କ ପରିବାର ଲୋକଙ୍କ ନାମରେ ବିଭିନ୍ନ ବ୍ୟାଙ୍କ୍‌ରେ ପ୍ରାୟ ୫୬ ଲକ୍ଷ ଟଙ୍କାର ଜମା ରହିଛି। ଝିଅର ମେଡିକାଲ ବାବଦ ପାଠପଢ଼ାରେ ସେ ୪୦ ଲକ୍ଷ ଖର୍ଚ୍ଚ କରିଛନ୍ତି। ସେହିପରି ତାଙ୍କ ଘରୁ ୨୫୦ ଗ୍ରାମ ଓଜନର ସୁନା ଓ ୪୦୦ ଗ୍ରାମ ➪ପୃଷ୍ଠା-୬

# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ



**ଡେରାବିଶ,୩।୮ (ସଂଚାର ବ୍ୟୁରୋ):**ଡେରାବିଶ ବ୍ଲକ ବାଲିଆ ପଞ୍ଚାୟତ ଅନ୍ତର୍ଗତ ଦରବୋଲ ଗ୍ରାମର ରତ୍ନାକର ସାମଲ (୬୬) ଗତକାଲି ଅପରାହ୍ନରେ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡର ହଳଦିଆ ହାଟକୁ ପରିବା କିଣିବା ପାଇଁ ଯାଇଥିଲେ। ହେଲେ ବିଳମ୍ବିତ ରାତିଯାଏ ରତ୍ନାକର ଘରକୁ ନଫେରିବାରୁ ତାଙ୍କ ଝିଅ ବହୁ ଖୋଜାଖୋଜି କରିବା ପରେ ଡେରାବିଶ ଥାନାରେ ଏକ ଗତକାଲି ରାତିରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ହେଲେ ଆଜି ସକାଳୁ ରତ୍ନାକର ଡିଲଙ୍ଗ ଜେମାତୋଟା ନିକଟରେ ରାସ୍ତା ଠାରୁ ଦଶବାରଫୁଟ ଦୂରରେ ସାଇକେଲ ସହିତ ମୁହଁମାଡ଼ି ମୃତ ଅବସ୍ଥାରେ ପଡ଼ିଥିବାର ଖବର ପାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଘଟଣା ସ୍ଥଳରେ ଡେରାବିଶ ପୋଲିସ୍ ପହଞ୍ଚି ରତ୍ନାକରଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ରତ୍ନାକରଙ୍କ ମୃତ୍ୟୁ କୌଣସି ଅଜଣା ଗାଡ଼ି ଧକ୍କାରେ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦେଶୀ ଓ ବିଦେଶୀ ମଦ ଜବତ; ୧ ଗିରଫ



**ଡେରାବିଶ,୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଇନ୍ଦାଲୋ ପଞ୍ଚାୟତର ପାଣ୍ଡିବର ଛକ ନିକଟରୁ ଆଜି ଅପରାହ୍ନରେ ଜଣେ ବ୍ୟକ୍ତି ଚୋରାରେ ମଦବିକ୍ରି କରୁଥିବାବେଳେ ଚାନ୍ଦୋଳ ପୁଲିସ୍ ମଦ ଜବତ କରିବା ସହ ବିକ୍ରେତାଙ୍କୁ ଗିରଫ କରିଛି । ଚାନ୍ଦୋଳ ଫାଣ୍ଡିର କେତେକ କର୍ମଚାରୀ ଲୁଣାନଦୀ ସେପଟ ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତରେ ପାଟ୍ରୋଲିଂ କରୁଥିବା ସମୟରେ ଫାଣ୍ଡିବର ନିକଟସ୍ଥ ଏକ ଚାଳିଆ ଘରେ ଜଣେ ବ୍ୟକ୍ତି ବ୍ୟାଗରେ ମଦ ବିକ୍ରୟ କରୁଥିବା ଦେଖିଥିଲେ । ପୁଲିସ କର୍ମଚାରୀ ଚଢ଼ଉ କରିବାରୁ କୋଠାସାହି ଗ୍ରାମର ଗଣେଶ୍ୱର ବେହେରା (୫୦) ଙ୍କ ନିକଟରୁ ଏକ ବ୍ୟାଗରେ ୫ ବୋତଲ ବିୟର,୨୭ ବୋତଲ ଆସ୍କାଫର୍ଟି, ୧୦ ବୋତଲ ହୁସ୍କି ଓ ୬ ବୋତଲ ରମ୍ ମୋଟ ୧୧ ଲିଟର ୫୩୦ ମିଲିଲିଟର ଚୋରା ମଦ ଜବତ କରିଥିଲେ । ଏହା ସହ ମଦ ବିକ୍ରେତା କୁ ଫାଣ୍ଡିକୁ ଆଣିଥିଲେ ।

# ମା’ ବଜ୍ରସୁନା ଯୁବକ ସଂଘ ପକ୍ଷରୁ କାଉଡ଼ିଆ ଭକ୍ତଙ୍କ ଲାଗି ପ୍ରସାଦ ବଣ୍ଟନ



**କେନ୍ଦ୍ରାପଡା,୩।୮ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଶ୍ରାବଣ ମାସ ଜଳାଭିଷେକ ର ଶେଷ ସୋମବାର ଅବସରରେ ରବିବାର ଦିନ ବାବା ଗୋରେଖନାଥ ପୀଠ ରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି କଟକ ପାରାଦ୍ୱୀପ ରୋଡ଼ ର ଥିବା ଜୟପୁର ଛକ ନିକଟରେ ଏକ ନିଃଶୁଳ୍କ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଥିଲା । କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ "ମା ବଜ୍ରସୁନା ଯୁବକ ସଂଘ, ରାମଚନ୍ଦ୍ରପୁର" ତରଫରୁ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ପାଇଁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ସଂଘ ର କାର୍ଯ୍ୟକର୍ତ୍ତା ନିଜକୁ ଧନ୍ୟ ମନେ କରିବା ସହ ବୁଦ୍ଧିଜିବୀ ଓ ଶ୍ରଦ୍ଧାଳୁମାନଙ୍କ ତରଫରୁ ସାଧୁବାଦ ଦିଆଯାଇଛି।

# କାର୍ଯ୍ୟକ୍ଷମ ହେଲା ଅଚଳ ଲାଇଟ୍



**ମହାକାଳପଡ଼ା, ୩।୮ (ସଂଚାର ବ୍ୟୁରୋ):** ଦୀର୍ଘ ୬ ମାସ ଧରି ଅଚଳ ହୋଇପଡିଥିବା ଷ୍ଟିଟ ଲାଇଟ୍ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯାଇଛି । ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତରେ ଷ୍ଟିଟ ଲାଇଟ୍ ଲଗା ଓ ମରାମତିରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଥିଲା। ୬ ମାସ ପୂର୍ବରୁ ଲାଇଟ୍ ଲଗାଯାଇଥିବା ବେଳେ ୨୧ ଫେବୃଆରୀ ୨୦୨୫ ରେ ୫ମ ରାଜ୍ୟ ଅର୍ଥ କମିଶନ ଅନ୍ତର୍ଗତରେ ୨,୮୮,୦୦୦ ଟଙ୍କା ଖର୍ଚ୍ଚ କରାଯାଇ ମରାମତି କରାଯାଇଛି ବୋଲି ତଥ୍ୟ ସାମ୍ନାକୁ ଆସିଥିଲା। ଯାହାକୁ ନେଇ ହଟଚମଟ ଦେଖାଦେଇଥିଲା। ଆଜି ଅଚଳ ହୋଇ ପଡିଥିବା ଲାଇଟ୍ ଗୁଡିକ ପୁଣି କାର୍ଯ୍ୟକ୍ଷମ କରାଯାଇଛି।

## ଭୁଶୁଡୁଛି ବିଜେଡି ଗଡ଼

# ମହାକାଳପଡ଼ାରେ ବିଜେପି ହେଉଛି ଶକ୍ତିଶାଳୀ

**କେନ୍ଦ୍ରାପଡ଼ା,୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ଗଡ ଭୁଷୁଡିବାରେ ଲାଗିଛି। ଗତ ସାଧାରଣ ନିର୍ବାଚନରେ ବହୁବାର ମହାକାଳପଡା ବିଧାନସଭା ଦଖଲରେ ଥିବା ବିଜେଡିର ବରିଷ୍ଠ ନେତା ଅତନୁ ସବ୍ୟସାଚୀ ନାୟକ ବହୁ ବ୍ୟବଧାନରେ

## ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି କର୍ମୀ

ନବାଗତ ବିଜେପି ପାର୍ଥୀ ଡ଼ ଦୁର୍ଗା ପ୍ରସନ୍ନ ନାୟକଙ୍କ ଠାରୁ ପରାସ୍ତ ହୋଇ ନିଜର ରାଜନୈତିକ ସ୍ଥିତି ହରାଇଥିଲେ। ଅତନୁ ଗଡ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ କରୁଥିବା ବେଳେ ନୂତନ ଭାବେ ବିଧାୟକ ପାର୍ଥି ହୋଇ ଦୁର୍ଗା ପ୍ରସନ୍ନ ନାୟକଙ୍କ କର୍ତ୍ତବ୍ୟ ପରାୟଣତା ପାଇଁ ମହାକାଳପଡାରେ ଆଦୃତ ହେଉଥିବା ବେଳେ ଅତନୁ ଦିନକୁଦିନ ନିଗୃହିତ ହେବାରେ ଲାଗିଛନ୍ତି। ପ୍ରଥମେ ମହାକାଳପଡା ପଞ୍ଚାୟତ ସମିତି ଦଖଲପରେ ଏବେ ମହାକାଳପଡା




ବ୍ଲକ ଓ ମାର୍ଶାଘାଇ ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ଅତନୁଙ୍କୁ ନିର୍ବାସନ ଦେଇ ଆଜି ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଏକଦା ଆପ୍ରତିଦୋନ୍ଦି ନେତାର ସ୍ୱପ୍ନ ଦେଖି ଏବେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ରଣ କୌଶଳରେ ଛନ୍ଦି ହୋଇ ପଡିଛି। ବିଜେଡିର ବିଭିନ୍ନ ବର୍ଗର ନେତାମାନେ ଏବେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ଡବଲ ଇଞ୍ଜିନ ସରକାରରେ ସାମିଲ ହୋଇଛନ୍ତି।

ଶନିବାର ଦିନ କେନ୍ଦ୍ରାପଡାସ୍ଥ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଏକ ମେଗା ମିଶ୍ରଣ ପର୍ବରେ ମହାକାଳପଡା ବ୍ଲକର ବଡିହି ସମିତି ସଭ୍ୟ, ଦେଉଳପଡା ସମିତିସଭ୍ୟ, ତେରଗାଁ ପଞ୍ଚାୟତ ସରପଞ୍ଚ, ବଡକୂଳ ସରପଞ୍ଚ, ରାମନଗର ସରପଞ୍ଚ, ପେଟଛେଲା ସରପଞ୍ଚ, ସମିତିସଭ୍ୟ, ଖରିନାସୀ ସରପଞ୍ଚ, ଯଦୁପୁର ସରପଞ୍ଚ, ବଉଳକଣୀ ସମିତିସଭ୍ୟ, ବତୀଘର ସରପଞ୍ଚ, ବିଜୟନଗର ସମିତିସଭ୍ୟ, ଅଳାଇଲୋ ସରପଞ୍ଚ ଓ ସମିତିସଭ୍ୟ, ଖୁରୁସିଆ ସରପଞ୍ଚ ଓ ସମିତିସଭ୍ୟ, ପାଟଳିପଙ୍କ ସମିତିସଭ୍ୟା, ଅମେଇପାଳ ସମିତିସଭ୍ୟା, କରଞ୍ଜ ସରପଞ୍ଚ, ଗଗୁଆ ସରପଞ୍ଚ, ଗଡରୋମିତ ସରପଞ୍ଚ, ମହାକାଳପଡା ସମିତିସଭ୍ୟ, ସୁନିତୀ ସରପଞ୍ଚ ଓ ସମିତିସଭ୍ୟା, ଜୟଚନ୍ଦ୍ରପୁର ସରପଞ୍ଚ, ତିଖିରୀ ସମିତିସଭ୍ୟା, ବଡକୂଳ ସମିତିସଭ୍ୟା ଓ ବାରତାଙ୍ଗ ସମିତି ସଭ୍ୟଙ୍କ ସମେତ ମାର୍ଶାଘାଇ ବ୍ଲକର ବରିଷ୍ଠ ବିଜେଡି ନେତା ତଥା କୃଷକ ନେତା ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଗରଜଙ୍ଗା ସରପଞ୍ଚ ଓ ସମିତିସଭ୍ୟ, ତାଳସଙ୍ଗା ସରପଞ୍ଚଓ ସମିତିସଭ୍ୟ, ବଟିରା ସରପଞ୍ଚ ଓ ସମିତିସଭ୍ୟା, ପରକୁଳା ସରପଞ୍ଚ ଓ ସମିତିସଭ୍ୟ, ମଙ୍ଗରାଜପୁର ସରପଞ୍ଚ ଏବଂ ମାର୍ଶାଘାଇ ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ ଆଜି ବିଜୁ ଜନତା ଦଳ ତ୍ୟାଗକରି ଭାରତୀୟ ଜନତା ପାର୍ଟିରେ ସେମାନଙ୍କର ଶତାଧିକ ସମର୍ଥକଙ୍କ ସହିତ ସାମିଲ ହୋଇଛନ୍ତି।

# ରୁକ୍ମଣୀଙ୍କ ହେଲା ଭୋଟର କାର୍ଡ ସଂଶୋଧନ




## ଆଧାର ଓ ଭୋଟରରେ ରହିଥିଲା ତ୍ରୁଟି

### ଖୁବ୍ ଶୀଘ୍ର ପାଇବେ ବର୍ଦ୍ଧିତ ଭତ୍ତା

**ମହାକାଳପଡ଼ା,୩।୮ (ସଂଚାର ବ୍ୟୁରୋ):** ଆଧାର କାର୍ଡ ଓ ପାଖରେ ଥିବା ଭୋଟର କାର୍ଡ ରେ ବୟସ ୮୦ ବର୍ଷ। କିନ୍ତୁ ଅନଲାଇନ ଭୋଟର କାର୍ଡ ରେ ତ୍ରୁଟି ଯୋଗୁଁ ବୟସ ଦେଖାଉଥିଲା ୬୪ ବର୍ଷ। ଯେଉଁଥିପାଇଁ ଜଣେ ୮୦ ବର୍ଷୀୟା ବୃଦ୍ଧା ଦ୍ୱନ୍ଦ୍ୱରେ ପଡ଼ିବା ସହିତ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଥିଲେ। ଏନେଇ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ଦେଖାଇବା ସହିତ ତାଙ୍କର ଭୋଟର କାର୍ଡ ସଂଶୋଧନ କରାଇଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଖରିନାସି ପଞ୍ଚାୟତ ହରିଆ ବାଙ୍କ ଗ୍ରାମର ରୁକ୍ମିଣୀ ପ୍ରଧାନ ଜଣେ ୮୦ ବର୍ଷୀୟା ବୃଦ୍ଧା। ତାଙ୍କର ଆଧାର କାର୍ଡ ଓ ଭୋଟର କାର୍ଡରେ ଜନ୍ମ ତାରିଖ ରହିଛି ୧୯୪୫। ୮୦ ବର୍ଷ ଯୋଗୁଁ ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ୩୫୦୦ ପାଇବା ନିମନ୍ତେ ଆବେଦନ ପାଇଁ ଅଞ୍ଚଳର ସମାଜସେବୀ ହରେକୃଷ୍ଣ ପାତ୍ର ଙ୍କ ନିକଟକୁ ଯାଇଥିଲେ। ପାଖରେ ଥିବା ଆଧାର କାର୍ଡ ଓ ଭୋଟର କାର୍ଡର ତଥ୍ୟ ତ ଠିକ୍ ଥିଲା ହେଲେ ଅନଲାଇନରେ ଯେଉଁ ଭୋଟର କାର୍ଡ ଉପଲବ୍ଧ ହୋଇଛି ସେଥିରେ ରୁକ୍ମିଣୀଙ୍କ ବୟସ ୬୪ ବର୍ଷ ବୋଲି ଜାଣାଇଥିଲେ ହରେକୃଷ୍ଣ। ଯାହା ଉଭୟଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରୁକ୍ମଣୀଙ୍କ ୨୦ ବର୍ଷ ଧରି ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କା ଲେଖାଏଁ ପାଇ ଆସୁଛନ୍ତି। ତାଙ୍କର ବଡ଼ ପୁଅ ନନ୍ଦକିଶୋର ପ୍ରଧାନଙ୍କୁ ମଧ ୬୨ ବର୍ଷ ହେଲାଣି। ହେଲେ ପ୍ରଶାସନର ଦାୟିତ୍ୱ ହୀନତା ଯୋଗୁଁ ରୁକ୍ମିଣୀଙ୍କୁ ୮୦ ବର୍ଷ ହୋଇସାରିଥିଲେ ମଧ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଏନେଇ ୨୮ ଜୁଲାଇ ରେ "ବୟସ ୮୦ ନା ୬୪" ଶୀର୍ଷକ ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ଦେଖାଇଥଲା। ରୁକ୍ମଣୀ ଙ୍କ ଘରୁ କାଗଜପତ୍ର ଯାଞ୍ଚ୍ କରିବା ପରେ ତାଙ୍କର ଅନଲାଇନ ଭୋଟର ପରିଚୟ ପତ୍ର ସଂଶୋଧନ କରାଯାଇଛି। ଯେଉଁଥିରେ ତାଙ୍କୁ ୮୦ ବର୍ଷ ବୋଲି ଦେଖାଯାଇଛି। ସେ ଏବେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବା ପାଇଁ ଯାଉଛନ୍ତି।

# ଓକିଲ ସଂଘ ପକ୍ଷରୁ ଚାରାରୋପଣ



**ପଟ୍ଟାମୁଣ୍ଡାଇ,୩।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଓକିଲ ସଂଘ ପକ୍ଷରୁ ବେଲତଳ ବେଲେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଉପଲକ୍ଷେ ଓକିଲ ସଂଘ ସଭାପତି ସୂର୍ଯ୍ୟରଞ୍ଜନ ରାଉଳଙ୍କ ପୌରହିତ୍ୟ ରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟି, ସବଜଜ ଅପୂର୍ବା ମହାନ୍ତି. ଜେ ଏମ ଏଫ ସି ବିଦ୍ୟୁତଲତା ପ୍ରଧାନ ଓ ଡି କେ ବାଲକ୍ରିଷ୍ଣନ , ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ. ଉପସଭାପତି ସୁରେଶ କୁମାର ନରେନ୍ଦ୍ର ଯୁଗ୍ମ ସମ୍ପାଦକ ମନୋଜ କୁମାର ମହାନ୍ତି ପ୍ରକାଶ ପାତ୍ର. ପ୍ରମୋଦ ବିଶ୍ୱାଳ ପ୍ରମୋଦ ସାହୁ, ଧୀରେନ୍ଦ୍ର ସାହୁ, ଭବାନୀ ପଣ୍ଡା, ବିଜୟ ରାଉତ. ଗୋପୀନାଥ ତ୍ରିପାଠୀ. ଅଶ୍ୱିନୀ ବେହେରା, ଜିତେନ୍ଦ୍ର ନନ୍ଦୀ, ସତ୍ୟ ପ୍ରକାଶ ନାୟକ, ଗୟାଚାନ୍ଦ ପରିଡା କାଉନସିଲର ଗୋପୀବଲ୍ଲଭ ନାୟକ ସମାଜସେବୀ ଉମାବଲ୍ଲଭ ନାୟକ ଓ କବି ଗୌରାଙ୍ଗ ଚରଣ ମହାନ୍ତି ବହୁ ଆଇନଜୀବୀ ମାନ୍ୟଗଣ୍ୟ ବ୍ୟକ୍ତି ସମାଜସେବୀ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଏଇ ଅବସରରେ ମନ୍ଦିର ପ୍ରାଙ୍ଗଣରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ।

# ଧାନ ମନ୍ଦିରରେ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

**ପଟ୍ଟାମୁଣ୍ଡାଇ,୩।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ବେଲତଳ ହରିହରାନନ୍ଦ ଧାନ ମନ୍ଦିର ଠାରେ ରକ୍ତାଦାନ ଶିବିର ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆନ୍ତର୍ଯ୍ୟାତିକ ଖ୍ୟାତିସମ୍ପନ୍ନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ୬୬ତମ ଜୟନ୍ତୀ ଉପଲକ୍ଷେ ଆସନ୍ତା ଅଗଷ୍ଟ ୧୦ ତାରିଖରେ ରକ୍ତଦାନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ଶିବିରକୁ ସବୁମତେ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ କରାଯାଇଥିଲା । ଶିକ୍ଷାବିତ ଅଭିମନ୍ୟୁ ପଢିହାରୀଙ୍କ ପୌରହିତ୍ୟ ରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସ୍ୱାମୀ ବ୍ରଜେଶାନନ୍ଦ ଗିରି, ପାବନୀ କୁମାର ରାଉତ ସଂଯୁକ୍ତା ବିଶ୍ୱାଳ , ନବେନ୍ଦୁ ବାଗଚି , ସ୍ୱାମୀ ଧାନନିଷ୍ଠାନନ୍ଦ ଗିରି, ଗୋପିନାଥ କର , ଗୌରାଙ୍ଗ ଚରଣ ମହାନ୍ତି , ବିଜୟ କୁମାର ରାୟ , ବ୍ରଜକିଶୋର ପଣ୍ଡା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇ ଥିଲେ । ଶେଷରେ ଦୁଷ୍ମନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।



# ପୋଲ ଭୁଶୁଡ଼ିବାରୁ କେନାଲକୁ ଖସିପଡ଼ିଲା କାଠ ବୋଝେଇ ଟ୍ରାକ୍ଟର



**ସାଲେପୁର,୩।୮ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ପୋଲ ଦେଇ କାଠ ବୋଝେଇ ଟ୍ରାକ୍ଟର ଯାଉଥିବାବେଳେ ପୋଲଟି ଭୁଷୁଡ଼ି ପଡ଼ିବାରୁ ଟ୍ରାକ୍ଟରଟି କେନାଲ ଭିତରକୁ ପଶିଯାଇଥିବା ବେଳେ ଟ୍ରାକ୍ଟର ଚାଳକ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିବା ଜଣାଯାଇଛି।

ଖବରରୁ ପ୍ରକାଶ ଯେ ଆଜି ଅପରାହ୍ନ ରେ ଏକ ଟ୍ରାକ୍ଟର ଚାକୁଣ୍ଡା କାଠ ବୋଝେଇ କରି ଭାତପଡ଼ା ନିକଟରେ ଯାଉଥିବାବେଳେ ଭାତପଡ଼ା ଗ୍ରାମ ନିକଟରେ ୪ନଂ କେନାଲ ଉପରେ ନିର୍ମିତ ପୋଲ ଦେଇ ମୁଖ୍ୟରାସ୍ତାକୁ ଯାଉଥିବାବେଳେ ପୋଲଟି ହଠାତ୍ ଭୁଷୁଡ଼ି ପଡ଼ିବାରୁ ଟ୍ରାକ୍ଟରଟି କେନାଲ ଭିତରକୁ ଅଧାଅଧି ଖସିପଡ଼ିଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାଯାଇଛି। ଏହି ପୋଲଦେଇ ନିୟମିତ ସ୍କୁଲ ଗାଡ଼ି ଠାରୁ ଆରମ୍ଭ କରି ଛୋଟ ଛୋଟ ପିଲାମାନେ ମଧ ବିଦ୍ୟାଳୟକୁ ଯାତାୟତ କରୁଥିବାବେଳେ ଭାତପଡ଼ା ଓ ନାନ୍ଦୋଳ ଅଞ୍ଚଳର ଲୋକମାନେ ଯାତାୟତ କରିଥାନ୍ତି। ଏହି ପୋଲଟି ଦୀର୍ଘଦିନ ହେବ ବିପଦ ସଂକୁଳ ଅବସ୍ଥାରେ ରହିଥିବାବେଳେ ଏହି ପୋଲ ଭଙ୍ଗାଯାଇ ନୂତନ ଭାବେ ନିର୍ମାଣ ପାଇଁ ନାନ୍ଦୋଳ ପଞ୍ଚାୟତ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ମଧ ଅଭିଯୋଗ କରିଥିଲେ। କିନ୍ତୁ ଅଦ୍ୟାବଧି ପୋଲଟି ନିର୍ମାଣ ହୋଇନଥିବାରୁ ବାଧ ହୋଇ ଏହି ବିପଦ ସଂକୁଳ ପୋଲରେ ସ୍କୁଲ ଗାଡ଼ିଠାରୁ ଆରମ୍ଭ କରି ଗ୍ରାମବାସୀମାନେ ଯାତାୟତ କରିଥାନ୍ତି। ଆଜି ଏହି ପୋଲ ଦେଇ ଟ୍ରାକ୍ଟର ଯାଉଥିବାବେଳେ ଏହି ଅଘଟଣ ଘଟିଛି। ତେଣୁ ତୁରନ୍ତ ଏହିଠାରେ ପୋଲ ନିର୍ମାଣ କରିବାପାଇଁ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକଙ୍କ ସମେତ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଏଣିକି ଡିଜିଟାଲ ମୋଡ୍‌ରେ ଫାଇଲ କାର୍ଯ୍ୟ

**କେନ୍ଦ୍ରାପଡ଼ା, ୩।୮ (ସଂଚାର ବ୍ୟୁରୋ):** ଏଣିକି ଆଉ କାଗଜ ଫାଇଲ ଦେଖିବାକୁ ମିଳିବ ନାହିଁ ଡିଜିଟାଲ ମୋଡରେ କାର୍ଯ୍ୟ କରିବ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ । ବ୍ଲକ ଠାରୁ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ଡିଜିଟାଲ ବ୍ୟବସ୍ଥା ଲାଗୁ ହୋଇଛି। ଏହାକୁ ଓସ୍ୱାସ (ଓଡିଶା ଷ୍ଟେଟ ୱାର୍କ ଫ୍ଲୋ ଅଟୋମେସନ ସିଷ୍ଟମ) କୁହାଯାଏ। ଏହି ପରିପ୍ରେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତା ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମସ୍ତ ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ଅଧିକାରୀ ମାନଙ୍କୁ ଏଣିକି "ଓସ୍ୱାସ" ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଦ୍ୱାରା ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ସାଧାରଣ ଜନତା ଏଥିରୁ ଉପକୃତ ହେବା ସହିତ ପ୍ରଶାସନିକ ସ୍ୱଚ୍ଛତା ଏହା ପ୍ରତିପାଦିତ ହେବ ବୋଲି କୁହାଯାଇଛି ।



ଆଜିର ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଓକାକ ର ଡମେନ ଆଡ଼ଭାଇଜର ସତ୍ୟ ରଞ୍ଜନ ସାହୁ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ନବକ୍ରିଷ୍ଣ ଜେନା ସମେତ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଚାରାରୋପଣ କଲା ସଂକଳ୍ପ ସେବା ଫାଉଣ୍ଡେସନ




**ଗରଦପୁର, ୩।୮ (ସଂଚାର ବ୍ୟୁରୋ):** ଆଜି ବିଶ୍ୱ ବନ୍ଧୁତା ଦିବସ ଏବଂ ବନ୍ଧୁ ପାଇଁ ଦିନ ଟିଏ। ପ୍ରତିବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାର 'ବନ୍ଧୁତା ଦିବସ' ଭାବେ ପାଳନ କରାଯାଉଛି। ତେବେ ବନ୍ଧୁତା କେବଳ ମଣିଷ ମାନଙ୍କ ସହ ନୁହେଁ ଗଛ ସହିତ ମଧ ହୋଇପାରେ । ଏହି ଉଦ୍ଦେଶ୍ୟ ରେ କିଛି ଯୁବକ ନିଆରା ଭାବେ ବନ୍ଧୁତ୍ୱ ପାଇଁ ଗଛଟିଏ ନାରା ଦେଇ ବୃକ୍ଷ ରୋପଣ କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ତଳକୁସୁମା ପଞ୍ଚାୟତର ତେନ୍ତୁଳ ମଣ୍ଡପ ଠାରେ ସଂକଳ୍ପ ସେବା ଫାଉଣ୍ଡେସନ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଥମେ ତେନ୍ତୁଳ ମଣ୍ଡପ ପରିସରରୁ ଆରମ୍ଭ କରି ବିଭିନ୍ନ ସ୍ଥାନ ଯଥା,ତେନ୍ତୁଳ କାଳି ମନ୍ଦିର, ସ୍କୁଲ , କୋରୁଆ ଅଗ୍ନିଶମ ବାହିନୀ କେନ୍ଦ୍ର , କୁଦାନଗରି ପୋଲିସ୍ ଷ୍ଟେସନ, ପଲ୍ଲିଶ୍ରୀ ମହିଳା ସମିତି କୋରୁଆ ପରିସରରେ ଭିନ୍ନ ଭିନ୍ନ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନ କର୍ମକର୍ତ୍ତା ଶାଶ୍ୱତ ବିଶ୍ୱାଳ, ଆନନ୍ଦ ମହାପାତ୍ର, ବିଶାଳ ସ୍ୱାଇଁ, ବିଶ୍ୱଜିତ୍ ସେଠୀ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ବନ୍ତଳା , ତଳକୁସୁମା ସରପଞ୍ଚ , ସମିତିସଭ୍ୟ ଉକ୍ତ କାର୍ଯ୍ୟକ୍ରମ ରେ ଉପସ୍ଥିତ ରହିଥିଲେ।

# ଦେଶୀମଦ ଜବତ, ଜଣେ ଗିରଫ

**ସାଲେପୁର, ୩।୮ (ସଂଚାର ବ୍ୟୁରୋ):** ନିଜ ଘର ନିକଟରେ ଚୋରା ଦେଶୀ ମଦ ବିକ୍ରୟ କରୁଥିବାବେଳେ ଜପକୁଦ ଫାଣ୍ଡି ପୁଲିସ ଚୋରା ମଦ ବ୍ୟବସାୟୀକୁ ଗିରଫ କରିବା ସହ ତା’ ନିକଟରୁ ୪୦ବୋତଲ ଆସ୍କାଫଟି ଜବତ କରିଥିବା ଜଣାଯାଇଛି। ପ୍ରକାଶ ଯେ ଜପକୁଦ ଫାଣ୍ଡି ଅନ୍ତର୍ଗତ ନରଦା ଅଞ୍ଚଳର ମୁରଲୀଧର ମଲିକ ନିଜ ଘର ନିକଟରେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବାର ଜପକୁଦ ଫାଣ୍ଡି ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୁରଲୀଧର ନିକଟରୁ ୪୦ବୋତଲ ଦେଶୀ ମଦ ଜବତ କରିବା ସହ ମୁରଲୀକୁ ଗିରଫ କରିଥିବା ଜଣାଯାଇଛି।

# ‘ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ୩।୮ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ସ୍ତରୀୟ ‘ଶିଶୁ ପାଇଁ ଦିନଟିଏ’ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁସମା ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହନସିଂ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭସ୍ମିତା ତ୍ରିପାଠୀ,ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସମେତ ସମସ୍ତ ସିଡିପିଓ ବୈଠକରେ ଯୋଗ ଦେଇଥିଲେ। ବୈଠରେ ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଶିଶୁ ଅଧିକାର, ଶିଶୁ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ, ଲିଙ୍ଗ ଅନୁପାତ ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା ହୋଇଥିଲା। ଶିଶୁ ମାନଙ୍କ କ୍ଷେତ୍ରରେ ଜିଲ୍ଲାର ଆଶାନୁରୂପ ସଫଳତା ନ ଥିବାରୁ ବିଭାଗୀୟ ଅଧିକାରୀ ଏ ସଂକ୍ରାନ୍ତରେ ସକ୍ରିୟଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶିଶୁ ହେଲ୍ପ ଲାଇନରେ ଆସୁଥିବା ଅଭିଯୋଗ ଗୁଡିକ ମଧ ଜିଲ୍ଲାପାଳ ସମୀକ୍ଷା କରିଛନ୍ତି। ଶିଶୁ ଶ୍ରମିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚଢାଉକୁ ଜୋରଦାର କରିବା, ବାଲ୍ୟ ବିଭାଗ ରଖିବାକୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ, ଲିଙ୍ଗ ଅନୁପାତ ହ୍ରାସ ଇତ୍ୟାଦି ବିଷୟରେ ଜିଲ୍ଲାପାଳ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି ।

# ଚାଷ ଜମିର ଶେଷ ମୁଣ୍ଡରେ ପହଞ୍ଚୁନି ପାଣି

**ସାଲେପୁର, ୩।୮ (ସଂଚାର ବ୍ୟୁରୋ):** ଜଳସେଚନ ବିଭାଗର ଖାମଖିଆଲୀ ନୀତି ଯୋଗୁଁ ଅଦ୍ୟାବଧି ସାଲେପୁର ଅଞ୍ଚଳରେ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବିଭିନ୍ନ ଶାଖା କେନାଲ ଗୁଡିକର କାଡ଼ା କେନାଲ ଗୁଡିକ ସଫେଇ କରାଯାଇନଥିବାରୁ ଚାଷ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁନଥିବାରୁ ଚାଷକାର୍ଯ୍ୟରେ ବିଳମ୍ବ ଘଟୁଛି। ଫଳରେ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଚାଷ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଥିବାବେଳେ କେନ୍ଦ୍ରାପଡ଼ା କେନାଲରୁ ବାଲିସାହି ନିକଟରେ ବାହାରିଥିବା ବି.-୨ ଶାଖା କେନାଲ ଅଦ୍ୟାବଧି ସଫେଇ ହୋଇନଥିବାରୁ କେନାଲରେ ଆଣ୍ଠୁଏ ଉଚ୍ଚର ଘାସ ମାଡ଼ି ରହିଛି। ଫଳରେ ଏହି କେନାଲରେ ପାଣି ଯାଇପାରୁନଥିବାରୁ ଜମିର ଶେଷ ମୁଣ୍ଡରେ କେନାଲ ପାଣି ପହଞ୍ଚିପାରୁନାହିଁ। ଫଳରେ ଚାଷୀମାନେ ଚାଷକାର୍ଯ୍ୟ କରିବାକୁ ସକ୍ଷମ ହେଉନଥିବାବେଳେ ବର୍ଷା ପାଣି ଉପରେ ନିର୍ଭର କରି ନଛଗୁଆଁ, ବାଲିଆ, ଶଙ୍କରପୁର, ଚନ୍ଦ୍ରାଦେଇପୁର, କଣ୍ଟାସାହି, ବାଲିସାହି ସମେତ ବିଭିନ୍ନ ଅଞ୍ଚଳର ଚାଷୀମାନେ ଚାଷ କାର୍ଯ୍ୟକରିବାକୁ ବାଧ ହେଉଛନ୍ତି। ଅପର ପକ୍ଷରେ ଆବଶ୍ୟକୀୟ ବର୍ଷା ହେଉନଥିବାରୁ କେତେକ ଅଞ୍ଚଳରେ ଚାଷକାର୍ଯ୍ୟ ବିଳମ୍ବ ହେଉଛି। ଏହାନେଇ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ବ୍ଲକ ଅଞ୍ଚଳରେ ଥିବା କାଡ଼ା କେନାଲକୁ ତୁରନ୍ତ ସଫା କରିବା ସହ ମରାମତି କରିବାକୁ ଏହି ଅଞ୍ଚଳର ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।



### ବଳଙ୍ଗା ପୀଡ଼ିତା ମୃତ୍ୟୁ ପରେ ବିଜେଡିର ତୀବ୍ର ପ୍ରତିକ୍ରିୟା

# ଅଭିଯୁକ୍ତଙ୍କୁ ଖସାଇବାକୁ ପୁଲିସର ସୁଇସାଇଡ୍ ଥିଓରୀ

ଭୁବନେଶ୍ୱର, ୩।୮(ସଂଚାର ବ୍ୟୁରୋ): ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ବିଜୁ ଜନତା ଦଳ ଆଜି ରାଜ୍ୟ ବିଜେପି ସରକାରଙ୍କୁ ଦାୟୀ କରିବା ସହିତ ରାଜ୍ୟରେ ଛାତ୍ରୀ ଓ ନାରୀଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଛି। ରାଜ୍ୟ ସରକାର ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ବିଜୁ ଜନତା ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ, ଟୁକୁନି ସାହୁ ଓ ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।



ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ବଳଙ୍ଗା ଘଟଣାକୁ ଦୁଇ ସପ୍ତାହ ବିତିଯିବା ପରେ ମଧ୍ୟ ଏଥିରେ ସମ୍ପୃକ୍ତ ଅପରାଧୀମାନେ ଧରାନପଡିବା ପୋଲିସ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠିଛି। ବଳଙ୍ଗା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିର୍ବାଚନମଣ୍ଡଳୀ ହୋଇଥିବାରୁ ଏହି ମାମଲାରେ ତାଙ୍କର କିଛି ଘନିଷ୍ଠ ସହଯୋଗୀ ତଥା ବିଜେପି କର୍ମୀଙ୍କ ସମ୍ପୃକ୍ତି ରହିଛି ବୋଲି ଜନସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ଅପରାଧୀ ମାନଙ୍କୁ ଘଣ୍ଟ ଘୋଡ଼ାଇବାକୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଭାବେ ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ମନ୍ତବ୍ୟ ରଖିବା ଘଟଣାକୁ ଅଧିକ ସନ୍ଦେହ ଘେରକୁ ନେଇଛି। ଟୁକୁନି ସାହୁ କହିଥିଲେ, ଗତ ଏକ ବର୍ଷର ବିଜେପି ଶାସନରେ ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ହୋଇପଡିଛନ୍ତି। ସରକାର ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ, ତାଙ୍କ ପରିବାରକୁ କୋଡିଏ ଲକ୍ଷ ଟଙ୍କା ଦେଇ ପରିବାରର ମୁହଁ ବନ୍ଦ କରୁଛନ୍ତି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ପୀଡ଼ିତାକୁ ନ୍ୟାୟ ଦେବା ପାଇଁ ଓ ରାଜ୍ୟର ନାରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବିଜୁ ଜନତା ଦଳ ଲଢେଇ ଜାରି ରଖିବ ବୋଲି ଶ୍ରୀମତୀ ସାହୁ କହିଥିଲେ। ଡ. ସାମନ୍ତସିଂହାର କହିଥିଲେ, ରାଜ୍ୟରେ ଗୋଟିଏ ମାସ ଭିତରେ ଘଟିଥିବା ଦୁଇ ଦୁଇଟି ଘଟଣାକୁ ଆତ୍ମହତ୍ୟା କୁହାଯାଉଥିଲେ ବି, ବାସ୍ତବରେ ଏହା ହତ୍ୟା। ସରକାରୀ ବ୍ୟବସ୍ଥା ଓ ପୋଲିସ ପ୍ରଶାସନର ଭୂମିକା ନିଶ୍ଚିତ ଭାବେ ସନ୍ଦେହ ଘେରରେ ରହିଛି। ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲେ ମଧ୍ୟ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲା ନାହିଁ। ବଳଙ୍ଗା ଘଟଣାରେ, ପୀଡ଼ିତାଙ୍କ ମୃତ୍ୟୁ ପରେ ପୋଲିସ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ନାହିଁ ବୋଲି ଏକ ନୂଆ ଥିଓରୀ ଆଣିଛି। ପୋଲିସର ଏହି ନୂଆ ଥିଓରୀ ସାଧାରଣ ଲୋକଙ୍କ ପାଖରେ ଗ୍ରହଣୀୟ ହୋଇପାରୁନାହିଁ। ଘଟଣା ଘଟିବା ପରେ, ସ୍ଥାନୀୟ ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ ସ୍ୱାମୀ ପୀଡ଼ିତାଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସଦସ୍ୟଙ୍କୁ ଅଜ୍ଞାତବାସରେ ରଖିଥିଲେ। ପୀଡ଼ିତାଙ୍କ ମୃତ୍ୟୁ ପରେ, ପୀଡିତାଙ୍କ ପିତାଙ୍କ ମୁହଁରୁ ରାଜନୀତି କରାନଯାଉ ବୋଲି କୁହାଯାଇଛି। ଏହି ସବୁ ଘଟଣା ସମଗ୍ର ପ୍ରସଙ୍ଗକୁ ଅଧିକ ସନ୍ଦେହ ଘେରକୁ ଠେଲିଦେଇଛି।

## ବସ ଆଗକୁ ଆସିଲା ହାତୀ

ଜି.ଉଦୟଗିରି,୩।୮(ସଂଚାର ବ୍ୟୁରୋ): ଜି. ଉଦୟଗିରି ବନାଞ୍ଚଳରେ ଏବେ ହାତୀ ଉପଦ୍ରବ ହେଉଥିବା ଦେଖିବାକୁ ମିଳିଛି। ଆଜି ସକାଳେ ଜି.ଉଦୟଗିରି କଳିଙ୍ଗା ମୁଖ୍ୟ ସଡ଼କରେ ଏକ ହାତୀ ବସ ଆଗକୁ ଚାଲିଆସିଥିବା ଦେଖାଯାଇଛି। ସକାଳୁ ମା’ ଦୁର୍ଗା ନାମକ ଘରୋଇ ବସ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ନନ୍ଦଗିରି ନିକଟ ପଣସବାଙ୍ଗଠାରେ ଏପରି ଏକ ଦୃଶ୍ୟ ଜନସାଧାରଣଙ୍କୁ ହତଚକିତ କରିଦେଇଥିଲା। ଫଳରେ ଯାତ୍ରୀମାନେ ପୂରା ଭୟଭୀତ ହୋଇପଡିଥିଲେ। ପ୍ରାୟ ଦୁଇରୁ ତିନି ମାସ ହେଲା ଉତର ଘୁମୁସର ବନଖଣ୍ଡର ମୁଜାଗଡ ବନାଞ୍ଚଳରୁ ପାଖାପାଖି ୪୮ଟି ହାତୀ ଜି.ଉଦୟଗିରି ବନାଞ୍ଚଳକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୪୫ଟି ଫେରିଯାଇଥିବା ବେଳେ ୩ଟି ହାତୀ ଗତ କିଛିଦିନ ହେଲା ଉକ୍ତ ଅଞ୍ଚଳରେ ଉତ୍ପାତ କରୁଥିବା ବେଳେ ଫସଲ ନଷ୍ଟ କରିବା ସହ ଲୋକଙ୍କ ଘର ଭାଙ୍ଗିଛନ୍ତି। କିଛିଦିନ ତଳେ ଦୁଇଟି ଲୋକଙ୍କୁ ଦଳି ମାରିଦେଇଥିବା ସହ ଦୁଇଟି ବଳଦକୁ ମଧ୍ୟ ମାରିଛନ୍ତି। ଏଥିପାଇଁ ଅଞ୍ଚଳବାସୀ ବନବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଧାରଣା ଦେଇଥିଲେ। ହାତୀ ଘଉଡାଇବା ନେଇ ବିଭାଗ ପ୍ରତିଶୃତି ଦେବାପରେ ଧାରଣାରୁ ଓହରିଥିଲେ। ସେବେଠାରୁ ବନବିଭାଗ କର୍ମଚାରୀ ୪ରୁ ୫ଟି ଟିମ କରି ହାତୀ ଘଉଡାଇବାକୁ ଚେଷ୍ଟା କରୁଥିଲେ ହେଁ ହାତୀ ବନ ବିଭାଗ କର୍ମଚାରୀଙ୍କୁ ନାକେଦମ କରିଥିବା ଜଣାପଡ଼ିଛି।

# ଚାକିରି କରାଇଦେବା ନାଁରେ ୪୨ ଲକ୍ଷ ଠକେଇ




ସାଲେପୁର,୩।୮(ସଂଚାର ବ୍ୟୁରୋ): ଚାକିରି କରାଇଦେବା ବାହାନାରେ ଠକିନେଲେ ୪୨ ଲକ୍ଷ ଟଙ୍କା। କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଞ୍ଚଳ ଗୋବିନ୍ଦପୁର ଗାଁର ସନ୍ତୋଷ ସାହୁ ଏପରି ଏକ ଠକାମିର ଶିକାର ହୋଇଛନ୍ତି। ତାଙ୍କୁ ଏୟାରପୋର୍ଟରେ ଚାକିରି କରାଇଦେବା ନାଁରେ ଏପରି ଠକେଇ ହୋଇଥିବା ଜଣାପଡ଼ିଛି। ଠକି ନେଇଥିବା ଯୁବକ ଜଣଙ୍କ ଭଦ୍ରେଶ୍ୱର ଥାନା କାନପୁର ଗାଁର ସୌମ୍ୟ ରଞ୍ଜନ ନାୟକ ବୋଲି ଜଣାପଡ଼ିଛି। ସନ୍ତୋଷ ଠକେଇ ଅଭିଯୁକ୍ତ ସୌମ୍ୟଙ୍କୁ ଫୋନ୍‌ପେ’ରେ ଉକ୍ତ ଟଙ୍କା ଦେଇଥିବା ଅଭିଯୋଗ କରିଛନ୍ତି। ଏହା ପୂର୍ବରୁ ସନ୍ତୋଷଙ୍କୁ ସୌମ୍ୟ ମିଥ୍ୟା ଜଏନିଂ ଲେଟର୍ ଓ ଆଇ କାର୍ଡ ଦେଇ ତାଙ୍କ ମନରେ ବିଶ୍ୱାସ ଜମାଇଥିଲେ। ପରେ ସନ୍ତୋଷ ତାଙ୍କ ବନ୍ଧୁବାନ୍ଧବଙ୍କୁ ଚାକିରି କରିବା କଥା କହି ଉପରୋକ୍ତ ଟଙ୍କା ଆଣି ସୌମ୍ୟଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ସନ୍ତୋଷ ଜାଣିବାକୁ ପାଇଲେ ଯେ ସେ ଦେଇଥିବା ଜଏନିଂ ଲେଟର ଓ ଆଇ କାର୍ଡ ସବୁ ଜାଲ୍। ତେଣୁ ସେ ସୌମ୍ୟଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। କିନ୍ତୁ ସୌମ୍ୟ ଏନେଇ ସନ୍ତୋଷଙ୍କୁ ହତ୍ୟା ଧମକ ଦେଇଥିଲେ। ତେଣୁ ଶେଷରେ ସନ୍ତୋଷ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏହି ଘଟଣାର ଉପଯୁକ୍ତ ତଦନ୍ତ ହେଲେ ଏଥିରେ ବହୁ ବଡ଼ବଡ଼ିଆ ଫସିବେ ବୋଲି ମଧ୍ୟ ସନ୍ତୋଷ ଦାବି କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଗଛ ସହ ବନ୍ଧୁତ୍ୱ ଦିବସ ପାଳିତ




ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ଆଜି ଅନ୍ତର୍ଜାତୀୟ ବନ୍ଧୁତ୍ୱ ଦିବସ ତୁଷାର ଚାରିଟେବୁଲ ଟ୍ରଷ୍ଟ ଓ ମା’ ସୁନାଦେଇ ପ୍ରତଷ୍ଠାନ ପକ୍ଷରୁ ଏହାକୁ ଏକ ନିଆରା ଢଙ୍ଗରେ ପାଳନ କରାଯାଇଛି। ବୃକ୍ଷ ହିଁ ପ୍ରକୃତ ବନ୍ଧୁ ବୋଲି ଦର୍ଶାଇବାକୁ ଯାଇ ଆଗାମୀ ପିଢ଼ି ପାଇଁ ଗଛଟିଏର ନାରା ଦେଇ ଉଭୟ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ୟୁନିଟ୍-୯ ଫ୍ଲାଟ ବିଏସ୍‌ଏନଏଲ ପାର୍କରେ ଗଛ ସହ ବନ୍ଧୁତ୍ୱ ଦିବସ ପାଳନ କରାଯାଇଛି। ଏହା ମାଧ୍ୟମରେ ବୃକ୍ଷ ପ୍ରତି ଜନସାଧାରଣଙ୍କ ମଧ୍ୟରେ ଭଲ ପାଇବା ସୃଷ୍ଟି କରିବା ଦିଗରେ ସଚେତନତା ପାଇଁ ଉଦ୍ୟମ କରାଯାଇଛି। ଏ ସମ୍ପର୍କରେ ତୁଷାର ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ବିବେକାନନ୍ଦ ବାରିକ କହିଛନ୍ତି ଯେ ମନୁଷ୍ୟ ଓ ବୃକ୍ଷ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି। ବେଳେ ବେଳେ ମଣିଷ ନିଜ ସ୍ୱାର୍ଥପାଇଁ ଗଛଗୁଡ଼ିକୁ କାଟିଥାଏ, କିନ୍ତୁ ଗଛ କେବେ ମଣିଷକୁ ଧୋକା ଦେଇନଥାଏ। ୧୯୯୯ ମହାବାତ୍ୟା ପରେ ଲଗାଯାଇଥିବା ଚାରାଟି ଆଜି ବିରାଟ ବୃକ୍ଷରେ ପରିଣତ ହୋଇ ଅମ୍ଳଜାନ ପ୍ରଦାନ କରିବା ସହ ପରିବେଶ ପ୍ରଦୂଷଣକୁ ଦୂର କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମାତ୍ର ଦୁଃଖର ବିଷୟ କ୍ରମାଗତ ଭାବରେ ବୃକ୍ଷଛେଦନ ଫଳରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଇ ଚାଲିଛି। ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡୁଛି। ଚାଷକାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହେଉଛି ଏବଂ ଚାଷୀ ଚାଷରେ କ୍ଷତି ସହୁଛି। ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନଥିବାରୁ ଅମ୍ଳଜାନର ଅଭାବ ପରିଲକ୍ଷିତ ହେଲାଣି। ଦିଲ୍ଲୀ, ମୁମ୍ବାଇ ସହର ଭଳି ଓଡ଼ିଶାରେ ଅକ୍ସିଜେନ ପାର୍ଲର ଖୋଲି ଅମ୍ଳଜାନ ବିକ୍ରି ହେଲାଣି। ତେଣୁ ଏସବୁକୁ ଦୃଷ୍ଟିରେ ଆଜିର ଯୁବପିଢ଼ି ଧୈର୍ଯ୍ୟ ନ ହରାଇ ପର୍ଯ୍ୟାପ୍ତ ପରିମାଣରେ ଗଛ ଲଗାଇବାକୁ ଶ୍ରୀ ବାରିକ ନିବେଦନ କରିଥିଲେ। ଅନୁଷ୍ଠାନର ଏତାଦୃଶ କାର୍ଯ୍ୟକ୍ରମକୁ ଅତିଥିମାନ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ବ୍ୟାପକ ସଂଖ୍ୟାରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁନରାମ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବପିଢ଼ି ଯୋଗଦାନ କରି ଗଛ ସହିତ ବନ୍ଧୁତ୍ୱ ଦିବସ ପାଳନ କରିଥିଲେ।

# ଏନ୍‌ଆଇଏ ଏସ୍‌ପି ହେଲେ ସାଗରିକା



ଭୁବନେଶ୍ୱର, ୩।୮ (ସଂଚାର ବ୍ୟୁରୋ): କେନ୍ଦ୍ରୀୟ ଡେପୁଟେଶନରେ ଯିବେ ୨୦୧୬ ଓଡ଼ିଶା କ୍ୟାଡର ଆଇପିଏସ୍ ଅଧିକାରୀ ସାଗରିକା ନାଥ। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏସ୍‌ପି ଭାବେ ନିଯୁକ୍ତି ମିଳିଛି। ସାଗରିକା ବର୍ତ୍ତମାନ ଖୋର୍ଦ୍ଧା ଏସ୍‌ପି ଭାବରେ କାର୍ଯ୍ୟ କରୁଛନ୍ତି। ତେବେ ସାଗରିକାଙ୍କୁ ଏନ୍‌ଆଇଏ ଏସ୍‌ପି ଭାବେ ନିଯୁକ୍ତି ମିଳିବା ନେଇ କାର୍ମିକ ଏବଂ ତାଲିମ ବିଭାଗ (ଡିଓପିଟି) ଦ୍ୱାରା ଜୁଲାଇ ୩୧ରେ ନିର୍ଦ୍ଦେଶ ଜାରି କରାଯାଇଥିବାବେଳେ କେନ୍ଦ୍ରୀୟ ଡେପୁଟେଶନ ପଦବୀରେ ଯୋଗଦେବା ପାଇଁ ତାଙ୍କୁ ତୁରନ୍ତ ରିଲିଭ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆରୋହଣ ଟ୍ରଷ୍ଟ ଓ ସହିଦ ଭଗତ ସିଂହ ଯୁବ ପରିଷଦର ଦନ୍ତ ଚିକିତ୍ସା ଶିବିର



ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ସ୍ଥାନୀୟ ଜୟଦେବ ବିହାର ୱାର୍ଡ ନଂ ୨୭ରେ ଆରୋହଣ ଟ୍ରଷ୍ଟ ଓ ସହିଦ ଭଗତ ସିଂହ ଯୁବ ପରିଷଦଙ୍କ ମିଳିତ ଉଦ୍ୟମରେ ଏକ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସ୍ଥାନୀୟ ବାସିନ୍ଦାମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ବିଜେପି ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ମା’ ରମାଦେବୀ ଚେୟାରର ଅଧ୍ୟକ୍ଷା ପ୍ରଫେସର (ଡ) ସୁଚେତା ପ୍ରିୟବାଦିନୀ ଯୋଗଦେଇଥିଲେ। ଅତିଥିଗଣ ଏପରି ଏକ ପ୍ରୟାସକୁ ମାନବ ସେବା ଓ ସ୍ୱାସ୍ଥ୍ୟ ସଚେତନତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ବ୍ୟକ୍ତ କରିଥିଲେ। ଏନେଇ ଆରୋହଣ ଟ୍ରଷ୍ଟର ଅଧ୍ୟକ୍ଷ ସ୍ୱପ୍ନେନ୍ଦୁ ମହାନ୍ତି କହିଛନ୍ତି ଯେ ମୌଳିକ ସ୍ୱାସ୍ଥ୍ୟସେବା ପ୍ରତ୍ୟେକ ନାଗରିକଙ୍କ ଅଧିକାର। ଆମେ ଆରୋହଣ ଟ୍ରଷ୍ଟ ମାଧ୍ୟମରେ ଏହି ସେବାକୁ ଲୋକଙ୍କ ଦ୍ୱାରକୁ ନେଇଯିବା ଉଦ୍ୟମ କରୁଛୁ। ଏହି ଦନ୍ତ ଶିବିର ହେଉଛି ଆଗାମୀ ପିଢ଼ି ପାଇଁ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟ ପ୍ରବନ୍ଧନର ଏକ ଛୋଟ ଚେଷ୍ଟା। ସହିଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ସହଯୋଗ, ନିଷ୍ଠା ଓ ସ୍ୱେଚ୍ଛାସେବା ଭାବକୁ ଅତ୍ୟନ୍ତ ସ୍ନେହ ଓ ସମ୍ମାନର ସହ ସ୍ୱାଗତ କରୁଛି। ଏହି ଦନ୍ତ ଶିବିରରେ ପ୍ରାୟ ୧୩୫ ରୋଗୀ ନିଃଶୁଳ୍କ ଚିକିତ୍ସା, ଦନ୍ତ ସ୍ୱାସ୍ଥ୍ୟ ଶିକ୍ଷା ଓ ପ୍ରାଥମିକ ଚିକିତ୍ସା ସୁବିଧା ଉପଲବ୍ଧ କରାଇଥିଲେ। ଚିକିତ୍ସା ଦଳରେ ଡକ୍ଟର ସ୍ୱାତୀ ମହାନ୍ତି, ଦନ୍ତ ଚିକିତ୍ସକ ସ୍ୱେଚ୍ଛାରେ ଅଂଶଗ୍ରହଣ କରି ସେବା ପ୍ରଦାନ କରିଥିଲେ। ଏହି ଶିବିରର ସଫଳତା ପଛରେ ଥିଲା ସହିଦ ଭଗତ ସିଂହ ଯୁବ ପରିଷଦର ସଦସ୍ୟମାନଙ୍କ ଏକତାବଦ୍ଧ ଉଦ୍ୟମ, ସଚେତନତା ଓ ଶ୍ରମ, ଯାହାକି ସେମାନଙ୍କର ଜନସେବା ଓ ଉଦ୍ୟମଶୀଳତାକୁ ସ୍ପଷ୍ଟ ଭାବରେ ପ୍ରକାଶ କରେ। ଏହି ଉଦ୍ୟମ ଦନ୍ତ ସ୍ୱାସ୍ଥ୍ୟ ପ୍ରତି ଜଣସାଧାରଣଙ୍କ ଜ୍ଞାନ ବୃଦ୍ଧି ଓ ନିୟମିତ ଚିକିତ୍ସା ଆବଶ୍ୟକତାକୁ ପ୍ରଚାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି।

## ବଳଙ୍ଗା ପୀଡ଼ିତାଙ୍କ ପାଇଁ ଛାତ୍ର କଂଗ୍ରେସର ମହମବତୀ ଶୋଭାଯାତ୍ରା




ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ଆଜି ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବଳଙ୍ଗା ପୀଡ଼ିତାଙ୍କୁ ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶାହରୁଖ ଖାନଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସର କର୍ମୀମାନେ କଂଗ୍ରେସ ଭବନରୁ ଏକ ମହମବତୀ ଶୋଭାଯାତ୍ରା ଆରମ୍ଭ କରି ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିଥିଲେ। ସେଠାରେ ଛାତ୍ର କଂଗ୍ରେସର କର୍ମୀମାନେ ବଳଙ୍ଗା ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ମୋହନ ସରକାର ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ନ ଦେବାକୁ ଚକ୍ରାନ୍ତ କରିଛନ୍ତି। ଘଟଣାକୁ ଚପାଇ ଦେବା ପାଇଁ ମିଛ କାହାଣୀ ରଚନା କରାଯାଇଛି। ବାଲେଶ୍ୱର ଏଫଏମ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ଯେପରି ଚପେଇ ଦେବା ପାଇଁ ସରକାର ସମସ୍ତ ଉଦ୍ୟମ କରୁଛନ୍ତି, ସେହିଭଳି ବଳଙ୍ଗା ପୀଡ଼ିତାର ମୃତ୍ୟୁ ପଛରେ ଥିବା କାହାଣୀ ମଧ୍ୟ ଲୋକଲୋଚନକୁ ଆସିପାରିବ ନାହିଁ। ମୋହନ ସରକାରରେ ମହିଳା ଅତ୍ୟାଚାରିତ ଓ ଆତଙ୍କିତ। ସେହିଭଳି ଛାତ୍ର କଂଗ୍ରେସର ଉପସଭାପତି ସାଗର ପଟ୍ଟନାୟକ ଓ ଛାତ୍ର କଂଗ୍ରେସ ନେତା ଦେବୀ ପ୍ରସାଦ ଜେନା ଏହି ଘଟଣାରେ ପ୍ରଭାତୀ ପରିଡ଼ା ମୁଖ୍ୟ ଖଳନାୟିକା ବୋଲି କହିଛନ୍ତି। ସେ ପୀଡ଼ିତାଙ୍କୁ ସାକ୍ଷାତ କରିବା ପାଇଁ ଭୁବନେଶ୍ୱର ଏମ୍ସ ଆସିପାରିଲେ ନାହିଁ, ହେଲେ ଦିଲ୍ଲୀ ଯାଇଥିଲେ। ସେଠାରେ ସେ ଷଡ଼ଯନ୍ତ୍ର କରି ତଦନ୍ତର ମୋଡ଼ ବଦଳାଇଦେଇଛନ୍ତି। ସତ କିପରି ଲୁଚିଯିବ, ସେଥିପାଇଁ ପ୍ରଭାତୀଙ୍କ ରଚିତ ନାଟକରେ ପ୍ରଶାସନ ଓ ପୁଲିସ୍ ଅଭିନୟ କରୁଛି। ସୁତରାଂ ବଳଙ୍ଗା ପୀଡ଼ିତାଙ୍କୁ ନିଜେ ସରକାର ମାରିଦେଇଥିବା ବେଳେ ତାଙ୍କୁ ନ୍ୟାୟ ମିଳିବ ନାହିଁ। କିନ୍ତୁ ଛାତ୍ର କଂଗ୍ରେସ ନାରୀଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରିବ ବୋଲି ଶ୍ରୀ ପଟ୍ଟନାୟକ ଓ ଶ୍ରୀ ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ରାଜେଶ ବେହେରା, ଏସକେ ଜିଆଉଦ୍ଦିନ, ଦେବାଶିଷ ମଙ୍ଗରାଜ, ସନାତନ ବେହେରା, ଟିଟୁ ରାଉତରାୟ, ଅନିଲ ପଣ୍ଡା, ସୁବ୍ରତ ସ୍ୱାଇଁ, ସ୍ପନ୍ଦନ ସ୍ୱାଇଁ, ରାହୁଲ ରାଓ, ରାହୁଲ ମାଝୀ, ଆୟୁଷ ଖୁଣ୍ଟିଆ, ରାଜେଶ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ଅମ୍ଳାନ ମହାନ୍ତି ଓ ରବି ନାରାୟଣ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ମାମଲା

# ସରକାରଙ୍କୁ ମହଙ୍ଗା ପଡ଼ିବ ଅପରାଧୀଙ୍କୁ କ୍ଲିନଚିଟ୍: ଅଲକା



ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ଗତକାଲି ୧୫ ବର୍ଷୀୟା ବଳଙ୍ଗା ପୀଡ଼ିତାଙ୍କର ଦିଲ୍ଲୀ ଏମ୍ସରେ ମୃତ୍ୟୁ ହୋଇଥିବା ବେଳେ ଏହି ଘଟଣା ସହ କୌଣସି ଅପରାଧୀଙ୍କର ଭୂମିକା ନ ଥିବା ପୁଲିସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ପ୍ରଥମେ ୩ ଜଣ ଦୁର୍ବୃତ୍ତ ଉକ୍ତ ନାବାଳିକାଙ୍କୁ ପୋଡ଼ି ହତ୍ୟା କରିବା ସକାଶେ ଉଦ୍ୟମ କରିଥିବା ନେଇ ତନାଘନା ହୋଇଥିଲା। ଏହି ୩ ଜଣଙ୍କୁ ଗିରଫ କରିବା ସକାଶେ କଂଗ୍ରେସ ମଧ୍ୟ ବରାବର ଦାବି କରିଆସିଛି। କିନ୍ତୁ ଉକ୍ତ ନାବାଳିକାଙ୍କୁ ପୋଡ଼ିବାରେ କାହାର ହାତ ନାହିଁ ଓ କେହି ବି ଏହି ଘଟଣା ସହ ଜଡ଼ିତ ନୁହଁନ୍ତି ବୋଲି ଦିଆଯାଇଥିବା ସୂଚନା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ବିଜେପି ସରକାର ଅପରାଧୀଙ୍କୁ ଧରିବାରେ ବିଫଳ ହୋଇ ଏବେ ନାବାଳିକାଙ୍କ ଉପରେ ଦୋଷ ଲଦୁଛନ୍ତି। ନାବାଳିକା ଜଣଙ୍କ ନିଜକୁ ଜାଳିଦେଇଥିବା ବୋଲି ପୁଲିସ୍ କହୁଛି। ରାଜ୍ୟ ସରକାର ଯେପରି ଢଙ୍ଗରେ ଅପରାଧୀମାନଙ୍କୁ କ୍ଲିନ୍‌ଚିଟ୍ ଦେଉଛନ୍ତି, ତାହା ସେମାନଙ୍କୁ ଆଗାମୀ ଦିନରେ ବେଶ୍ ମହଙ୍ଗା ପଡ଼ିବ ବୋଲି କହିଛନ୍ତି ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲମ୍ବା। ଆଜି ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଚିକିତ୍ସାଧୀନ ଥିବା ସମୟରେ ଉକ୍ତ ନାବାଳିକାଙ୍କୁ ଭେଟିବା ପାଇଁ କଂଗ୍ରେସ ସଦସ୍ୟମାନେ ଉଦ୍ୟମ କରିଥିଲେ। କିନ୍ତୁ ଦଳୀୟ ନେତୃବୃନ୍ଦଙ୍କୁ ଏହି ସୁଯୋଗ ନ ମିଳିବାରୁ ଆମେ ବାଧ୍ୟ ହୋଇ ସଂସଦ ଘେରାଉ କରିଥିଲୁ। କିନ୍ତୁ ପୁଲିସ୍ ଆମକୁ ଚୁପ୍ କରିବା ପାଇଁ ଉଦ୍ୟମ କରିଥିଲା। ପୂର୍ବରୁ ବାଲେଶ୍ୱର ଏଫ୍‌ଏମ୍ କଲେଜ ପୀଡ଼ିତା ଓ ଏବେ ବଳଙ୍ଗା ପୀଡ଼ିତା ମୃତ୍ୟୁବରଣ କରିଥିବାରୁ ରାଜ୍ୟ ସରକାର ସେମାନଙ୍କୁ ନ୍ୟାୟ ଦେବା ଦରକାର। ଦେଶର ଯେଉଁ ରାଜ୍ୟରେ ବି ବିଜେପି କ୍ଷମତାସୀନ ରହିଛି, ସେଠାରେ ନାରୀମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏଥିରୁ ଦୋଷୀମାନଙ୍କୁ ସରକାର ସୁରକ୍ଷା ଦେଉଛନ୍ତି ବୋଲି ଧରିନେବାକୁ ହେବ। ଏପରି ସ୍ଥିତିରେ ମହିଳାମାନଙ୍କୁ ନ୍ୟାୟ ଦେବା ସକାଶେ ବିଧାନସଭା ଆଗରେ କଂଗ୍ରେସ ପକ୍ଷରୁ ‘ନ୍ୟାୟ ମାର୍ଚ୍ଚ’ କରାଯିବ ଶ୍ରୀମତୀ ଲାମ୍ବା କହିଛନ୍ତି। ସେ କହିଛନ୍ତି ଯେ ପୀଡ଼ିତାଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବା ଯାଏଁ ଆମେ ଲଢ଼ିବୁ। ନିଜେ ମୁଖ୍ୟମନ୍ତ୍ରୀ ବଳଙ୍ଗା ପୀଡ଼ିତା ଜଣଙ୍କ ନିଜକୁ ଜାଳିଦେଲା ବୋଲି କହି ୩ ଅଭିଯୁକ୍ତଙ୍କୁ କ୍ଲିନ୍‌ଚିଟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏପରି ମନ୍ତବ୍ୟରୁ ଦୂରେଇ ରହିବା ସହ ପୀଡ଼ିତାଙ୍କ ପରିବାରକୁ ସମସ୍ତ ପ୍ରକାର ସୁଯୋଗ ଯୋଗାଇଦେବା ସହ ଫାଷ୍ଟ ଟ୍ରାକ କୋର୍ଟ ମାଧ୍ୟମରେ ଦୋଷୀଙ୍କୁ ଯଥାଶୀଘ୍ର ଦଣ୍ଡ ବିଧାନ ପାଇଁ ଶ୍ରୀମତୀ ଲାମ୍ବା ଦାବି କରିଛନ୍ତି।

## ନିଶା ବଟିକା କାରବାରରେ ୩ ନାବାଳକ ଗିରଫ

ଅତାବିରା,୩।୮ (ସଂଚାର ବ୍ୟୁରୋ) : ବରଗଡ଼ ଜିଲା ଅତାବିରା ଥାନା ପୋଲିସ ଶୁକ୍ରବାର ବିପୁଳ ପରିମାଣରେ କଫ୍ ସିରପ୍ ଜବତ କରିଛି। ଏହି ମାମଲାରେ ପୋଲିସ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ସାବାଳକ ଅଭିଯୁକ୍ତମାନେ ହେଲେ, ଅତାବିରା ଥାନା ସିନ୍ଦୁରବାହାଲ ଗ୍ରାମର ଶୁଭମ ନାଏକ ଏବଂ ବଡ଼ମାଳ ଗ୍ରାମର ହିମାଂଶୁ ମିର୍ଦ୍ଧା। ସେହିପରି ନାବାଳକ ଜଣକ ସମ୍ବଲପୁର ଜିଲା ଗୋଶାଳା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କ ପାଖରୁ ୩୨୦ କଫ୍ ସିରପ୍ ଏବଂ ୫୦ ନିଶା ବଟିକା ଜବତ ହୋଇଛି। ଏ ନେଇ ଅତାବିରା ଥାନାରେ କେସ୍ ନଂ୨୮୬/୨୫ରେ ଏକ ମାମଲା ରୁଜୁ ହୋଇଛି।



## ସ୍କାଉଟ୍ସ ଗାଇଡ୍ସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ୧୪୫ତମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଗତକାଲି ଅନୁଷ୍ଠିତ ହୋଇଛି। ରାଜ୍ୟ ମୁଖ୍ୟ କମିଶନର ଡଃ. କାଳି ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉକ୍ତ ବୈଠକରେ ରାଜ୍ୟ କମିଶନରଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ସ୍ୱାଗତ ଅଭିଭାଷଣ ସହ ବିବରଣୀ ପାଠ କରିଥିଲେ। ବିଭିନ୍ନ ଜିଲ୍ଲାର ଦିବଂଗତ ସ୍କାଉଟ୍ ଓ ଗାଇଡ୍ ସଭ୍ୟସଭ୍ୟାମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପରେ ବିଗତ ବର୍ଷରେ ରାଜ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯିବା ସହ ଆଗାମୀ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏହାଛଡ଼ା ବିଗତ ବର୍ଷର ଆୟବ୍ୟୟ ସମୀକ୍ଷା କରାଯାଇ ଆଗାମୀ ବର୍ଷର ଆର୍ଥିକ ଖର୍ଚ୍ଚ ଅଟକଳ କମିଟି ଦ୍ୱାରା ଅନୁମୋଦନ ଲାଭ କରିଥିଲା। ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମଗୁଡ଼ିକରେ ରାଜ୍ୟ ବିଶେଷ ସଫଳତା ପାଇଥିବାରୁ କମିଟିରେ ଆନନ୍ଦ ପ୍ରକାଶ ପାଇଥିଲା। ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବା ପାଇଁ ରାଜ୍ୟ ମୁଖ୍ୟ କମିଶନର ଡଃ. ମିଶ୍ର ସଭ୍ୟମାନଙ୍କର ସହଯୋଗ କାମନା କରିଥିଲେ। ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାଶିକ୍ଷାଧିକାରୀମାନେ ଯୋଗଦେଇଥିଲେ। ପରିଶେଷରେ ରାଜ୍ୟ ସହାୟକ ରାଜ୍ୟ କମିଶନର ଡଃ. ନମିତା ପଟ୍ଟନାୟକ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରକୁ ୧୨ ବର୍ଷ, ମିଳୁନାହିଁ ନିୟମିତ ପେନ୍‌ସନ୍




ଭୁବନେଶ୍ୱର,୩।୮: ସରକାରୀ ଚାକିରିରୁ ଅବସର ଗ୍ରହଣର ପ୍ରାୟ ୧୨ ବର୍ଷ ପରେ ମଧ୍ୟ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ନିୟମିତ ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ପ୍ରାପ୍ୟ ମିଳୁନାହିଁ। ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟଙ୍କ ରାୟ ଏବଂ ଅଦାଲତ ଅବମାନନା ମାମଲାରେ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଅମଲାତନ୍ତ୍ରର ନଥିତଳେ ସବୁ ଚାପି ହୋଇ ରହିଯାଇଛି।

ହାଇକୋର୍ଟଙ୍କ ନିକଟରେ ଗୁହାରି କରିବା ପୂର୍ବରୁ ଜାନକୀ ଦାସ ନାମ୍ନୀ ଏହି ଅବସରପ୍ରାପ୍ତ ଭିନ୍ନକ୍ଷମ ସରକାରୀ କର୍ମଚାରୀ ଜଣକ ତଳୁ ଉପର ପର୍ଯ୍ୟନ୍ତ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କ ନିକଟରେ ସମସ୍ୟା ସମାଧାନ ପାଇଁ ବାରମ୍ବାର ଗୁହାରି କରିଥିଲେ। ଶେଷରେ ନିଜ ବଞ୍ଚିବାର ଅଧିକାର ଲାଗି ସେ ଆଇନ ଅଦାଲତଙ୍କ ଦ୍ୱାରସ୍ଥ ହେବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ସମ୍ପୃକ୍ତ ମହିଳାଙ୍କ ସମସ୍ୟାର ତ୍ୱରିତ ସମାଧାନ ଲାଗି ନିର୍ଦ୍ଦେଶ ଦେଇଥିଲେ ବି ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ।

ଏକାକୀ ଚଳାଚଳ କରିପାରୁନଥିବା ଏହି ୭୦ ବର୍ଷ ବୟସ୍କା ଭିନ୍ନକ୍ଷମ ଅବସରପ୍ରାପ୍ତ ମହିଳା କର୍ମଚାରୀ କଷ୍ଟେମଷ୍ଟେ ବିଭିନ୍ନ ଦପ୍ତରକୁ ଦୌଡୁଥିବାବେଳେ ତାଙ୍କ ପ୍ରତି ଦରଦ ପ୍ରକାଶ କରିବା ପରିବର୍ତ୍ତେ ତାଚ୍ଛଲ୍ୟ କରି କେହି କେହି କହୁଛନ୍ତି ଯେ ଅଦାଲତରେ ୧୦ ହଜାରରୁ ଅଧିକ ଅଦାଲତ ଅବମାନନା ମାମଲା ପଡ଼ିଛି। ଏ ସଂକ୍ରାନ୍ତରେ ଏବେ ଏହି ମହିଳା ଜଣକ ପୁଣିଥରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ମୁଖ୍ୟମନ୍ତ୍ରୀ ତାଙ୍କୁ ନ୍ୟାୟ ଦେବା ପାଇଁ ନିବେଦନ କରିଛନ୍ତି।

ଓଡ଼ିଶା ହାଇକୋର୍ଟ ଜାନକୀଙ୍କ ରିଟ୍ ପିଟିସନ୍‌ର ଫଇସଲା ୨୦୨୪ ଏପ୍ରିଲ ମାସରେ କରି ସୀମିତ ସମୟ ମଧ୍ୟରେ ତାଙ୍କ ସମସ୍ୟାର ସମାଧାନ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ତାଙ୍କୁ ନିୟମିତ ପେନ୍‌ସନ୍ ନମିଳିବାରୁ ସେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ୧୪/୦୨/୨୦୨୫ରେ ଏହି ଅଦାଲତ ଅବମାନନା ମାମଲା ଉପରେ ଓଡ଼ିଶା ହାଇକୋର୍ଟ ଅନ୍ୟ ଏକ ନିର୍ଦ୍ଦେଶ ଦେଇ ସୀମିତ ଅବଧି ଭିତରେ ଆବେଦନକାରିଣୀଙ୍କୁ ତାଙ୍କ ପ୍ରାପ୍ୟ ଦିଆନଗଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଏହା ଉଦ୍ଦେଶ୍ୟମୂଳକ ଅଦାଲତ ଅବମାନନା ବୋଲି ଗଣାଯାଇ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହୋଇ କୈଫିୟତ ଦେବାକୁ ପଡ଼ିବ ବୋଲି ସ୍ପଷ୍ଟ ଉଲ୍ଲେଖ କରିଥିଲେ। ଏସବୁ ସତ୍ତ୍ୱେ ବି ଆବେଦନକାରିଣୀଙ୍କୁ ଏଯାବତ୍ ନିୟମିତ ପେନ୍‌ସନ୍ ଓ ଅନ୍ୟାନ୍ୟ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ ନାହିଁ।

ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି ଯେ ଦରଦ ଓ ଇଚ୍ଛାଶକ୍ତି ଥିଲେ ଆଇନ୍‌ଗତ ବ୍ୟବସ୍ଥା ଭିତରେ ଆବେଦନକାରିଣୀଙ୍କୁ ନିୟମିତ ପେନ୍‌ସନ୍ ଓ ଅନ୍ୟାନ୍ୟ ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯାଇପାରିବ। ସମ୍ଭବତଃ ବିଭାଗୀୟ ଶାସନ ସଚିବଙ୍କ ନଜରକୁ ଏହି ଘଟଣା ଠିକଣା ଭାବେ ଅଣାଯାଉନଥିବାରୁ ସମସ୍ୟା ବଢ଼ିବା ସହିତ ମାମଲା ବି ବଢ଼ୁଛି। ଅବସରଗ୍ରହଣ ଦିନରେ କର୍ମଚାରୀଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ସରକାର ଘୋଷଣା କରିଥିବାବେଳେ ଅବସର ଗ୍ରହଣର ୧୨ ବର୍ଷ ପର୍ଯ୍ୟନ୍ତ ଜଣେ ଭିନ୍ନକ୍ଷମ ମହିଳା କର୍ମଚାରୀ ନିୟମିତ ପେନ୍‌ସନ୍ ନପାଇ ପ୍ରୋଭିଜନାଲ୍ ପେନ୍‌ସନ୍‌ରେ କିଭଳି ଛଟପଟ ହୋଇ ବଞ୍ଚୁଛନ୍ତି ତାହା ଅଦାଲତ ହୃଦୟଙ୍ଗମ କରୁଥିବା ବେଳେ କର୍ତ୍ତୃପକ୍ଷ କିଭଳି ନିଘୋଡ଼ ନିଦରେ ଶୋଉଛନ୍ତି ତାହା ଅନେକଙ୍କୁ ବିସ୍ମିତ କରୁଛି। (ତଥ୍ୟ)

## ଗୋପବନ୍ଧୁ ପାର୍କରେ ଚାରାରୋପଣ କାର୍ଯ୍ୟକ୍ରମ

କଟକ,୩।୮(ସଂଚାର ବ୍ୟୁରୋ): ଆଜି ଲୋକସେବା ଅନୁଷ୍ଠାନ ପକ୍ଷରୁ ଜଗତପୁର ଗୋପବନ୍ଧୁ ପାର୍କରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ପାଇଁ ଏହି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଦେଖାଯାଇଛି। କାର୍ଯ୍ୟକ୍ରମରେ ଲୋକସେବା ସଦସ୍ୟ ଜୟଶ୍ରୀ ସାହୁ, ପୀତବାସ ସାହୁ, ଅଶୋକ ବେହେରା, ଅବିନାଶ ନାୟକ, ଶୁଭ୍ରଜିତ ସ୍ୱାଇଁ ଅଂଶଗ୍ରହଣ କରିଥିଲେ। କଟକ ମହାନଗର ନିଗମ (ସିଏମସି) ସୁପରଭାଇଜର ବାବୁଲି ବେହେରା ଓ ମାଳୀ ତୁକୁଣୀ ବେହେରା ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମର ସଫଳତାରେ ସକ୍ରିୟ ଭୂମିକା ନେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ସମାଜକୁ ପରିବେଶ ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ଦାୟିତ୍ୱବୋଧ ବୃଦ୍ଧି ଦିଗରେ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହିଭଳି କାର୍ଯ୍ୟକ୍ରମ ପ୍ରତି ରବିବାରରେ ପୃଥକ୍ ସ୍ଥାନରେ ଅନୁଷ୍ଠିତ ହେଉଥିବା ସୂଚନା ଦିଆଯାଇଛି। ‘ଏକ ପେଡ଼୍ ମା’ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ଅନୁସରଣ କରି ଲୋକସେବା ପକ୍ଷରୁ ଏହି ଉଦ୍ୟମ ଜାରି ରହିଛି।



### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଉଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଭାରତ ଓ ଆମେରିକା ସମ୍ପର୍କ: ଏକ ନୂତନ ଅଧ୍ୟାୟ

ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ବିଗତ କିଛି ଦଶନ୍ଧି ଧରି ନାଟକୀୟ ଭାବେ ଉନ୍ନତି ଲାଭ କରିଛି। ଏକ ସମୟରେ ଶୀତଳ ଯୁଦ୍ଧ ଓ ପରମାଣୁ କାର୍ଯ୍ୟକ୍ରମକୁ ନେଇ ଦୁଇ ଦେଶ ମଧ୍ୟରେ ଅବିଶ୍ୱାସ ଥିଲା। କିନ୍ତୁ ଆଜି ଏହା ଏକ ବିସ୍ତୃତ ରଣନୀତିକ ଓ ଅର୍ଥନୈତିକ ସହଭାଗିତାରେ ପରିଣତ ହୋଇଛି, ଯାହା ଦୁଇ ଦେଶର ସାମରିକ, ବାଣିଜ୍ୟିକ ଓ ସାଂସ୍କୃତିକ କ୍ଷେତ୍ରକୁ ସ୍ପର୍ଶ କରୁଛି। ନିକଟରେ ଘଟିଥିବା ଘଟଣାବଳୀ ଏହି ସମ୍ପର୍କର ଗତିଶୀଳତାକୁ ଆହୁରି ସ୍ପଷ୍ଟ କରିଛି।



୨୦୨୫ ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଏହି ସଫରରେ ଦୁଇ ଦେଶ 'ୟୁଏସ-ଇଣ୍ଡିଆ କମ୍ପାକ୍ଟ' ନାମକ ଏକ ନୂତନ ଉଦ୍ୟୋଗ ଆରମ୍ଭ କରିଛନ୍ତି, ଯାହା ସାମରିକ, ବାଣିଜ୍ୟ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବ। ଏହା ବ୍ୟତୀତ, ଦୁଇ ଦେଶ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ପାଇଁ ଆଲୋଚନା ଆରମ୍ଭ କରିଛନ୍ତି, ଯାହା ବଜାର ପ୍ରବେଶ, ଶୁଳ୍କ ହ୍ରାସ ଓ ଯୋଗାଣ ଶୃଙ୍ଖଳା ଏକୀକରଣକୁ ପ୍ରୋତ୍ସାହନ ଦେବ। ଏହି ଚୁକ୍ତି ଭାରତୀୟ ରପ୍ତାନୀକୁ ଆମେରିକୀୟ ବଜାରରେ ଅଧିକ ସୁଯୋଗ ପ୍ରଦାନ କରିପାରେ, ଯାହା ଭାରତର ଅର୍ଥନୀତି ପାଇଁ ଲାଭଦାୟକ ହେବ। ସାମରିକ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି ପାଇଛି। ଭାରତ ଓ ଆମେରିକା ମଧ୍ୟରେ ଚାରୋଟି ମୌଳିକ ରକ୍ଷା ଚୁକ୍ତି ଲେମୋଆ, କମ୍‌କାସା, ବେକା ଓ ସୋମିଆ ଆଦି ସହଯୋଗର ଭିତ୍ତିଭୂମି ମଜବୁତ କରିଛି। ଏହା ସହିତ, ଭାରତ କ୍ୱାଡ୍ ଓ ଇଣ୍ଡୋ-ପାସିଫିକ ଅଞ୍ଚଳରେ ଆମେରିକା ସହିତ ରଣନୀତିକ ସହଯୋଗ କରୁଛି, ଯାହା ଚୀନର ବର୍ଦ୍ଧିତ ପ୍ରଭାବକୁ ମୁକାବିଲା କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ସମ୍ପର୍କରେ ଚ୍ୟାଲେଞ୍ଜ ମଧ୍ୟ ରହିଛି। ଆମେରିକାରେ ଭାରତର ଧାର୍ମିକ ସ୍ୱାଧୀନତା ଓ ମାନବାଧିକାର ନେଇ ଉଠୁଥିବା ପ୍ରଶ୍ନ ଏବଂ ଏଚ-୧ବି ଭିସା ନୀତିରେ କଟକଣା ଭାରତୀୟ ପ୍ରଫେସନାଲମାନଙ୍କୁ ପ୍ରଭାବିତ କରୁଛି। ଏହା ସହିତ, ଆମେରିକା ପକ୍ଷରୁ ଭାରତୀୟ ରପ୍ତାନୀ ଉପରେ ଲାଗୁ ଶୁଳ୍କ ଓ ରାଶିଆ ସହ ଭାରତର ସାମରିକ ସମ୍ପର୍କ ମଧ୍ୟ ବିବାଦର କାରଣ ହୋଇଛି।

ଏହା ସତ୍ତ୍ୱେ, ଭାରତୀୟ ଡାୟାସ୍ପୋରା ଆମେରିକାରେ ଏକ ଶକ୍ତିଶାଳୀ ସେତୁ ଭାବେ କାର୍ଯ୍ୟ କରୁଛି। ପ୍ରାୟ ୨୦୨,୦୦୦ ଭାରତୀୟ ଛାତ୍ର ଆମେରିକୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି, ଯାହା ସାଂସ୍କୃତିକ ଓ ଅର୍ଥନୈତିକ ସଂଯୋଗକୁ ମଜବୁତ କରୁଛି। ଏହି ସମ୍ପର୍କ କେବଳ ଦୁଇ ଦେଶର ମଧ୍ୟରେ ସୀମିତ ନୁହେଁ, ବରଂ ଇଣ୍ଡୋ-ପାସିଫିକ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଏକ ମଜବୁତ ଭିତ୍ତିଭୂମି ପ୍ରଦାନ କରୁଛି।

ଆଗାମୀ ଦିନରେ ଦୁଇ ଦେଶକୁ ଅବିଶ୍ୱାସର ପୁରୁଣା ଛାୟାକୁ ଦୂର କରି ଅଧିକ ସହଯୋଗୀ ଓ ସମୃଦ୍ଧ ସମ୍ପର୍କ ଗଢ଼ିବା ପାଇଁ କାର୍ଯ୍ୟ କରିବାକୁ ହେବ। ବିଶେଷକରି ଓଡ଼ିଶା ଭଳି ରାଜ୍ୟମାନେ ଏହି ସମ୍ପର୍କକୁ ଅର୍ଥନୈତିକ ଓ ଶିକ୍ଷାଗତ ସୁଯୋଗ ଗ୍ରହଣ କରି ନିଜର ବିକାଶକୁ ତ୍ୱରାନ୍ୱିତ କରିପାରିବେ।

# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା



**ପୁଷ୍ପମିତ୍ର ମହାପାତ୍ର**



ଓଡ଼ିଆ ଆଧାତ୍ମିକ ଭାବ ଚେତନାର ଝୁଲଣ ପୂର୍ଣ୍ଣିମା ବା ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ସ୍ୱତନ୍ତ୍ର ଓ ଅନନ୍ୟ। ସମସ୍ତ କୃଷ୍ଣ ମନ୍ଦିର ସମେତ ପୁରୀ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ପାଳିତ ହୋଇଥାଏ। ଏହି ଯାତ୍ରା ଶ୍ରାବଣ ମାସ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୁଏ। ଏହି ଯାତ୍ରା ଶ୍ରୀକୃଷ୍ଣଙ୍କର ଶ୍ରୀରାଧା ଓ ଗୋପୀମାନଙ୍କ ସହିତ ବିଳାସମୟ ଦୋଳିଖେଳ। ଶ୍ରୀମନ୍ଦିରରେ ଗୌଡ଼ୀୟମାନଙ୍କ ପ୍ରଭାବ ସହ ଏହି ଯାତ୍ରାର ସମ୍ପର୍କ ରହିଛି। ଗୌଡ଼ୀୟ ସମ୍ପ୍ରଦାୟଙ୍କ ପାଇଁ ଶ୍ରୀରାଧାକୃଷ୍ଣ ଉପାସ୍ୟ। ସେଥିପାଇଁ ଶ୍ରୀକୃଷ୍ଣ ଗୋପରେ ଥିବା କରିଥିବା ରାସକୁ ସେମାନେ ଶ୍ରୀମନ୍ଦିରରେ ପ୍ରଚଳନ କରିଛନ୍ତି। ଏହି ଯାତ୍ରାର ଇତିହାସ ୫୫୦ ବର୍ଷ ପୁରୁଣା ବୋଲି ଜଣାଯାଏ। ଶ୍ରୀମନ୍ଦିର ଭିତର ବେଢ଼ାର ଦକ୍ଷିଣ ପଟେ ମୁକ୍ତି ମଣ୍ଡପ ନିକଟରେ ଝୁଲଣ କୁଞ୍ଜ ନିର୍ମିତ ହୋଇଥାଏ। ୪୫ ଫୁଟ୍ ଲମ୍ବ ଏବଂ ପନ୍ଦର ଫୁଟ ଉଚ୍ଚତା ବିଶିଷ୍ଟ ଏହି କୁଞ୍ଜଟିର ଛାଞ୍ଚ କାଠରେ ହୋଇଥିବା ବେଳେ ଏହାକୁ ଜରି, ସୋଲ ଓ କପଡ଼ାରେ ସଜ୍ଜିତ କରାଯାଇଥାଏ। ମଧ୍ୟାହ୍ନ ଧୂପ ନୀତି ପରେ ଶ୍ରୀମନ୍ଦିର ଦକ୍ଷିଣ ଘର ବାରଣ୍ଡାରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ବେଶ କରାଯାଇ ଭୋଗ ଅର୍ପଣ ହୁଏ। ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଦିଆଯିବା ପରେ ତିନିଜଣ ମହାଜନ ସେବକ (ବିମାନ ବଡୁ ସେବାୟତ) ପ୍ରତିମା ମାନଙ୍କୁ ନେଇ ଝୁଲଣ କୁଞ୍ଜର ଭିତର ଝୁଲାରେ ବିଜେ କରାନ୍ତି।

ଏହି ଝୁଲା ସହ ଗୋଟିଏ ଦଉଡି ଲାଗିଥାଏ। ଯାହାକୁ ଟାଣିଲେ ଝୁଲା ସହ ପ୍ରତିମା ତ୍ରୟ ଝୁଲିଥାନ୍ତି। ପ୍ରତ୍ୟେକ ଦିନ ଚନ୍ଦନ ଲାଗି ସମୟ ଯାଏ ପ୍ରତିମା ମାନେ ଏହି ଝୁଲଣରେ ଅବସ୍ଥାନ କରନ୍ତି, ତାହା ପରେ ପିତୁଳାଗୁଡ଼ିକୁ ଫେରାଇ ନିଆଯାଏ।ପୁରୀ ବଡ଼ଦେଉଳର ଜଗମୋହନ ଓ ମୁକ୍ତି ମଣ୍ଡପର ମଧ୍ୟବର୍ତ୍ତୀ ଏକ ସ୍ଥାନରେ ନିର୍ମିତ ମଣ୍ଡପ ଉପରେ ନାଥ ଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରି ମଦନମୋହନ ଝୁଲଣ ଯାତ୍ରା ସମାପନ କରିଥାନ୍ତି। ବିଭିନ୍ନ ପ୍ରକାରର ଫୁଲରେ ଆଚ୍ଛାଦିତ ହୋଇ ପଡ଼ିଥାଏ ଠାକୁରଙ୍କ ଆସ୍ଥାନ। ଏକାଦଶୀ ଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ପାଞ୍ଚଦିନ ବିଭିନ୍ନ ପ୍ରକାରର ସଙ୍ଗୀତ, ନୃତ୍ୟର ଅପର୍ବ ଛନ୍ଦରେ ଛନ୍ଦାୟିତ ହୋଇଉଠେ ସମଗ୍ର ସ୍ଥଳ। କେବଳ ଜଗନ୍ନାଥଙ୍କ ମନ୍ଦିରରେ ନୁହେଁ, ପ୍ରାୟତଃ ମଠ ମାନଙ୍କରେ ଏହି ଉତ୍ସବ ଏକ ନୂତନ ଜାଗରଣ ସୃଷ୍ଟି କରାଇ ଦେଇଥାଏ ଏବଂ ମୁଖରିତ କରାଇ ଦେଇଥାଏ। କେବଳ ସେଇ ମଠ ବା ମନ୍ଦିରକୁ ନୁହେଁ ବରଂ ସମଗ୍ର ପୁରୀ ସହରକୁ। କେବଳ ପୁରୀ ସହର ନୁହେଁ ଓଡ଼ିଶାର ପ୍ରତ୍ୟେକ ଜଗନ୍ନାଥ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ମାନଙ୍କରେ ଏହା ଏକ ବିଶେଷ ଉତ୍ସବ। ଓଡ଼ିଶା ଭଳି ଉତ୍ତର ଭାରତର ଅନେକ ସ୍ଥାନରେ ଏହି ଗହ୍ମା ପୂର୍ଣ୍ଣିମା ଓ ଝୁଲଣ ଯାତ୍ରା ମହାଆନନ୍ଦ ଉଲ୍ଲାସରେ ପାଳିତ ହୋଇଥାଏ। ବୃନ୍ଦାବନର ମଧୁକୁଞ୍ଜରେ ରାଧା-କୃଷ୍ଣଙ୍କ ପ୍ରଣୟ ଲୀଳା ଆଧାରରେ ଏହି ଉତ୍ସବ ପାଳନ କରାଯାଉଛି। ଭାଗବତ ପୁରାଣ, ହରିବଂଶ, ଗୀତଗୋବିନ୍ଦ ଆଦିରେ ଏହା ବର୍ଣ୍ଣିତ। ସଙ୍ଗୀତ, ବାଦ୍ୟ ଓ ନୃତ୍ୟମୁଖର ଝୁଲଣ ଯାତ୍ରାରେ ସୁସଜ୍ଜିତ ଦୋଳିରେ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରନ୍ତରୁ ଭକ୍ତମାନେ ଶ୍ରୀମନ୍ଦିର ପରିସରକୁ ଚାଲିଆସନ୍ତି। ଶ୍ରୀମନ୍ଦିରର ସମସ୍ତ ରାଧାକୃଷ୍ଣ ମନ୍ଦିରରେ ଝୁଲଣ ଯାତ୍ରା ଆୟୋଜିତ ହୋଇଥାଏ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**

# 'ପୁଷ୍କରା': ଚଳଚ୍ଚିତ୍ରଟି ସମାଜର ଆତ୍ମା ସହିତ କଥା ହୁଏ



**ଅସିତ ମହାନ୍ତି**

ପ୍ରାୟତଃ ଦୃଶ୍ୟ ଏବଂ ସୂତ୍ର ଦ୍ୱାରା ପ୍ରାଧାନ୍ୟିତ ଏକ ଭୂଦୃଶ୍ୟରେ, ପୁଷ୍କରା ଏକ ଗଭୀର ଭାବରେ ମୂଳ ଥିବା ସିନେମାଟିକ୍ ଧ୍ୟାନ ଭାବରେ ଆସେ - ଯାହା ଚିତ୍କାର କରେ ନାହିଁ, ବରଂ ପ୍ରତିଧ୍ୱନିତ ହୁଏ। ଏହି ପ୍ରସ୍ତାବନା ଚଳଚ୍ଚିତ୍ରକୁ କେବଳ ମନୋରଞ୍ଜନର ଏକ ଅଂଶ ଭାବରେ ନୁହେଁ, ବରଂ ଏକ ସ୍ତରୀଭୂତ ସାଂସ୍କୃତିକ କଳାକୃତି ଭାବରେ ଫ୍ରେମ୍ କରିବାକୁ ଚେଷ୍ଟା କରେ ଯାହା ସମସାମୟିକ ସମୟରେ ଓଡ଼ିଆ ପରିଚୟକୁ ପ୍ରତିଫଳିତ କରେ, ପ୍ରଶ୍ନ କରେ ଏବଂ ପୁନଃକଳ୍ପନା କରେ। ଏହା ଏକ ଚଳଚ୍ଚିତ୍ର ଯାହା ନୀରବତା ମାଧ୍ୟମରେ, ପିଢ଼ି ଦ୍ୱାରା ଆକୃତି ପାଇଥିବା ଇଙ୍ଗିତ ମାଧ୍ୟମରେ ଏବଂ ପୂର୍ବପୁରୁଷଙ୍କ ଆଶା ଏବଂ ବ୍ୟକ୍ତିଗତ ଆକାଂକ୍ଷା ମଧ୍ୟରେ ଫସି ରହିଥିବା ଲୋକଙ୍କ ଗଭୀର ଦ୍ୱନ୍ଦ୍ୱ ମାଧ୍ୟମରେ କଥା ହୁଏ।ଏହା ସ୍ଥାନୀୟ ଭାବନାରେ ଜଟିଳ ସାମାଜିକ ସତ୍ୟକୁ ପ୍ରକାଶ କରିବା ପାଇଁ ଆଞ୍ଚଳିକ ସିନେମାର ଶକ୍ତି ପାଇଁ ଏକ ନିଶ୍ଚିତକରଣର ମୁହୂର୍ତ୍ତକୁ ଚିହ୍ନିତ କରେ। ପୁଷ୍କରାରେ, ପବିତ୍ର ଏବଂ ସାଂସାରିକ ପରସ୍ପର ମଧ୍ୟରେ ପ୍ରବାହିତ ହୁଏ, ଏକ ସୌନ୍ଦର୍ଯ୍ୟକୁ ଜନ୍ମ ଦିଏ ଯାହା ଅନ୍ତରଙ୍ଗ ଏବଂ ବ୍ୟାପକ।

ଶୁକ୍ରବାର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଫିଚର ଫିଲ୍ମ ଜୁରିର ଅଧ୍ୟକ୍ଷ ଆଶୁତୋଷ ଗୋୱାରିକର ଏବଂ ଅଣ-ଫିଚର ଫିଲ୍ମ ଜୁରିର ଅଧ୍ୟକ୍ଷ ପି ଶେଷାଦ୍ରିଙ୍କ ଉପସ୍ଥିତିରେ ପୁରସ୍କାର ଘୋଷଣା କରାଯାଇଥିଲା।ସବ୍ୟସାଚୀ ମିଶ୍ର ଏବଂ ସୁପ୍ରିୟା ଅଭିନୀତ ଏହି ଚଳଚ୍ଚିତ୍ରଟି ଲେଖକ ଶଙ୍କର ତ୍ରିପାଠୀଙ୍କ ଓଡ଼ିଆ ଉପନ୍ୟାସ 'ନାଦବିନ୍ଦୁ' ଉପରେ ଆଧାରିତ ଏବଂ ୨୦୨୩ ମସିହାରେ ମୁକ୍ତିଲାଭ କରିବା ପରଠାରୁ ସମାଲୋଚକ ଏବଂ ଚଳଚ୍ଚିତ୍ର ପ୍ରେମୀ ଉଭୟଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। 'ଏହି ଚଳଚ୍ଚିତ୍ରର ଓଡ଼ିଆ ଉପାଦାନ ଯୋଗୁଁ ଲୋକମାନେ ଏହି ଚଳଚ୍ଚିତ୍ର ସହିତ ଜଡିତ। ଏହା ଏକ ପ୍ରେମ କାହାଣୀ ଯାହା ମୃତ୍ୟୁ ପରବର୍ତ୍ତୀ ରୀତି ପୁଷ୍କରରୁ ବିକଶିତ।'ପୁଷ୍କର' ଶୀର୍ଷକଟି ଏକ ସ୍ତରୀଭୂତ ପ୍ରତୀକାତ୍ମକ ଓଜନ ବହନ କରେ, ଯାହା ଆଧାତ୍ମିକ ଏବଂ ସାଂସ୍କୃତିକ ପ୍ରତିଧ୍ୱନିରେ ଗଭୀର ଭାବରେ ନିହିତ। ସଂସ୍କୃତରେ, 'ପୁଷ୍କର' ନୀଳ ପଦ୍ମକୁ ବୁଝାଏ, ଏକ ଫୁଲ ଯାହା ପ୍ରାୟତଃ ପବିତ୍ରତା, ଉତ୍କୃଷ୍ଟତା ଏବଂ ପୁନର୍ଜନ୍ମ ସହିତ ଜଡିତ। ଏହା ପୁଷ୍ଟିକର ଏବଂ ଝରଣା ପରି ଜୀବନଶକ୍ତିକୁ ମଧ୍ୟ ବୁଝାଏ, ଯାହା ଭାବପ୍ରବଣ ଏବଂ ଆଧାତ୍ମିକ ନବୀକରଣର ଏକ ଉତ୍ସକୁ ସୂଚିତ କରେ।

ଚଳଚ୍ଚିତ୍ରରେ, ପୁଷ୍କର ନାମ କେବଳ କାବ୍ୟିକ ନୁହେଁ-ଏହା ବିଷୟବସ୍ତୁପୂର୍ଣ୍ଣ। କାହାଣୀଟି ମୃତ୍ୟୁ ପରବର୍ତ୍ତୀ ପୂଜାରୀ ପୁଷ୍କର ସହିତ ଆରମ୍ଭ ହୁଏ, ଯାହା ଜୀବନ, ମୃତ୍ୟୁ ଏବଂ ନିରନ୍ତରତାର ତାଳରେ ବର୍ଣ୍ଣନାକୁ ସଂରକ୍ଷିତ କରେ। ଚଳଚ୍ଚିତ୍ରଟିର ନାମକରଣ କରି, ନିର୍ମାତାମାନେ ଓଡ଼ିଶାର ଆନୁଷ୍ଠାନିକ ଐତିହ୍ୟ ପ୍ରତି ଏକ ନୀରବ ଶ୍ରଦ୍ଧାର ସଙ୍କେତ ଦିଅନ୍ତି ଏବଂ ଦର୍ଶକମାନଙ୍କୁ ପରମ୍ପରାର ସୀମା ମଧ୍ୟରେ-ଆଧାତ୍ମିକ, ଭାବପ୍ରବଣ ଏବଂ ସାଂସ୍କୃତିକ ଭାବରେ - ପ୍ରସ୍ଫୁଟିତ ହେବାର ଅର୍ଥ କ'ଣ ତାହା ଉପରେ ପ୍ରତିଫଳିତ କରିବାକୁ ଆମନ୍ତ୍ରଣ କରନ୍ତି।'ପୁଷ୍କରା, ' ଏହି ଚଳଚ୍ଚିତ୍ରଟି କେବଳ ଏକ ସିନେମାଟିକ୍ ସଫଳତା ନୁହେଁ-ଏହା ପରିଚୟ, ପରମ୍ପରା ଏବଂ ପରିବର୍ତ୍ତନ ଉପରେ ଏକ ସାଂସ୍କୃତିକ ଧ୍ୟାନ। ଶୁଭ୍ରାଂଶୁ ଦାସଙ୍କ ନିର୍ଦ୍ଦେଶିତ ଏବଂ ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ ନାଦବିନ୍ଦୁ ଉପରେ ଆଧାରିତ, ଏହି ଚଳଚ୍ଚିତ୍ରଟି ପବିତ୍ର ପୁରୀ ସହରରେ ପ୍ରକାଶିତ ହୁଏ, ପୁଷ୍କର ନାମକ ମୃତ୍ୟୁ ପରବର୍ତ୍ତୀ ରୀତି ସହିତ ଆରମ୍ଭ ହେଉଥିବା ଏକ ପ୍ରେମ କାହାଣୀର ଦୃଷ୍ଟିକୋଣ ମାଧ୍ୟମରେ ଆଧାତ୍ମିକ ଏବଂ ସାମାଜିକକୁ ଏକତ୍ର କରିଥାଏ।

ଏହାର ହୃଦୟରେ, ଚଳଚ୍ଚିତ୍ରଟି ଉତ୍ତରାଧିକାରୀ ପ୍ରଥା ଏବଂ ବିକଶିତ ବ୍ୟକ୍ତିଗତ ଏଜେନ୍ସି ମଧ୍ୟରେ ଉତ୍ତେଜନାକୁ ଅନୁସନ୍ଧାନ କରେ। ନାୟକ ନୀଳକଣ୍ଠଙ୍କ ଯାତ୍ରା - ସବ୍ୟସାଚୀ ଦ୍ୱାରା ନୀରବ ତୀବ୍ରତା ସହିତ ଚିତ୍ରିତ। ମିଶ୍ର-ଜୀବନର ବିଭିନ୍ନ ପର୍ଯ୍ୟାୟ ଅତିକ୍ରମ କରେ, ପ୍ରତ୍ୟେକଟି ଓଡ଼ିଶାର ସାଂସ୍କୃତିକ ସାଜସଜ୍ଜାରେ ଗଭୀର ଭାବରେ ସମାହିତ ରୀତିନୀତି ଦ୍ୱାରା ଚିହ୍ନିତ। ସାହି ଜାତରୁ କାର୍ତ୍ତିକ ପୂର୍ଣ୍ଣିମା ଏବଂ ବୋଇତ ବନ୍ଦାଣ ପର୍ଯ୍ୟନ୍ତ, ଫିଲ୍ମଟି କେବଳ ଏହି ପରମ୍ପରାଗୁଡ଼ିକୁ ଚିତ୍ରଣ କରେ ନାହିଁ-ଏହା ଦର୍ଶକଙ୍କୁ ସେମାନଙ୍କର ଭାବପ୍ରବଣ ଏବଂ ସାମ୍ପ୍ରଦାୟିକ ଗୁରୁତ୍ୱରେ ବୁଡ଼ାଇ ଦିଏ। କିନ୍ତୁ ପୁଷ୍କର ସରଳ ଉପାୟରେ ପରମ୍ପରା ପାଇଁ ସ୍ମୃତିଚାରଣ କରନ୍ତି ନାହିଁ। ବରଂ, ଏହା ପଚରାଉଚରା କରେ ଯେ କିପରି ରୀତିନୀତି ପରିଚୟକୁ ଆକାର ଦିଏ, କିପରି ସେଗୁଡ଼ିକ ବାନ୍ଧିଥାଏ ଏବଂ କେତେବେଳେ ବୋଝ ହୋଇଥାଏ, ଏବଂ ବ୍ୟକ୍ତିମାନେ ସେମାନଙ୍କ




ମଧ୍ୟରେ ସେମାନଙ୍କର ସ୍ଥାନ କିପରି ନେଭିଗେଟ୍ କରନ୍ତି।

ସମାଜକୁ ଚଳଚ୍ଚିତ୍ରର ବାର୍ତ୍ତା ସ୍ତରୀଭୂତ। ଗୋଟିଏ ସ୍ତରରେ, ଏହା ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବାର ଆହ୍ୱାନ - ସ୍ଥିର ଅବଶେଷ ଭାବରେ ନୁହେଁ, ବରଂ ଜୀବନ୍ତ ଅଭ୍ୟାସ ଭାବରେ ଯାହା ବର୍ତ୍ତମାନର ଆବଶ୍ୟକତା ଏବଂ ଆକାଂକ୍ଷା ସହିତ ଖାପ ଖୁଆଇବାକୁ ପଡ଼ିବ। ଅନ୍ୟ ଦିଗରେ, ଏହା ସାମାଜିକ ଆଶା - ବିଶେଷକରି ମୃତ୍ୟୁ, ବିବାହ ଏବଂ ଲିଙ୍ଗ ଭୂମିକା ସହିତ - ବ୍ୟକ୍ତିଗତ ବିକାଶକୁ କିପରି ବାଧା ଦେଇପାରେ ତାହାର ଏକ ସୂକ୍ଷ୍ମ ସମାଲୋଚନା। ସୁପ୍ରିୟା ନାୟକଙ୍କ ଦ୍ୱାରା ଅଭିନୀତ ସୁନନ୍ଦା ଚରିତ୍ର ମାଧ୍ୟମରେ, ଫିଲ୍ମଟି ମହିଳାମାନଙ୍କର ନୀରବ ସ୍ଥିରତା ଆଡ଼କୁ ଇଙ୍ଗିତ କରେ ଯେଉଁମାନେ ନିଜ ଇଚ୍ଛା ଏବଂ ସମ୍ମାନ ପାଇଁ ସ୍ଥାନ ଖୋଜିବା ସମୟରେ ପରମ୍ପରାର ଭାର ବହନ କରନ୍ତି।

ଜାତୀୟ ସ୍ତରରେ ପୁଷ୍କରା ର ସ୍ୱୀକୃତି ମଧ୍ୟ ପ୍ରତୀକାତ୍ମକ। ଏହା ନିଶ୍ଚିତ କରେ ସାର୍ବଜନୀନ ଭାବରେ ପ୍ରତିଧ୍ୱନିତ ହେଉଥିବା ସ୍ଥାନୀୟ ସତ୍ୟକୁ ପ୍ରକାଶ କରିବାରେ ଆଞ୍ଚଳିକ ସିନେମାର ପ୍ରାସଙ୍ଗିକତା। ଯେତେବେଳେ ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପ୍ରାୟତଃ ଦୃଶ୍ୟମାନତା ପାଇଁ ସଂଘର୍ଷ କରନ୍ତି, ସେତେବେଳେ ପୁଷ୍କର ସ୍ଥାନ, ଭାଷା ଏବଂ ଜୀବନ୍ତ ଅଭିଜ୍ଞତାରେ ମୂଳ କାହାଣୀ କହିବାର ଶକ୍ତିର ପ୍ରମାଣ ସ୍ୱରୂପ ଠିଆ ହୋଇଛି। ଏହା ଦର୍ଶକଙ୍କୁ କେବଳ ଓଡ଼ିଶାର ରୀତିନୀତି ଦେଖିବା ପାଇଁ ନୁହେଁ, ବରଂ ଦ୍ରୁତ ପରିବର୍ତ୍ତିତ ବିଶ୍ୱରେ ଏହାର ଅର୍ଥ କ'ଣ - ଏବଂ ଆମେ ସେମାନଙ୍କୁ କିପରି ଶ୍ରଦ୍ଧା ଏବଂ ସଂସ୍କାର ସହିତ ଆଗକୁ ବଢ଼ାଉ, ତାହା ଉପରେ ପ୍ରତିଫଳିତ କରିବାକୁ ଆମନ୍ତ୍ରଣ କରେ।

ପୁଷ୍କରା ଏକ ନୀରବ ବିଜୟ ଭାବରେ ଶେଷ ହୁଏ - ପରଦାରେ ଏବଂ ଆତ୍ମାରେ। ଏହାର କାହାଣୀ ନାଟକୀୟ କ୍ୟାଥାର୍ସିସ୍ ପିଛା କରେ ନାହିଁ, ବରଂ ଆତ୍ମନିରୀକ୍ଷଣକୁ ଆମନ୍ତ୍ରଣ କରେ। ରୀତିନୀତି ଏବଂ ସ୍ଥାନୀୟତାର ତାଳରେ ବ୍ୟକ୍ତିଗତ ପସନ୍ଦକୁ ଭିତ୍ତି କରି, ଚଳଚ୍ଚିତ୍ରଟି ନିରନ୍ତରତା ଏବଂ ପରିବର୍ତ୍ତନର ସହାବସ୍ଥାନ ଉପରେ ଏକ ସୂକ୍ଷ୍ମ ପ୍ରତିଫଳନ ପ୍ରଦାନ କରେ। ଏହା ଦର୍ଶକଙ୍କୁ ପରମ୍ପରା ଦ୍ୱାରା ବନ୍ଦୀ ନ ହୋଇ ସମ୍ମାନ କରିବାକୁ ଏବଂ ଉତ୍ତରାଧିକାରୀ ଢାଞ୍ଚାରେ ବ୍ୟକ୍ତିଗତ ଅର୍ଥ ଖୋଜିବାକୁ ଉତ୍ସାହିତ କରେ।

ପୁଷ୍କରା ର ସଫଳତା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପରେ ଆରମ୍ଭ ହୋଇସାରିଛି, ଯାହା ପ୍ରଯୋଜକମାନଙ୍କୁ ସାଂସ୍କୃତିକ ଭାବରେ ମୂଳ, ବିଷୟବସ୍ତୁ ଭାବରେ ସମୃଦ୍ଧ କାହାଣୀ କହିବାର ମୂଲ୍ୟକୁ ପୁନର୍ବିଚାର କରିବାକୁ ପ୍ରେରଣା ଦେଇଛି। ସମାଲୋଚକ ଏବଂ ଦର୍ଶକଙ୍କ ପ୍ରଶଂସା ସହିତ ୭୧ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଏହାର ସ୍ୱୀକୃତି - ବୈଧତା ଏବଂ ଉତ୍ତେଜନା ଉଭୟ ଭାବରେ କାର୍ଯ୍ୟ କରିଛି। ବୈଧତା, କାରଣ ଏହା ପ୍ରମାଣ କରେ ଯେ ସ୍ଥାନୀୟ ପରମ୍ପରା ଏବଂ ସାମାଜିକ ସୂକ୍ଷ୍ମତା ଉପରେ ଆଧାରିତ ଚଳଚ୍ଚିତ୍ରଗୁଡ଼ିକ ଜାତୀୟ ପ୍ରଶଂସା ହାସଲ କରିପାରିବେ। ଉତ୍ତେଜନା, କାରଣ ଏହା ପ୍ରଯୋଜକମାନଙ୍କୁ ଫର୍ମୁଲା ମନୋରଞ୍ଜନରୁ ଆଗକୁ ବଢ଼ି ଓଡ଼ିଶାର ଜୀବନ୍ତ ବାସ୍ତବତାକୁ ପ୍ରତିଫଳିତ କରୁଥିବା କାହାଣୀରେ ନିବେଶ କରିବାକୁ ଆହ୍ୱାନ କରେ।

ପୁଷ୍କରାକୁ ସମର୍ଥନ କରିଥିବା ତରଙ୍ଗ ସିନେ ପ୍ରଡକ୍ସନ୍ ପ୍ରଦର୍ଶନ କରିଛି ଯେ ବାଣିଜ୍ୟିକ କାର୍ଯ୍ୟକ୍ଷମତା ଏବଂ କଳାତ୍ମକ ଅଖଣ୍ଡତା ପରସ୍ପର ସ୍ୱତନ୍ତ୍ର ନୁହେଁ। ଚଳଚ୍ଚିତ୍ରର ସଫଳତା - ଉଭୟ ସମାଲୋଚନାମୂଳକ ଏବଂ ବକ୍ସ ଅଫିସରେ - ଦର୍ଶାଇଛି ଯେ ଦର୍ଶକମାନେ ସମସାମୟିକ ପ୍ରସଙ୍ଗ ସହିତ ଜଡିତ ହେବା ସହିତ ସେମାନଙ୍କ ଐତିହ୍ୟ ସହିତ କଥା ହେଉଥିବା କାହାଣୀ ପାଇଁ ଭୋକ କରନ୍ତି। ନିର୍ଦ୍ଦେଶକ ଶୁଭ୍ରାଂଶୁ ଦାସ ଉଲ୍ଲେଖ କରିଥିବା ପରି, ଚଳଚ୍ଚିତ୍ରର ପ୍ରତିଧ୍ୱନ ଓଡ଼ିଆ ରୀତିନୀତି ଏବଂ ଭାବପ୍ରବଣ ଦୃଶ୍ୟର ପ୍ରାମାଣିକ ଚିତ୍ରଣରୁ ଆସିଛି।ମୂଳତଃ, ପୁଷ୍କରା କେବଳ ଏକ ପୁରସ୍କାର ଜିତି ନାହିଁ - ଏହା ଏକ ଦ୍ୱାର ଖୋଲିଛି। ସେହି ଦ୍ୱାର ସାଂସ୍କୃତିକ ଦୃଷ୍ଟିରୁ ସଚେତନ ଚଳଚ୍ଚିତ୍ର ନିର୍ମାଣର ଏକ ନିରନ୍ତର ଆନ୍ଦୋଳନକୁ ନେଇଯାଏ କି ନାହିଁ ତାହା ନିର୍ମାତାମାନେ ଏହାର ବାର୍ତ୍ତାକୁ କେତେ ଗଭୀର ଭାବରେ ଆନ୍ତରିକ କରନ୍ତି ତାହା ଉପରେ ନିର୍ଭର କରେ: ସ୍ଥାନ, ମର୍ଯ୍ୟାଦା ଏବଂ ଆତ୍ମନିରୀକ୍ଷଣରେ ମୂଳ ଥିବା କାହାଣୀ କହିବା ଶକ୍ତିଶାଳୀ ଏବଂ ଲାଭଦାୟକ ହୋଇପାରେ।

ପରିଶେଷରେ, ପୁଷ୍କରା ଏକ ସମାଜର ଆତ୍ମା ସହିତ କଥା ହୁଏ ଯାହା ଦ୍ରୁତ ଆଧୁନିକୀକରଣକୁ ନେଭିଗେଟ୍ କରେ: ଏହାର ମୂଳକୁ ପ୍ରତ୍ୟାଖ୍ୟାନ କରି ନୁହେଁ, ବରଂ ସେଗୁଡ଼ିକୁ ପୁନଃକଳ୍ପନା କରି। ଏହା ସନ୍ତୁଳନ ପାଇଁ ଏକ ସିନେମା ପ୍ରାର୍ଥନା - ଏକ ସ୍ମରଣକାରୀ ଯେ ପବିତ୍ରତା କେବଳ ରୀତିନୀତିରେ ନୁହେଁ, ବରଂ ଆମେ ସେମାନଙ୍କୁ କିପରି ମର୍ଯ୍ୟାଦା ଦୃଢ଼ କରିବା ପାଇଁ ବିକଶିତ କରୁ।

**ସୁଜନପୁର, ଯାଜପୁର, ମୋବାଇଲ୍: ୯୪୩୭୨୮୦୨୮**

# ସମସ୍ତେ ନିର୍ଦ୍ଦୋଷ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ବହୁଚର୍ଚ୍ଚିତ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ଓ ୨୦୦୮ ମାଲେଗାଁଓ ବିସ୍ଫୋରଣ ଘଟଣାରେ ଅଭିଯୁକ୍ତମାନେ ଅଦାଲତରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେବା ତଦନ୍ତକାରୀ ସଂସ୍ଥାଗୁଡିକର ପାରିବାରପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି ନିସନ୍ଦେହରେ କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲାରେ ଦୀର୍ଘ ୧୯ବର୍ଷ ପରେ ପ୍ରମାଣ ଅଭାବରୁ ହାଇକୋର୍ଟ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାର ସପ୍ତାହକ ପରେ ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ସ୍ୱତନ୍ତ୍ର ଅଦାଲତ ସମସ୍ତ ୭ଜଣ ଯାକ ଅଭିଯୁକ୍ତଙ୍କୁ ଖଲାସ କରିଦେଇଛନ୍ତି। ରାୟ ଘୋଷଣା କରି ସ୍ୱତନ୍ତ୍ର ଅଦାଲତର ବିଚାରପତି କହିଛନ୍ତି ଯେ, ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ପାଇଁ କୌଣସି ବଳିଷ୍ଠ ପ୍ରମାଣ ନାହିଁ, କେବଳ ଗୁରୁତର ସନ୍ଦେହର ବାତାବରଣ ରହିଛି। ତେଣୁ ଅଭିଯୁକ୍ତମାନଙ୍କୁ ଅଦାଲତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ସନ୍ଦେହରେ କାହାରିକୁ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କୌଣସି ହିନ୍ଦୁମାନେ କଦାପି ଆତଙ୍କବାଦୀ ହୋଇପାରିବେ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଘୋଷଣା କରିବାର ଦିନକ ପରେ ମାଲେଗାଓଁ ବିସ୍ଫୋରଣର ରାୟ ପ୍ରକାଶ ପାଇଛି। ଯେଉଁ ବିସ୍ଫୋରଣରେ ୬ଜଣଙ୍କର ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୧୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସମସ୍ତ ମୃତାହତଙ୍କ ମଧ୍ୟରେ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟ ଥିଲେ। ମହାରାଷ୍ଟ୍ରରେ ମାଲେଗାଓଁ ଏକ ମୁସଲିମ ବହୁଳ ଅଞ୍ଚଳ ଭାବେ ପରିଚିତ। ମସଜିଦ୍ ନିକଟରେ ଏହି ବିସ୍ଫୋରଣ ଲୋକ ଗହଳି ଥିବା ସମୟରେ ସ୍ପଷ୍ଟ ଦିବାଲୋକରେ ଘଟିଥିଲା। ଏହି ବିସ୍ଫୋରଣ ଘଟଣାର ପଛରେ ଗୈରିକ ଆତଙ୍କବାଦୀଙ୍କ ହାତ ଥିବା ନେଇ ତତ୍କାଳୀନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ବିସ୍ଫୋରଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ବିଜେପିର ପୂର୍ବତନ ସାଂସଦ ସ୍ୱାଧୀ ପ୍ରଜ୍ଞା ଠାକୁରଙ୍କ ସମେତ ୭ଜଣଙ୍କୁ ମହାରାଷ୍ଟ୍ର ଏଟିଏସ ତଦନ୍ତ କରି ଗିରଫ କରିଥିଲା। ପରବର୍ତ୍ତୀ ସମୟରେ ଏହାର ତଦନ୍ତ ଦାୟିତ୍ୱ ଦେଶର ପ୍ରମୁଖ ଆତଙ୍କବାଦ ନିରୋଧି ସଂସ୍ଥା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନଆଇଏ)କୁ ହସ୍ତାନ୍ତର କରାଯାଇଥିଲା। ଏହା ନିସନ୍ଦେହ ଯେ, ତଦନ୍ତରେ ଠୋସ୍ ପ୍ରମାଣ ସଂଗ୍ରହ କରିବାରେ ଏନଆଇଏ ବିଫଳ ହୋଇଥିବା ଅଦାଲତଙ୍କ ରାୟ ସ୍ପଷ୍ଟ ସଂକେତ ପ୍ରଦାନ କରେ। ବିଚାରପତି ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, ଏକ ମୋଟର ବାଇକରେ ବିସ୍ଫୋରକ ଖଂଜାଯାଇଥିବା ନେଇ ଏନଆଇଏ ଅଦାଲତଙ୍କଚ ଅବଗତ କରାଇପାରିନାହିଁ। ସେହିପରି ବାଇକଟି ସ୍ୱାଧୀ ଠାକୁରଙ୍କ ମାଲିକାନାରେ ଥିବା ନେଇ ବଳିଷ୍ଠ ପ୍ରମାଣ ଉପସ୍ଥାପିତ କରିପାରିନାହିଁ। ତଦନ୍ତକାରୀ ଅଧିକାରୀ ପଞ୍ଚନାମା ପ୍ରସ୍ତୁତ କରିବା ସମୟରେ ଘଟଣାସ୍ଥଳର ନକ୍ସା(ସ୍କେଚ୍) ପ୍ରସ୍ତୁତ କରିନଥିଲେ କିମ୍ବା ଘଟଣାସ୍ଥଳରୁ କୌଣସି ଅଭିଯୁକ୍ତଙ୍କ ଅଙ୍ଗୁଳି ଛାପ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିନଥିଲେ। ଯେଉଁ ନମୂନା ସଂଗୃହୀତ ହୋଇଥିଲା, ସେଗୁଡିକ ନଷ୍ଟ ହୋଇଯାଇଥିବାରୁ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ବିଚାରପତି ଯାହା ଦର୍ଶାଇଛନ୍ତି, ତାହା ତଦନ୍ତକାରୀଙ୍କ ଅଜ୍ଞତା, ଅପରିପକ୍ୱତା ଓ ଖାମଖିଆଲ ମନୋଭାବକୁ ପ୍ରମାଣିତ କରୁଛି ବୋଲି କୁହାଯାଇପାରେ। ସେହିପରି ଅନ୍ୟତମ ଅଭିଯୁକ୍ତ ଲେଫ୍ଟନାଂଟ କର୍ଣ୍ଣେଲ ଶ୍ରୀକାନ୍ତ ପୁରୋହିତ ଏକ ଛାୟା ଦକ୍ଷୀଣପନ୍ଥୀ ଉଗ୍ରବାଦୀ ସଂଗଠନ ପାଇଁ ବିସ୍ଫୋରକ କିଣିବା ପାଇଁ ପାଣ୍ଠି ସଂଗ୍ରହ କରିବା ଏବଂ ସେଗୁଡିକୁ ନିଜ ବାସଭବନରେ ଲୁଚାଇ ରଖିଥିବା ନେଇ ତଦନ୍ତକାରୀ ଅଧିକାରୀ କୌଣସି ପ୍ରମାଣ ସଂଗ୍ରହ କରିବାରେ ବିଫଳ ହୋଇଛନ୍ତି। ଅନ୍ୟ ଭାଷାରେ ଏକ ବିସ୍ଫୋରଣ ସଂଗଠିତ ହୋଇଥିବା ପ୍ରମାଣ ବ୍ୟତୀତ ଏନଆଇଏ ଅନ୍ୟ କୌଣସି ଗୁରୁତର ଅଭିଯୋଗକୁ ପ୍ରମାଣିତ କରିପାରିନାହିଁ। କେବଳ ମାତ୍ର ସନ୍ଦେହ ବାସ୍ତବ ପ୍ରମାଣର ବିକଳ୍ପର ହୋଇପାରିବ ନାହିଁ। ଏଭଳି ନିମ୍ନମାନର ତଦନ୍ତ ପରିପ୍ରେକ୍ଷୀରେ ଏକ ଦଣ୍ଡବିଧାନ ସମ୍ପୂର୍ଣ୍ଣ ଅଯୌକ୍ତିକ ଏବଂ କାହାରିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। କହିବା ବାହୁଲ୍ୟ ଯେ, ସ୍ୱାଧୀ ପ୍ରଜ୍ଞା ସିଂହ ଠାକୁର ଏବଂ ଅନ୍ୟ ୩ଜଣ ବିରୁଦ୍ଧରେ ଯଥେଷ୍ଟ ପ୍ରମାଣ ପାଉନଥିବାରୁ ସେମାନଙ୍କ ବିରୁଦ୍ଧରେ ମାମଲାକୁ ରଦ୍ଦ ପାଇଁ ୨୦୧୬ ମସିହାରେ ଏନଆଇଏ ସୁପାରିଶ କରିଥିଲା। ଏହା କ'ଣ ଅଭିଯୁକ୍ତମାନଙ୍କୁ ଖଲାସ କରିବା ପାଇଁ ଭବିଷ୍ୟବାଣୀ ଥିଲା କି ବୋଲି ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ମାଲେଗାଓଁ ବିସ୍ଫୋରଣ ଘଟଣା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଏହି ଆକ୍ରମଣ ଘଟଣାରେ ପ୍ରଥମ ଥର ପାଇଁ ହିନ୍ଦୁ ଆତଙ୍କବାଦୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା, ଯାହାକି ଦେଶରେ ପ୍ରଥମ ଘଟଣା ଥିଲା। ଏହା ନିସନ୍ଦେହ ଯେ, ଆତଙ୍କ ମାମଲାରେ ଦୋଷୀଙ୍କୁ ଖୋଜି ବାହାର କରିବାକୁ ହେବ, ସେମାନଙ୍କ ଅପରାଧକୁ ପ୍ରମାଣିତ କରି ଦଣ୍ଡିତ କରିବାକୁ ହେବ। ଅପରାଧର ପ୍ରମାଣ ଖୋଜିବା ହେଉଛି ତଦନ୍ତକାରୀ ସଂସ୍ଥାର ଦାୟିତ୍ୱ। ଏହି ପ୍ରକ୍ରୀୟା ଅନୁସରଣ କରିବାରେ ବିଫଳ ତଦନ୍ତକାରୀଙ୍କୁ ଉତରଦାୟିତ୍ୱ ଫିକ୍ସ କରାଯିବା ଆବଶ୍ୟକ। ତେବେ ଆତଙ୍କ ମାମଲାରେ ତଦନ୍ତ ପାଇଁ ସମର୍ପିତ ତଦନ୍ତକାରୀ, ଉତମ ଫୋରେନସିକ୍, ଉପଯୁକ୍ତ ପ୍ରକ୍ରୀୟା ଅବଲମ୍ବନ ଏବଂ ରାଜନୈତିକ ଚାପମୁକ୍ତ ହେବା ଜରୁରୀ। ଅନ୍ୟଥା ଅଭିଯୁକ୍ତ ନିର୍ଦ୍ଦୋଷ ଖଲାସ ହେବା ସାର ହେବ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୬୬୪୦୩**

# ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ଅନୁଷ୍ଠାନରେ ଭାରତର ଉପଲବ୍ଧି



**ଡଃ. ଅରୁନ୍ଧତୀ ଦେବୀ**

ଭାରତ ଆଜି ସମଗ୍ର ବିଶ୍ୱର ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ଜାରି ରଖିଛି। ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ ଏକ ସମ୍ପୂର୍ଣ୍ଣ ବିକଶିତ ଦେଶରେ ପରିଣତ ହେବାର ଯେଉଁ ଯୋଜନା ରଖିଛି ଏ କ୍ଷେତ୍ରରେ ଉଚ୍ଚଶିକ୍ଷା ଅନୁଷ୍ଠାନ ମାନଙ୍କର ମର୍ଯ୍ୟାଦା, ପ୍ରତିଷ୍ଠା, ଛାତ୍ରଛାତ୍ରୀଙ୍କ ଉତ୍କର୍ଷତା ଗୁରୁତ୍ୱ ବହନ କରିବାକୁ ଯାଉଛି। ସପ୍ତାହକ ତଳେ ପ୍ରକାଶିତ ପୃଥିବୀର ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ମର୍ଯ୍ୟାଦା ତାଲିକା, କ୍ୟୁଏସ ୱର୍ଲଡ଼ ୟୁନିଭରସିଟି ର୍ୟାଙ୍କିଂସ ଭାରତ ପାଇଁ ସୁସମ୍ବାଦ ବହନ କରିବା ଦେଖାଯାଇଛି। ଗତ ବର୍ଷ ତୁଳନାରେ ଏଥିରେ ପ୍ରାୟ ୫୦ ଶତାଂଶ ଭାରତୀୟ ବିଶ୍ୱ ବିଦ୍ୟାଳୟ ମାନଙ୍କୁ ପ୍ରଦତ୍ତ ର୍‌ୟାଙ୍କରେ ଉନ୍ନିତ ଘଟିଛି। ବର୍ତ୍ତମାନ ଭାରତର ୫୪ଟି ଉଚ୍ଚଶିକ୍ଷା ଅନୁଷ୍ଠାନ ସେଇ ସମ୍ମାନଜନକ କ୍ୟୁଏସ ତାଲିକାରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସଂଖ୍ୟା ଅନୁସାରେ ଭାରତ ବର୍ତ୍ତମାନ ପୃଥିବୀରେ ଚତୁର୍ଥ ସ୍ଥାନ ହାସଲ କରିଛି ୧୯୨ଟି ଏଭଳି ଶିକ୍ଷାନୁଷ୍ଠାନ ଥିବା ଆମେରିକା ଅଛି ପ୍ରଥମ ସ୍ଥାନରେ, ୯୦ଟି ଶିକ୍ଷାନୁଷ୍ଠାନ ଥିବା ବ୍ରିଟେନ ଅଛି ଦ୍ୱିତୀୟ ସ୍ଥାନରେ ଓ ୭୨ଟି ଶିକ୍ଷାନୁଷ୍ଠାନ ଥିବା ଚୀନ ଅଛି ତୃତୀୟ ସ୍ଥାନରେ। ଏଥର ଭାରତର ୮ଟି ବିଶ୍ୱବିଦ୍ୟାଳୟ ନୂତନ କରି ଏହି ତାଲିକାରେ ପ୍ରବେଶ କରିଛନ୍ତି, ଯାହା ମଧ୍ୟ ହେଉଛି ଏକ ଉଲ୍ଲେଖନୀୟ ଉପଲବ୍ଧି। କାରଣ ଅନ୍ୟ କୌଣସି ଦେଶର ଏତେ ସଂଖ୍ୟକ ବିଶ୍ୱବିଦ୍ୟାଳୟ ଏଥର ନୂତନ ଭାବେ ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି।

ଭାରତର କେତେକ ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ମାନ ମଧ୍ୟ ଏହି ମର୍ଯ୍ୟାଦା ତାଲିକାରେ ଯେଉଁଭଳି ଆରୋହଣ କରିବାରେ ସଫଳ ହୋଇଛନ୍ତି, ତାହା ପ୍ରଭାବଶାଳୀ ବୋଲି କହିଲେ ଅତିରଞ୍ଜନ ହେବନାହିଁ। ଭାରତୀୟ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ତାଲିକାରେ ସର୍ବାଗ୍ରେ ଥିବା ଦିଲ୍ଲୀ ଆଇଆଇଟିକୁ ଏଥର ତାଲିକାରେ ୧୨୩ତମ ସ୍ଥାନ ପ୍ରଦାନ କରାଯାଇଛି ଗତ ବର୍ଷ ଏହାକୁ ମିଳିଥିଲା




୧୫୦ ତମ ସ୍ଥାନ ଓ ତା'ପୂର୍ବ ବର୍ଷ ଏହାର ସ୍ଥାନ ୧୯୭ତମ। ଭାରତୀୟ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ଏହା ପଛକୁ ଦ୍ୱିତୀୟ ସ୍ଥାନରେ ଅଛି 'ବମ୍ବେ ଆଇଆଇଟି' ଓ ତୃତୀୟ ସ୍ଥାନରେ ଅଛି 'ମାଡ୍ରାସ ଆଇଆଇଟି'। 'ଖଡ଼ଗପୁର ଆଇଆଇଟି' ଚତୁର୍ଥ ସ୍ଥାନରେ ଥିବାବେଳେ ବେଙ୍ଗାଲୁରସ୍ଥିତ 'ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ' ରହିଛି ପଞ୍ଚମ ସ୍ଥାନ।

ଆମ ବିଶ୍ୱବିଦ୍ୟାଳୟମାନଙ୍କର ଏହି ପ୍ରଶଂସନୀୟ ଉପଲବ୍ଧି ଭାରତ ପାଇଁ ଆଉ ଏକ ଆକର୍ଷଣୀୟ ସମ୍ଭାବନା ମଧ୍ୟ ସୃଷ୍ଟି କରିଛି। ଭାରତ ବର୍ତ୍ତମାନ ଚାହିଁଲେ ଏସିଆ, ଆଫ୍ରିକା ଓ ଦକ୍ଷିଣ ଆମେରିକାର ଉଚ୍ଚଶିକ୍ଷା ସନ୍ଧାନୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଆଦର୍ଶ ଗନ୍ତବ୍ୟ ସ୍ଥଳୀରେ ପରିଣତ ହୋଇଯାଇ ପାରିବ। ଏଇ ସମସ୍ତ ଦେଶର ଏଭଳି ଶିକ୍ଷାର୍ଥୀମାନେ ଏ ପର୍ଯ୍ୟନ୍ତ ବିଦେଶରେ ଗୁଣାତ୍ମକ ଶିକ୍ଷା ଲାଭ କରିବା ଉଦ୍ଦେଶ୍ୟରେ ଆମେରିକା, ବ୍ରିଟେନ, ଅନ୍ୟ କେତେକ ଇଉରୋପୀୟ ଦେଶ ଓ ଅଷ୍ଟ୍ରେଲିଆ ଦିଗରେ ଯାତ୍ରା କରିବା ଦେଖାଯାଉଥିଲା। ବର୍ତ୍ତମାନ କିନ୍ତୁ ଦ୍ରୁତ ପରିବର୍ତ୍ତନଶୀଳ ଆନ୍ତର୍ଜାତିକ ରାଜନୈତିକ, କୂଟନୈତିକ, ସାମରିକ ଓ ଅର୍ଥନୈତିକ ପରିସ୍ଥିତିରେ ସେମାନଙ୍କର ସେଇ ଗତିପଥରେ ପରିବର୍ତ୍ତନ ଟିବା ଅବଶ୍ୟମ୍ଭାବୀ ହୋଇପଡ଼ିଲାଣି।

ସେ ଦେଶ ମାନଙ୍କରେ ଉଚ୍ଚଶିକ୍ଷା ମଧ୍ୟ ଅତ୍ୟନ୍ତ ବ୍ୟୟ ବହୁଳ ହୋଇଥାଏ, ଯାହା ଏହି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅସହ୍ୟ ହୋଇଥିଲେ ମଧ୍ୟ ସେମାନେ ଉଚ୍ଚମାନର ଶିକ୍ଷା ଲାଭ ଆଶାରେ କୌଣସି ମତେ ଏହି ବୋଝ ବହନ କରିବାକୁ ଚେଷ୍ଟା କରିଥାନ୍ତି। ଭାରତର ବିବିଧତାଭରା ସାଂସ୍କୃତିକ ପରିବେଶ ମଧ୍ୟ ଏହି ଛାତ୍ରଛାତ୍ରୀମାନଙ୍କ ପାଇଁ ପାଶ୍ଚାତ୍ୟ ଜାତିଆଣ ସଂସ୍କୃତି ଠାରୁ ଅଧିକ ଅନୁକୂଳ ସାବ୍ୟସ୍ତ ହେବ। ଅନେକ ଭାରତୀୟ ଶିକ୍ଷାନୁଷ୍ଠାନ ବର୍ତ୍ତମାନ ଆନ୍ତର୍ଜାତିକ ଗବେଷଣା ସହଭାଗିତାରେ ଅଂଶୀଦାର ଅଛନ୍ତି, ଯାହା ଏହି ଛାତ୍ରଛାତ୍ରୀମାନଙ୍କୁ ଏଠାକୁ ଆସିବା ପାଇଁ ଉତ୍ସାହିତ କରିବ। ସରକାର ଯଦି ସୁଯୋଗର ସଦବ୍ୟବହାର କରି ଭାରତକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଆନ୍ତର୍ଜାତିକ କେନ୍ଦ୍ରରେ ପରିଣତ କରିବାକୁ ଆବଶ୍ୟକ ଅନ୍ୟାନ୍ୟ ଆନୁସଙ୍ଗିକ ପଦକ୍ଷେପମାନ ନେବେ, ତେବେ ଭାରତ ପ୍ରକୃତରେ ଅବିଳମ୍ବେ ଏକ ବିଶ୍ୱଗୁରୁରେ ପରିଣତ ହୋଇପାରେ। ଭାରତରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ଭାବେ ସରକାରୀ ପ୍ରୋତ୍ସାହନ ମିଳିବା ସହ ଅନେକ ବିଦେଶୀ ଛାତ୍ରମାନେ ମଧ୍ୟ ଭାରତ ଆଗମନ କରି ସେମାନଙ୍କର ମନଲାଖି ଉଚ୍ଚଶିକ୍ଷା ପାଉଛନ୍ତି।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

### ଦିଦିଙ୍କ ନୂଆ ନିର୍ବାଚନୀ ଘୋଷଣା

## ଆମ ଅଞ୍ଚଳ, ଆମର ସମାଧାନ



**କୋଲକାତା,୩।୮:** ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଦୁଇଟି ପ୍ରମୁଖ ଯୋଜନା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଗୋଟିଏ ପଟେ ମମତା ଦୁର୍ଗା ପୂଜା ପାଇଁ ୧.୧ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ଘୋଷଣା କରିଥିଲେ, ଅନ୍ୟପଟେ ସେ 'ଆମାଦେର ପାରା, ଆମଦେର ସମାଧାନ' (ଆମ ଅଞ୍ଚଳ, ଆମର ସମାଧାନ) ଯୋଜନା ଆରମ୍ଭ କରିଥିଲେ। ଏହା ଅଧୀନରେ ପ୍ରତ୍ୟେକ ବୁଥକୁ ୧୦ ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି। ଭାଜପା ଏହି ଘୋଷଣାଗୁଡ଼ିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହାକୁ ଧର୍ମର ରାଜନୀତି ଏବଂ ନିର୍ବାଚନୀ ଉପହାର ବୋଲି ଅଭିହିତ କରି ମମତା ସରକାର ବିକାଶକୁ ଅଣଦେଖା କରୁଥିବା ଅଭିଯୋଗ କରିଛି। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଆସାନସୋଲ ଦକ୍ଷିଣ ବିଧାୟକ ଅଗ୍ନିମିତ୍ର ପାଉଲ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି କହିଛନ୍ତି ଯେ ତାଙ୍କ ସରକାର ରାସ୍ତା ନିର୍ମାଣ ଏବଂ ନିଯୁକ୍ତି ସୃଷ୍ଟି ଭଳି ବିକାଶମୂଳକ କାର୍ଯ୍ୟ ବଦଳରେ ଧର୍ମର ରାଜନୀତିରେ ବ୍ୟସ୍ତ। ପାଉଲ କହିଛନ୍ତି ଯେ ମନ୍ଦିର ନିର୍ମାଣ ଏବଂ ପୂଜା ପାଇଁ ଅନୁଦାନ ଦେବା ସରକାରଙ୍କ ଉଦ୍ଦେଶ୍ୟ ହୋଇପାରିବ ନାହିଁ। ଏହା ସରକାରଙ୍କ ପ୍ରାଥମିକତାରେ ପରିବର୍ତ୍ତନକୁ ଦର୍ଶାଉଛି। ସେ ଚେତାବନୀ ଦେଇଛନ୍ତି ଯେ ଏବେ ଅନ୍ୟ ସମ୍ପ୍ରଦାୟ ମଧ୍ୟ ଦୀଘାର ଜଗନ୍ନାଥ ମନ୍ଦିର ପାଇଁ କରାଯାଇଥିବା ପରି ସେମାନଙ୍କ ପୂଜାସ୍ଥଳ ପାଇଁ ସରକାରୀ ସାହାଯ୍ୟ ଦାବି କରିପାରିବେ। ପାଉଲ ଜୋର ଦେଇ କହିଛନ୍ତି ଯେ ଭାଜପା ଧର୍ମଭିତ୍ତିକ ନୀତି ପାଇଁ ନୁହେଁ, ବରଂ ସମସ୍ତ ନାଗରିକଙ୍କ ଶିକ୍ଷା, ନିଯୁକ୍ତି ଏବଂ ଉନ୍ନତି ପାଇଁ କାମ କରେ। ଅନ୍ୟପକ୍ଷରେ, ମମତା ବାନାର୍ଜୀ ଆମଦେର ପାରା, ଆମଦେର ସମାଧାନକୁ ଦେଶର ପ୍ରଥମ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି।

# ବଢ଼ିଲା ଆମେରିକା-ରୁଷ କଳି





## ଘନେଇଲା ପରମାଣୁ ଯୁଦ୍ଧ ଆଶଙ୍କା

**ୱାସିଂଟନ/ମସ୍କୋ, ୩।୮:** ଦୁଇ ସୁପରପାୱାର ଆମେରିକା ଏବଂ ରୁଷ ପରମାଣୁ ଯୁଦ୍ଧ ପାଇଁ ମୁହାଁମୁହିଁ ହୋଇଛନ୍ତି। ଏହାକୁନେଇ ବିଶ୍ୱରେ ହଇଚଇ ଖେଳିଯାଇଛି। ସମୁଦ୍ରରେ ରୁଷ ସୀମା ନିକଟରେ ପରମାଣୁ ସବମେରିନ ମୁତୟନ ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକ ଦେବାପରେ ରୁଷ ଏହାର ମୁକାବିଲା ଲାଗି ପ୍ରସ୍ତୁତ ଥିବା ଜଣାଇଛନ୍ତି। ବିଶ୍ୱ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବି ଜଣାଉଥିବା ଟ୍ରମ୍ପଙ୍କ ଏଭଳି ପଦକ୍ଷେପ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।

ରୁଷର ପୂର୍ବତନ ରାଷ୍ଟ୍ରପତି ତଥା ରୁଷ ନିରାପତ୍ତା ପରିଷଦର ଉପାଧ୍ୟକ୍ଷ ଡିମେଟ୍ରି ମେଦଭେଦେଭ୍‌ଙ୍କ ଏକ ମନ୍ତବ୍ୟକୁ ନେଇ ଏଭଳି ଉତ୍ତେଜନା ଦେଖାଦେଇଛି। ରୁଷଠାରୁ ତେଲ ଓ ଅସ୍ତ୍ର କିଣୁଥିବା ଭାରତ ସମେତ କେତେକ ଦେଶ ଉପରେ ୨୫ ପ୍ରତିଶତ ଶୁଳ୍କ କଟକଣା ଲଗାଇବା ଲାଗି ଟ୍ରମ୍ପଙ୍କ ଘୋଷଣା ପରେ କ୍ଷୁବ୍ଧ ହୋଇ ଧମକ ଦେଇଥିଲେ ଡିମେଟ୍ରି ମେଦଭେଦେଭ୍। ସେ କହିଥିଲେ ଯେ ରୁଷ କିମ୍ବା ଏହାର ନେତାମାନଙ୍କ ଉପରେ ଆକ୍ରମଣ ହେଲେ ପରମାଣୁ ଆକ୍ରମଣ କରିବାକୁ ପଛାଇବ ନାହିଁ ରୁଷ। ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଡିମେଟ୍ରି ମେଦଭେଦେଭ୍‌ଙ୍କୁ ସମାଲୋଚନା କରିଥିଲେ ଟ୍ରମ୍ପ। ସେ କହିଥିଲେ ଯେ ଡିମେଟ୍ରି ମେଦଭେଦେଭ୍ ପିଲାଳିଆମି ଏବଂ ଉତ୍ତେଜନାମୂଳକ ମନ୍ତବ୍ୟ ଦେଉଛନ୍ତି। ତାଙ୍କର ଏଭଳି ମନ୍ତବ୍ୟର ଜବାବ ଦେବାକୁ ଯାଇ ଆମେରିକାର ଦୁଇଟି ପରମାଣୁ ସବମେରିନକୁ ରୁଷ ସୀମା ନିକଟ ସମୁଦ୍ରକୁ ପଠାଇବା ଲାଗି ଟ୍ରମ୍ପ ନିର୍ଦ୍ଦେଶ ଦେଇଥିଲେ। ଟ୍ରମ୍ପଙ୍କ ଏଭଳି ଘୋଷଣା ପରେ ରୁଷ ପକ୍ଷରୁ କୁହାଯାଇଛି ଯେ, ଆମେରିକାର ପରମାଣୁ ଧମକର ମୁକାବିଲା ଲାଗି ଆମେ ପ୍ରସ୍ତୁତ ଅଛୁ। ସମୁଦ୍ର ଯୁଦ୍ଧରେ ଆମେରିକା ତୁଳନାରେ ରୁଷର ଅଧିକ ଆଧିପତ୍ୟ ରହିଛି ବୋଲି ରୁଷର ଜଣେ ସରକାରୀ ମୁଖପାତ୍ର କହିଛନ୍ତି। ସେ କହିଛନ୍ତି ଯେ, ଆମେରିକାର ଯେତେ ପରମାଣୁ ସବମେରିନ୍ ରହିଛି, ତାଠାରୁ ଢେର ଅଧିକ ସଂଖ୍ୟାରେ ରୁଷ ପାଖରେ ରହିଛି। ତେଣୁ ଆମେରିକାର ଏଭଳି ଧମକ ରୁଷ ପାଇଁ ବିଶେଷ ଗୁରୁତ୍ୱ ବହନ କରୁନାହିଁ। ତେବେ ସେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଆଭିମୁଖ୍ୟର କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଆମେରିକାର ରାଷ୍ଟ୍ରପତି ଦାୟିତ୍ୱହୀନ ମନ୍ତବ୍ୟ ନେଇ ଅଯଥାରେ ଉତ୍ତେଜନା ବଢ଼ାଉଛନ୍ତି। ସୂଚନାଯୋଗ୍ୟ ଯେ, ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଟ୍ରମ୍ପ ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବିରତି ଲାଗି ଉଦ୍ୟମ କରି ଆସୁଛନ୍ତି। କିନ୍ତୁ ଏଥିରେ ବିଶେଷ ସଫଳତା ମିଳୁନଥିବାରୁ ସେ କ୍ଷୁବ୍ଧ ହୋଇ ରୁଷକୁ ଏକଘରିକିଆ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ରୁଷ ସହିତ ସଂପର୍କ ଛିନ୍ନ କରିବା ଲାଗି ବିଭିନ୍ନ ଦେଶ ଉପରେ ଚାପ ପକାଉଛନ୍ତି। ରୁଷରୁ ତେଲ ଓ ଅସ୍ତ୍ର କିଣୁଥିବା ଦେଶମାନଙ୍କ ଉପରେ ଟ୍ରମ୍ପ ବାଣିଜ୍ୟ କଟକଣା ଘୋଷଣା କରିଛନ୍ତି। ଏହିକ୍ରମରେ ଭାରତୀୟ ସାମଗ୍ରୀ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ସେ ଘୋଷଣା କରିଥିବାରୁ ରୁଷ କ୍ଷୁବ୍ଧ ହୋଇ ଏଭଳି ଧମକ ଦେଇଥିଲା।

### ଟ୍ରମ୍ପଙ୍କ ଧମକକୁ ଭାରତର ବେଖାତିର

## ରୁଷଠାରୁ ଜାରି ରହିବ ତେଲ କିଣା



**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକକୁ ଭାରତ ଖାତିର କରିନାହିଁ। ପୂର୍ବଭଳି ସହଯୋଗୀ ରୁଷଠାରୁ ଭାରତ ତେଲ କିଣା ଜାରି ରଖିବ ବୋଲି କୁହାଯାଇଛି। ଆମେରିକାର ଟାରିଫ କଟକଣା ପରେ ଭାରତ ତା'ର ବୈଦେଶିକ ନୀତିରେ କିଛି ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଥିଲା। କୂଟନୈତିକ ସମ୍ପର୍କ ଓ ସାମ୍ପ୍ରତିକ ପରିସ୍ଥିତିକୁ ଦେଖି ସାମୟିକ ରୁଷଠାରୁ ତେଲ କିଣା ବନ୍ଦ କରିବାର ଆଶଙ୍କା ସୃଷ୍ଟି ହୋଇଥିଲା। ହେଲେ ସେଭଳି ଭାରତ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କୌଣସି ତୈଳ ବିଶୋଧନାଗାରକୁ ରୁଷଠାରୁ ଅଶୋଧିତ ତେଲ ଆମଦାନୀ ବନ୍ଦ କରିବା ନେଇ ଭାରତ କୌଣସି କଟକଣା କିମ୍ବା ନିର୍ଦ୍ଦେଶନାମା ଏ ପର୍ଯ୍ୟନ୍ତ ଜାରି କରିନାହିଁ। ଭାରତ ଶକ୍ତି ସଂରକ୍ଷଣ ଲାଗି ନିଜର ପ୍ରୟାସ ଜାରି ରଖିଛି। ପ୍ରକାଶଥାଉ କି, ଅନ୍ତର୍ଜାତୀୟସ୍ତରରେ ଯୁଦ୍ଧ ଘନଘଟା ଲାଗିରହିଥିବା ବେଳେ ରୁଷଠାରୁ ଭାଙ୍ଗରତର ତେଲ ଓ ପ୍ରତିରକ୍ଷା ସରଞ୍ଜାମ କ୍ରୟ ଆମେରିକାକୁ ବ୍ୟଥିତ କରିଛି। ଭାରତ ବିଶ୍ୱର ତୃତୀୟ ଅର୍ଥନୀତି ବନିବାକୁ ଯାଉଥଇବା ବେଳେ ଭାରତର ଏଭଳି ରୁଷ ସହ କୂଟନୈତିକ ସମ୍ପର୍କକୁ ଆମେରିକା ସହ୍ୟ କରିପାରୁନାହିଁ। ତେଣୁ ଭାରତ ଅର୍ଥନୀତିକୁ ଡ୍ରେ ଇକୋନୋମି ବୋଲି କହିବା ସହ ୨୫ ପ୍ରତିଶନ ଟାରିଫ ଲଗାଇ କୂଟନୈତିକ ଚାଲ୍ ଖେଳୁଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱଦେଶୀ ଦ୍ରବ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥିବା ବେଳେ ରୁଷଠାରୁ ଆମଦାନୀ ହେଉଥିବା ତୈଳ ଉପରେ କୌଣସି କଟକଣା ଲଗାଇନାହାନ୍ତି।

## ଶ୍ରୀରାମ ମନ୍ଦିର ଉଡାଇବାକୁ ପାକିସ୍ତାନରୁ ଆସିଲା ଧମକ



**ମହାରାଷ୍ଟ୍ର, ୩।୮:** ମହାରାଷ୍ଟ୍ର ବୀଡ ଜିଲ୍ଲାରୁ ଗୋଟିଏ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଅଯୋଧ୍ୟାର ଶ୍ରୀରାମ ମନ୍ଦିରକୁ ଉଡାଇବାର ଧମକ ମିଳିଛି । ବୀଡ ଶିରୁର କସାର ଅଞ୍ଚଳର ଜଣେ ଯୁବକଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ଧମକ ମିଳିଥିବା ପୋଲିସ୍ ସୂତ୍ରରୁ ଜଣାପଡିଛି । ଧମକ ଦେଇଥିବା ଅଭିଯୁକ୍ତ ପାକିସ୍ତାନର ବାସିନ୍ଦା ବୋଲି ସ୍ୱୀକାର କରିଛି । ଏଥି ସହିତ ଷଡଯନ୍ତ୍ରରେ ସାମିଲ ହେବାକୁ ଯୁବକଙ୍କୁ ଏକ ଲକ୍ଷ ଟଙ୍କା ଅର୍ଥରାଶିର ପ୍ରଲୋଭନ ଦେଖାଇଛି ଅଭିଯୁକ୍ତ । ସୂଚନାନୁଯାୟୀ, ଯୁବକ ଜଣକ ତାଙ୍କ ସୋସିଆଲ ମିଡିଆ ପେଜ ଚଲାଉଥିବା ସମୟରେ ତାଙ୍କୁ ଏକ ପାକିସ୍ଥାନୀ ଆକାଉଣ୍ଟରୁ ସନ୍ଦିଗ୍ଧ ଜଣଙ୍କର ମେସେଜ୍ ଆସିଥିଲା। ଯେଉଁଥିରେ ସନ୍ଦିଗ୍ଧ ଜଣକ କହିଥିଲେ ଯେ, ଆରଡିଏକ୍ସ ସାହାଯ୍ୟରେ ଅଯୋଧ୍ୟା ଶ୍ରୀରାମ ମନ୍ଦିର ଉଡାଇବାକୁ ଚାହାଁନ୍ତି । ଏହି ଷଡଯନ୍ତ୍ରରେ ସାମିଲ ହେବା ପାଇଁ ୫୦ ଜଣ ଲୋକ ଆବଶ୍ୟକ । ଏଥିରେ ଯେଉଁମାନେ ସାହାଯ୍ୟ କରିବେ ପ୍ରତ୍ୟେକଙ୍କୁ ୧ଲକ୍ଷ ଟଙ୍କା ଦିଆଯିବ । ଯଦି ଯୁବକ ଜଣକ ନିଜେ ଏହି କାମ କରିପାରିବେ ନାହିଁ ତେବେ ଅନ୍ୟ କାହାର ନମ୍ବର ଦେବାକୁ ସନ୍ଦିଗ୍ଧ ତାଙ୍କୁ କହିଥିଲେ। ଭାବିକି କୁହନ୍ତୁ, ଆମର ସାଥ୍ ଦିଅନ୍ତୁ ଯଦି ଅଦିକ ଦରକାର ମୁହଁ ଖୋଲି କୁହନ୍ତୁ ବୋଲି ମଧ୍ୟ ସନ୍ଦିଗ୍ଧ କହିଥିଲେ । ଯାହାର ଅଡିଓ କ୍ଲିପ୍ ମଧ୍ୟ ଭାଇରଲ ହେଉଛି। ଅନ୍ୟପଟେ ଶିରୁର ପୋଲିସ ଷ୍ଟେସନରେ ଏହି ମାମଲା ରୁଜୁ ହୋଇଛି । ରାମ ମନ୍ଦିର ପାଇଁ ଚାଲିଥିବା ପ୍ରସ୍ତୁତି ଏବଂ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏହି ବିପଦକୁ ଗମ୍ଭୀର ବୋଲି ବିବେଚନା କରାଯାଉଛି । ସୋସିଆଲ ମିଡିଆ ପେଜରେ ଆସିଥିବା ମେସେଜ୍ ଏବଂ ଅଡିଓ ରେକର୍ଡ ଶୁଣି ଏହା ସତ ବୋଲି ନିଶ୍ଚିତ ହୋଇଛି ପୋଲିସ । ଏନେଇ ବର୍ତ୍ତମାନ ସାଇବର ସେଲ୍ ସମେତ ଅନ୍ୟାନ୍ୟ ଏଜେନ୍ସି ମଧ୍ୟ ତଦନ୍ତ ଆରମ୍ଭ କରିଛନ୍ତି। ସନ୍ଦିଗ୍ଧ ବ୍ୟକ୍ତି କରାଚୀର ସ୍ଥାନ ପଠାଇ ନିଜକୁ ପାକିସ୍ତାନୀ ପ୍ରମାଣିତ କରିବାକୁ ଚେଷ୍ଟା କରିଛି । କିନ୍ତୁ ସେ ପ୍ରକୃତରେ ପାକିସ୍ତାନର ନାଗରିକ କି ନାହିଁ, ତାହା ତଦନ୍ତ ପରେ ହିଁ ଜଣାପଡିବ ।

## ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିସନଙ୍କ ନୋଟିସ



**ନୂଆଦିଲ୍ଲୀ, ୩।୮ :** ଦୁଇଟି ଭୋଟର ପରିଚୟ ପତ୍ର ନମ୍ବର ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ତଥା ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ବଡ଼ ଅଡୁଆରେ ଫସି ଯାଇଛନ୍ତି। ନିର୍ବାଚନ କମିସନ ତାଙ୍କୁ ଏହି ମାମଲାରେ ନୋଟିସ ପଠାଇଛନ୍ତି। ଦୁଇଟି ଭୋଟର ପରିଚୟ ପତ୍ର ମାମଲାରେ କମିସନ ତାଙ୍କଠାରୁ ଉତ୍ତର ମାଗିଛନ୍ତି। ତେଜସ୍ୱୀଙ୍କଠାରୁ ଭୋଟର ପରିଚୟ ପତ୍ରର ମୂଳ କପି ମଗାଯାଇଛି। ତେଜସ୍ୱୀ ଯାଦବ ସାମ୍ବାଦିକ ସମ୍ମିଳନୀରେ ଯେଉଁ ପରିଚୟ ପତ୍ର ଦେଖାଇଥିଲେ ତାହା ନିର୍ବାଚନ କମିସନଙ୍କ ପ୍ରାଥମିକ ତଦନ୍ତରେ କୌଣସି ସ୍ଥାନରେ ମିଳିନାହିଁ। ଭାରତରେ ଜଣେ ବ୍ୟକ୍ତି ଦୁଇଟି ଭୋଟର ପରିଚୟ ପତ୍ର ରଖିପାରିବେ ନାହିଁ। ଏହା ବେଆଇନ। ଏହା ଲୋକ ପ୍ରତିନିଧିତ୍ୱ ଆଇନ, ୧୯୫୧ ଅନୁଯାୟୀ ଦଣ୍ଡନୀୟ। ଏହି ମାମଲାରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ଏକ ବର୍ଷ ଜେଲ କିମ୍ବା ଜରିମାନା ହୋଇପାରେ। ତଥାପି, ନିର୍ବାଚନ କମିସନ ଏହି ମାମଲାର ତଦନ୍ତ କରୁଛି। ଯଦି ଦୁଇଟି ଭୋଟର ପରିଚୟ ପତ୍ରର ମାମଲା ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ଏହାକୁ ଏକ ଗମ୍ଭୀର ନିର୍ବାଚନୀ ଅପରାଧ ଭାବରେ ବିବେଚନା କରାଯିବ।

## କେନାଲକୁ ଖସିଲା କାର୍ ୧୧ ଶ୍ରଦ୍ଧାଳୁ ମୃତ



**ଲକ୍ଷ୍ନୌ, ୩।୮:** ଉତ୍ତରପ୍ରଦେଶରେ ବଡ଼ ସଡକ ଦୁର୍ଘଟଣା। କେନାଲକୁ ଖସିଲା କାର୍। ଭାରସାମ୍ୟ ହରାଇ କେନାଲକୁ ଖସି ପଡ଼ିଲା ଏସୟୁଭି ଗାଡ଼ି। ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଶ୍ରଦ୍ଧାଳୁ ଆଗ୍ରାର ସେହା ଗାଁର। ସେମାନେ ଗାଡ଼ିରେ ପୃଥ୍ୱୀନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ। ଶ୍ରାବଣ ସୋମବାରରେ ପାଣି ଢାଳିବାକୁ ଯାଉଥିଲେ। ଅଧୁରା ରହିଗଲା ମହାଦେବଙ୍କ ମଥାରେ ପାଣି ଢାଳିବା। ତେବେ ସୂଚନା ଅନୁସାରେ କାରରେ ୧୫ ଜଣ ଯାତ୍ରୀ ଥିଲେ। ଚାଳକ ଭାରସାମ୍ୟ ହରାଇ ଏକ କେନାଲକୁ ଗାଡ଼ି ଖସାଇ ଦେବା ଫଳରେ ଦୁର୍ଘଟଣା ହୋଇଛି। ଇକାଇଥୋକ ନିକଟରେ ଏହି ଦୁର୍ଘଟଣା ହୋଇଥିବା ବେଳେ ମୃତକଙ୍କ ମଧ୍ୟରେ ଶିଶୁଠାରୁ ଆରମ୍ଭ କରି ବୟସ୍କ ରହିଛନ୍ତି। ଦୁର୍ଘଟଣା ସ୍ଥଳରୁ କାରକୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀ ଦଳ ପହଞ୍ଚିଛନ୍ତି। ସେପଟେ ୧୧ ଶ୍ରଦ୍ଧାଳୁଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକ ପ୍ରକାଶ କରିବା ସହ ପ୍ରତି ମୃତକଙ୍କ ପରିବାର ପିଛା ୫ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି।

## ସେନାଧିକାରୀଙ୍କ ମରଣାନ୍ତକ ଆକ୍ରମଣ: ୪ ବିମାନ କର୍ମଚାରୀ ଗୁରୁତର




**ଶ୍ରୀନଗର, ୩।୮:** ଏୟାରପୋର୍ଟରେ ମରଣାନ୍ତକ ଆକ୍ରମଣ। ବିମାନ ବନ୍ଦରରେ ସ୍ପାଇସ୍ ଜେଟ୍ କର୍ମଚାରୀଙ୍କୁ ବିଧା ଗୋଇଠା ମାରିଲେ ବରିଷ୍ଠ ସେନା ଅଧିକାରୀ। ଖାଲି ବିଧା ଗୋଇଠା ନୁହେଁ ବରଂ ବିମାନ ବନ୍ଦରରେ ଥିବା ଷ୍ଟିଲ ଷ୍ଟାଣ୍ଡ ଖୋଲି ପିଟିଲେ। ସେନା ଅଧିକାରୀଙ୍କ ଉନ୍ମତ୍ତକାଣ୍ଡରେ ୪ ଜଣ ସ୍ପାଇସ୍ ଜେଟ୍ କର୍ମଚାରୀ ରକ୍ତ ଜୁଡୁବୁଡୁ ହୋଇଥିବା ବେଳେ ଆକ୍ରମଣ ପଛର କାରଣ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହେବେ। ବିମାନ ବନ୍ଦରରେ ହୋଇଥିବା ହଙ୍ଗାମା ପଛରେ ଥିଲା ଭାରି ଲଗେଜ। କ୍ଷମତା ଠାରୁ ଅଧିକ ଓଜନର ଲଗେଜକୁ ନେଇ ଏହି ଗଣ୍ଡଗୋଳ, ମାରପିଟ ହୋଇଛି। ତେବେ ଶ୍ରୀନଗରରୁ ଦିଲ୍ଲୀ ଆସୁଥିବା ସ୍ପାଇସ୍ ଜେଟ୍ର ବିମାନ ଏସଜି-୩।୮୬ର ବୋର୍ଡିଂ ଗେଟ ପାଖରେ ହଙ୍ଗାମା ଦେଖିବାକୁ ମିଳିଛି। ଜଣେ ସେନା ଅଧିକାରୀ ନିଜ ଲଗେଜ ଠାରୁ ଅଧିକ ଓଜନର ଲଗେଜ ନେଇ ଯାଉଥିଲେ। ସେନାଧିକାରୀଙ୍କ ପାଖରେ ୨ଟି ବ୍ୟାଗ୍ ଥିଲା ଯାହାର ଓଜନ ଥିଲା ୧୬ କେଜି। ତେବେ କର୍ମଚାରୀ ତାଙ୍କୁ ଅଧିକ ଓଜନ ପାଇଁ ଅତିରିକ୍ତ ଚାର୍ଜ ମାଗିଥିବା ବେଳେ ସେ ଦେବାକୁ ମନା କରିବା ସହ ବଡ ପାଟିରେ ଚିଲେଇ। ସେଠାରେ ମାରପିଟ କରିଥିଲେ। ପରିସ୍ଥିତି ବିଗିଡିବା ପରେ ସିଆଇଏସଏଫ ଅଧିକାରୀ ସେନାଧିକାରୀଙ୍କୁ ଠେଲି ଠେଲି ନେଇ ଯାଉଥିବା ବେଳେ ସେ ଆହୁରି ରାଗିଯାଇ ପୁଣି ଆକ୍ରମଣ କଲେ। କାହାକୁ ବିଧା, ଗୋଇଠା ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ ଯେଉଁଥିରେ ଜଣଙ୍କର ବେକ ହାଡ ଆଘାତ ଲାଗିଥିବା ବେଳେ ୪ ଜଣ ଯାକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତେବେ ଆକ୍ରମଣ ପରେ ସେନାଧିକାରୀଙ୍କ ନାଁରେ ଏଫଆଇଆର ହୋଇଛି। ସେ ଗୁଲମାର୍ଗରେ ଚାକିରି କରିଛନ୍ତି। ଘଟଣା ପରେ ଥାନାରେ ଅଭିଯୋଗ ହେବା ସହ ତାଙ୍କୁ ନୋ-ଫ୍ଲାଇଟ ତାଲିକାଭୁକ୍ତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଯାଏଁ ସେ ଗିରଫ ହୋଇ ନାହାନ୍ତି।

## ବନ୍ଧକ ଇସ୍ରାଏଲୀଙ୍କୁ ଖାଇବାକୁ ଦେଉନାହାନ୍ତି ହମାସ ଆତଙ୍କବାଦୀ




**ଗାଜା, ୩।୮:** ଇସ୍ରାଏଲୀ ବନ୍ଧକ ଗାଜାରେ ଦୟନୀୟ ସ୍ଥିତିରେ ଦିନ କଟାଉଛନ୍ତି। ସେମାନଙ୍କୁ ଠିକ୍ ସମୟରେ ଖାଇବାକୁ ଦିଆଯାଉ ନାହିଁ। ଏହାର ପ୍ରମାଣ ଇସ୍ରାଏଲ ବନ୍ଧକଙ୍କ ଭାଇରାଲ ଭିଡିଓରେ ଦେଖାଯାଇଛି,ଯେଉଁଥିରେ ବନ୍ଧକ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଛନ୍ତି। ଇସ୍ରାଏଲ ବୈଦେଶିକ ମନ୍ତ୍ରାଳୟ ସୋସିଆଲ ମିଡିଆ ସାଇଟ୍ ଏକ୍ସ ରେ ଏହି ଇସ୍ରାଏଲୀ ବନ୍ଧକଙ୍କ ଭିଡିଓ ସେୟାର କରିଛି। ଏଥିରେ ମନ୍ତ୍ରାଳୟ ଲେଖିଛି ଯେ, ହମାସ ଦ୍ୱାରା ବନ୍ଧକ ଇସ୍ରାଏଲ ନାଗରିକ ସମ୍ପୂର୍ଣ୍ଣ ସୁଖିଗଲାଣି। ତାକୁ ଠିକରେ ଖାଇବାକୁ ବି ଦିଆଯାଉନି। ଦେହରେ ଆଉ ମାଂସ ମଧ ନାହିଁ। ଏବେ ଶରୀର କେବଳ ଅସ୍ଥିକଙ୍କାଳ ସାର ହୋଇଯାଇଛି। ଅନ୍ୟପଟେ ହମାସ ଆତଙ୍କବାଦୀ ଫଟୋରେ ବେଶ ହୃଷ୍ଟପୁଷ୍ଟ ଦେଖାଯାଉଛନ୍ତି। ୨୪ ବର୍ଷ ବୟଷ୍କ ଇଭ୍ୟାତର ଡେଭିଡଙ୍କୁ ହମାସ ଆତଙ୍କବାଦୀ ନୋଭା ମ୍ୟୁଜିକ ଫେଷ୍ଟିଭାଲରୁ ଅପହରଣ କରିନେଇଥିଲେ। ସେବେଠାରୁ ସେ ହମାସ ଦ୍ୱାରା ବନ୍ଧକ ଅଛନ୍ତି। ହମାସ ତାଙ୍କର ଭିଡିଓ ଜାରି କରିଥିବା ବେଳେ ସେ କଙ୍କାଳସାର ହୋଇପଡିଥିବା ଦେଖାଯାଉଛନ୍ତି। ଗାଜାରେ ଅନ୍ତର୍ଜାତୀୟ ଗଣମାଧମ ବାରମ୍ବାର ମାନବୀୟ ସଂକଟର କଥା କହୁଛନ୍ତି, ହେଲେ ଅସଲ ଅକାଳ ସେଠାରେ ଇସ୍ରାଏଲ ବନ୍ଧକ ଭୋଗୁଛନ୍ତି ବୋଲି କୁହାଯାଇଛି। ଡେଭିଡ ଦୀର୍ଘ ମାସରୁ ହମାସ ଇସ୍ଲାମିକ୍ ଜେହାଦୀଙ୍କ ଦ୍ୱାରା ବନ୍ଦୀ ଅଛନ୍ତି। ଡେଭିଡଙ୍କ ଅବସ୍ଥା ଦେଖି ଯାହା ବୁଝାପଡୁଛି ବନ୍ଧକଙ୍କୁ ହମାସ ଆତଙ୍କବାଦୀ ଖାଦ୍ୟ ଏବଂ ଔଷଧ ଦେଉ ନାହାନ୍ତି।

## ୭୮ ପିଲାଙ୍କୁ ଦିଆଗଲା ଆଣ୍ଟି ରାବିଜ୍ ଇଞ୍ଜେକସନ

**ଛତିଶଗଡ଼, ୩।୮:** ଛତିଶଗଡ଼ ବଲୋଦାବଜାରରେ ଜିଲ୍ଲାର ସରକାରୀ ସ୍କୁଲରେ ପିଲାଙ୍କୁ କୁକର ଖାଇଥିବା ବଳକା ଖାଦ୍ୟ ଖାଇଲେ ପିଲା । ଘଟଣା ଜଣାପଡିବା ପରେ ୭୮ ଜଣ ପିଲାଙ୍କୁ ଆଣ୍ଟି-ରାବିଜ୍ ଟିକା ନେବାକୁ ପଡିଛି । ଏହାସହିତ ମାମଲାର ଯାଞ୍ଚ ପାଇଁ ଦାବି କରିଛନ୍ତି ପରିବାର ଲୋକେ । ଖବର ମୁତବାକ, ଛତିଶଗଡ଼ର ବାଲୋଦାବଜାର ଜିଲ୍ଲାର ପାଲାରି ବ୍ଲକର ଲଚ୍ଛନପୁର ଗାଁର ଏକ ସରକାରୀ ସ୍କୁଲରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜୁଲାଇ ୨୯ ରେ ସ୍କୁଲରେ ମଧ୍ୟାହ୍ନ ଭୋଜନ ରଖାଯାଇଥିଲା । ମଧ୍ୟାହ୍ନ ଭୋଜନ ଖୋଲା ରହିଥିବାରୁ ଏକ ବୁଲା କୁକୁର ଆସି ମଧ୍ୟାହ୍ନ ଭୋଜନ ଖାଇଦେଇଥିଲା । ତେବେ ମଧ୍ୟାହ୍ନ ଭୋଜନ କୁକୁର ଖାଇଥିବା ଦେଖି କିଛି ଛାତ୍ର ଶିକ୍ଷକମାନଙ୍କୁ କହିଥିଲେ । ଏହା ପରେ ଶିକ୍ଷକମାନେ ଖାଦ୍ୟ ରାନ୍ଧୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ ଦେବାକୁ ବାରଣ କରିଥିଲେ । କିନ୍ତୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏହା ଶୁଣି ନଥିଲେ ଏବଂ କୁକୁରର ଅଇଁଠା ଖାଦ୍ୟ ଛାତ୍ରମାନଙ୍କୁ ପରିବେଷଣ କରିଥିଲେ ।

## ସପ୍ତାହେ ପୂର୍ବରୁ ଅମରନାଥ ଯାତ୍ରା ବନ୍ଦ



**ନୂଆଦିଲ୍ଲୀ, ୩।୮:** ସାରା ଦେଶରେ ମୌସୁମୀଜନିତ ବର୍ଷା ଯୋଗୁଁ ବନ୍ଦ ହେଲା ଅମରନାଥ ଯାତ୍ରା। ଧାର୍ଯ୍ୟ ହୋଇଥିବା ସମୟର ୧ ସପ୍ତାହ ପୂର୍ବରୁ ଅମରନାଥ ଯାତ୍ରାକୁ ବନ୍ଦ କରିଦିଆଯାଇଛି। ଲଗାଣ ବର୍ଷା ଯୋଗୁଁ ଅମରନାଥ ଯାତ୍ରାକୁ ଏକ ସପ୍ତାହ ପୂର୍ବରୁ ବନ୍ଦ କରିଦିଆଯାଇଛି । ଅମରନାଥ ଯାତ୍ରା ଅଗଷ୍ଟ ୯ରେ ରାକ୍ଷୀ ପୂର୍ଣ୍ଣିମାରେ ବନ୍ଦ ହେବାର ଥିଲା । କିନ୍ତୁ ଏକ ସପ୍ତାହ ପୂର୍ବରୁ ଏହାକୁ ବନ୍ଦ କରିଦିଆଯାଇଛି। ଲଗାଣ ବର୍ଷା ଏବଂ ଖରାପ ପାଗ ଯୋଗୁଁ ଅମରନାଥ ଯାତ୍ରାକୁ ନିର୍ଦ୍ଧାରିତ ସମୟର ଏକ ସପ୍ତାହ ପୂର୍ବରୁ ସମାପ୍ତ ଘୋଷଣା କରାଯାଇଛି ।

## ଜାନୁଆରୀରୁ ଲାଗୁହେବ ଅଷ୍ଟମ ବେତନ କମିଶନ!

**ନୂଆଦିଲ୍ଲୀ, ୩।୮:** କେନ୍ଦ୍ରକର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ଖୁସି ଖବର ଆସିଛି। କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ ସୁପାରିସ କାର୍ଯ୍ୟକାରୀ କରିବା ବିଷୟରେ ସଙ୍କେତ ଦେଇଛନ୍ତି। ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯାଉଛି। ନୂଆ କମିଟିର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ବିଷୟରେ ଖୁ ବ ଶ ୀ ଘ୍ର ଘୋଷଣା କରାଯିବ ବୋଲି ସୂଚନା ଦିଆଯାଇଛି। ଗତ ଜାନୁଆରୀରେ କେନ୍ଦ୍ର ସରକାର ଅଷ୍ଟମ ବେତନ କମିଶନ କାର୍ଯ୍ୟକାରୀ କରିବା ନେଇ ଘୋଷଣା କରିଥିଲେ।ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର, ପ୍ରତିରକ୍ଷା ମନ୍ତ୍ରାଳୟ ଓ ଗୃହ ମନ୍ତ୍ରାଳୟ ସହିତ ଆଲୋଚନା ଆରମ୍ଭ ହୋଇଛି। ଦେଶରେ କମିଶନଙ୍କ ସୁପାରିସ ଅନୁସାରେ ଅଷ୍ଟମ ବେତନ ହାର ଆସନ୍ତା ବର୍ଷ ଜାନୁଆରୀରୁ କାର୍ଯ୍ୟକାରୀ ହେବ ବୋଲି କୁହାଯାଉଛି। ଏ ନେଇ ଅର୍ଥ ବିଭାଗ ପକ୍ଷରୁ ସଂସଦରେ ସୂଚନା ଦିଆଯାଇଛି। ଲୋକସଭାରେ କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାର ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ଏହା ଲାଗୁ ହେଲେ ପ୍ରାୟ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ବନ୍ଧରେ ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ତଥ୍ୟ ପାଇଁ ଅନୁରୋଧ କରାଯାଇଛି।

**ଉପକୃତ ହେବେ ୫୦ ଲକ୍ଷ କେନ୍ଦ୍ର କର୍ମଚାରୀ ଓ ୬୫ ଲକ୍ଷ ପେନ୍‌ସନଭୋଗୀ**

### ଆଇଆଇଟିରେ ବଢୁଛି ଛାତ୍ର ଆତ୍ମହତ୍ୟା

## ମୁମ୍ବାଇ ଆଇଆଇଟିର ଆଉ ଜଣେ ପ୍ରାଣ ହାରିଲେ

**ମୁମ୍ବାଇ, ୩।୮:** ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ଜଣକ ଆଇଆଇଟି ବମ୍ବେରେ ପାଠପଢୁଥିଲେ ଏବଂ ସେ ହଷ୍ଟେଲର ଛାତରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରଜଣକ ମେଟା ସାଇନ୍ସର ଚତୁର୍ଥ ବର୍ଷରେ ପଢ଼ୁଥିଲେ, ତାଙ୍କର ବୟସ ୨୬ ବର୍ଷ। ଘଟଣାଟି ରାତି ପ୍ରାୟ ୨.୩୦ ସମୟରେ ଘଟିଥିବା ଜଣାପଡ଼ିଛି। ପୋୱାଇ ପୋଲିସର ସୂଚନା ଅନୁଯାୟୀ, ଛାତ୍ର ଜଣକ ହଷ୍ଟେଲର ଛାତରୁ ଡେଇଁ ପଡ଼ିଥିଲେ। ଘଟଣା ପରେ ତୁରନ୍ତ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଛାତ୍ର ଜଣକ ରୋହିତ ସିହ୍ନା ବୋଲି ଚିହ୍ନଟ କରାଯାଇଛି, ଯିଏ ଦିଲ୍ଲୀର ବାସିନ୍ଦା ଥିଲେ। ପୋଲିସ ଅଧିକାରୀ କହିଛନ୍ତି ଯେ ଯେତେବେଳେ ଏହି ଘଟଣା ଘଟିଥିଲା, ସେହି ସମୟରେ ହଷ୍ଟେଲରେ ରହୁଥିବା ଅନ୍ୟ ଜଣେ ଛାତ୍ର ଛାତ ଉପରେ ମୋବାଇଲରେ କଥା ହେଉଥିଲେ ଏବଂ ସେହି ସମୟରେ ରୋହିତ ଡେଇଁ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୋୱାଇ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି। ପୋଲିସ ଛାତ୍ରଙ୍କଠାରୁ କୌଣସି ଆତ୍ମହତ୍ୟା ନୋଟ ପାଇନାହିଁ। ଏପରି ପରିସ୍ଥିତିରେ ପୋଲିସ ଆତ୍ମହତ୍ୟାର କାରଣ ଖୋଜିବାକୁ ଚେଷ୍ଟା କରୁଛି। ମୃତ ଛାତ୍ରଙ୍କ ମୋବାଇଲ୍ ଫୋନ୍ ଖୋଜାଯାଉଛି। ସୋସିଆଲ ମିଡିଆରେ ମଧ ତାଙ୍କ ବିଷୟରେ ତଦନ୍ତ କରି ଆତ୍ମହତ୍ୟାର କାରଣ ଜାଣିବାକୁ ଚେଷ୍ଟା କରାଯାଉଛି। ପୋଲିସ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଇଛି। ମୃତ ଛାତ୍ରଙ୍କ ପରିବାର ଏବଂ ବନ୍ଧୁମାନଙ୍କ ସହିତ ମଧ କଥାବାର୍ତ୍ତା କରାଯାଉଛି, ଯାହାଦ୍ୱାରା ଆତ୍ମହତ୍ୟାର କାରଣ ଜାଣିହେବ।

## ରୁଷରେ ପୁଣି ଭୟଙ୍କର ଭୂକମ୍ପ



**ମସ୍କୋ, ୩।୮:** ଭୂକମ୍ପରେ ପୁଣି ଥରିଲା ରୁଷ। ରୁଷର ସେବେରୋ କୁରିଲ ଦ୍ୱୀପପୁଞ୍ଜରେ ଭୂମିକମ୍ପ ଝଟକା ଅନୁଭୂତ । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ କୁରିଲ ଦ୍ୱୀପପୁଞ୍ଜର ପୂର୍ବରେ ୭.୦ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଛି। ଭାରତୀୟ ସମୟଅନୁସାରେ ସକାଳ ୧୧ଟାରେ ଭୂକମ୍ପ ଆସିଛି । ଭୂକମ୍ପ ପରେ କାମଚଟକା ଦ୍ୱୀପରେ କ୍ରସୋନିନିକୋଭ ଜ୍ୱାଳାମୁଖୀ ଉଦ୍ଗୀରଣ ହୋଇଛି । ଏପର୍ଯ୍ୟନ୍ତ ଏହି ଭୂମିକମ୍ପରେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ମିଳିନାହିଁ । ଭୂକମ୍ପ ଯୋଗୁଁ କାମଚଟକା ଦ୍ୱୀପରେ କ୍ରସୋନିନିକୋଭ ଜ୍ୱାଳାମୁଖୀ ଫାଟିଛି। କେଭିଇଆର୍‌ଟି ମୁତାବକ, ୧୮୫୬ ମିଟର ଉଚ୍ଚ ଜ୍ୱାଳାମୁଖୀ ପାଖାପାଖି ୬ ହଜାର ମିଟର ଉଚ୍ଚ ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି । ଏହା ୬୦୦ବର୍ଷ ମଧ୍ୟରେ କ୍ରସୋନିନିକୋଭର ପ୍ରଥମ ବିସ୍ଫୋରଣ ବୋଲି କେଭିଇଆର୍‌ଟି ମୁଖ୍ୟ ଓଲଗା ଗିରିନା ଆର୍‌ଆଇଏ ନୋଭୋସ୍ତିଙ୍କୁ କହିଛନ୍ତି ।

ସଂଚାର SANCHAR

# ରୋମାଞ୍ଚକର ୫ମ ଟେଷ୍ଟ: ଇଂଲଣ୍ଡକୁ ଦରକାର ୩୫ ରନ, ଭାରତକୁ ୪ ୱିକେଟ୍



**କେନିଙ୍ଗଟନ ଓଭାଲ,୩।୮:** ରୋମାଞ୍ଚକର ମୋଡ଼ରେ ପହଞ୍ଚିଛି ଓଭାଲ ଟେଷ୍ଟ । ଇଂଲଣ୍ଡକୁ ଜିତିବାକୁ ଆଉ ମାତ୍ର ୩୫ ରନ ଆବଶ୍ୟକ ହେଉଥିବାବେଳେ ଭାରତକୁ ଆଉ ୪ଟି ୱିକେଟ ନେବାକୁ ହେବ। ତେବେ ବର୍ଷା ଯୋଗୁଁ ଆଜି ଦିନର ଖେଳ ସମାପ୍ତ ହୋଇଛି ।

୩୭୪ ରନର ଲକ୍ଷ୍ୟ ନେଇ ଖେଳୁଥିବା ଇଂଲଣ୍ଡ ୧୦୬ରେ ୩ଟି ୱିକେଟ ହରାଇ ଅଡୁଆରେ ପଡ଼ିଥିବା ବେଳେ ହ୍ୟାରି ବ୍ରୁକ୍ ଓ ଜୋ ରୁଟଙ୍କ ମଧ୍ୟରେ ହୋଇଥିବା ଏକ ବଡ଼ ଭାଗିଦାରୀ ଭାରତ ହାତରୁ ଏକ ପ୍ରକାର ମ୍ୟାଚ ଛଡ଼ାଇ ନେଇଥିଲା । ଉଭୟ ବ୍ୟାଟ୍ସମ୍ୟାନ ଶତକ ଅର୍ଜନ କରିଥିଲେ । ତେବେ ପ୍ରଥମେ ବ୍ରୁକ, ତା'ପରେ ଜ୍ୟାକ୍ ବେଥେଲ ଓ ରୁଟ ଆଉଟ ହେବା ପରେ ମ୍ୟାଚର ମୋଡ଼ ବଦଳିବା ଆରମ୍ଭ କରିଥିଲା। ଭାରତୀୟ ବୋଲରମାନେ ପୁଣି ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ । ତେବେ ଖରାପ ଆଲୋକ ଓ ବର୍ଷା କାରଣରୁ ଅମ୍ପାୟାର ୪ର୍ଥ ଦିନର ଖେଳ ସମାପ୍ତି ଘୋଷଣା କରିଥିଲେ । ଭାରତ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ୩ଟି ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ ୨ଟି ଓିକେଟ ଓ ଆକାଶ ଦୀପ ଗୋଟିଏ ୱିକେଟ ନେଇଛନ୍ତି । ସୋମବାର ଅନ୍ତିମ ଟେଷ୍ଟର ଅନ୍ତିମ ଦିନ ଦୁଇ ଦେଶର ଖେଳାଳିଙ୍କ ମଧ୍ୟରେ, ଜୋରଦାର ଲଢ଼େଇ ହେବାର ସମ୍ଭାବନା ରହିଛି।

## ଶତକ ସହ ବଡ଼ ରେକର୍ଡ କଲେ ଜୋ ରୁଟ୍



ଇଂଲଣ୍ଡର ତାରକା ବ୍ୟାଟର ଜୋ ରୁଟ୍ ରବିବାର ଭାରତ ବିପକ୍ଷ ପଞ୍ଚମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଦମଦାର ବ୍ୟାଟିଂ କରିଛନ୍ତି। ସେ ଲଣ୍ଡନର କେନିଙ୍ଗଟନ ଓଭାଲ ଷ୍ଟାଡିୟମରେ ଭାରତ ଦ୍ୱାରା ଧାର୍ଯ୍ୟ ୩୭୪ ରନର ବିଜୟ ଲକ୍ଷ୍ୟକୁ ପିଛା କରିବା ସମୟରେ ଶତକ ହାସଲ କରିଛନ୍ତି। ସେ ୧୫୨ ବଲ୍‌ରୁ ୧୦୫ ରନ କରିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରର ୩୯ତମ ଶତକ। ଏହା ସହ ସେ ନିଜ ନାଁରେ ଏକ ବଡ଼ ରେକର୍ଡ କରିଛନ୍ତି। ରୁଟ୍ ଘରୋଇ ମାଟିରେ ସବୁଠୁ ଅଧିକ ୨୪ତମ ଶତକ ହାସଲ କରି ଏକ ନମ୍ବର ସ୍ଥାନକୁ ଉଠିଛି। ରୁଟ୍ ଶ୍ରୀଲଙ୍କାର ପୂର୍ବତନ ବ୍ୟାଟର ମହେଲା ଜୟବର୍ଦ୍ଧନେ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ ଓ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲରାଉଣ୍ଡର ଜ୍ୟାକ୍ସ କାଲିସଙ୍କୁ ପଛରେ ପକାଇଛନ୍ତି। ଏହି ତିନି ବ୍ୟାଟର ନିଜ ଘରୋଇ ମାଟିରେ ଟେଷ୍ଟ କ୍ରିକେଟ୍‌ରେ ୨୩-୨୩ ଶତକ ହାସଲ କରିଥିଲେ। ଅନ୍ୟପଟେ ୩୪ ବର୍ଷୀୟ ରୁଟ୍ ଶ୍ରୀଲଙ୍କାର ପୂର୍ବତନ କିମ୍ବଦନ୍ତୀ କ୍ରିକେଟ୍‌ର କୁମାର ସାଙ୍ଗାକାରାଙ୍କୁ ମଧ୍ୟ ପଛରେ ପକାଇଛନ୍ତି। ସେ ଏବେ ଟେଷ୍ଟ ଇତିହାସରେ ସବୁଠୁ ଅଧିକ ଶତକ ହାସଲ ତାଲିକାରେ ଚତୁର୍ଥ ସ୍ଥାନରେ ପହଞ୍ଚିଛନ୍ତି। ଆଉ ସାଙ୍ଗାକାରା ପଞ୍ଚମ ସ୍ଥାନକୁ ଖସିଛନ୍ତି। ସାଙ୍ଗାକାରା ଟେଷ୍ଟରେ ୩୮ ଟେଷ୍ଟ ଶତକ ହାସଲ କରିଥିଲେ। ଟେଷ୍ଟରେ ସର୍ବାଧିକ ଶତକର ରେକର୍ଡ ମହାନ ବ୍ୟାଟର ସଚିନ ତେନ୍ଦୁଲକର(୫୧)ଙ୍କ ନାଁରେ ରହିଛି। ଏହା ପରେ କାଲିସ(୪୫) ଓ ପଣ୍ଟିଂ(୪୧) ରହିଛନ୍ତି।



# ବିଶ୍ୱ ପ୍ରତିଯୋଗିତା ଖେଳିବେ ପଣ୍ଡା ଭଗ୍ନୀ

**ଭୁବନେଶ୍ୱର, ୩।୮ (ସଂଚର ବ୍ୟୁରୋ):** ପଣ୍ଡା ଭଉଣୀ ଭାବେ ପରିଚିତ ଓଡ଼ିଶାର ବ୍ୟାଡ୍‌ମିଣ୍ଟନ୍ ଯୋଡ଼ି ଋତାପର୍ଣ୍ଣା ପଣ୍ଡା ଓ ଶ୍ୱେତାପର୍ଣ୍ଣା ପଣ୍ଡା ଆଉ ଏକ ମାଇଲ୍‌ଖୁଣ୍ଟ ଛୁଇଁଛନ୍ତି। ପ୍ୟାରିସ୍‌ରେ ଚଳିତ ମାସ ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ପ୍ରତିଯୋଗିତାରେ ଏହି ଦୁଇ ଭଗ୍ନୀ ମହିଳା ଯୁଗଳରେ ଭାରତର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ବିଶ୍ୱ ପ୍ରତିଯୋଗିତାରେ ଖେଳିବାରେ ଋତାପର୍ଣ୍ଣା ଓ ଶ୍ୱେତାପର୍ଣ୍ଣା ଓଡ଼ିଶାର ପ୍ରଥମ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି।

# ଟ୍ରଫି ବଜାୟ ରଖିଲେ ରାକେଶ

**ଗ୍ରିନ୍ ବେଜ୍ କ୍ଲାସିକ୍ ଓପନ୍ ୧୦ରେଡ୍ ସ୍ନୁକର**

ଭୁବନେଶ୍ୱର, ୩।୮ (ସଂଚାର ବ୍ୟୁରୋ): ପେସାରେ ଡାକ୍ତର କିନ୍ତୁ ନିଶା ତାଙ୍କ ସ୍ନୁକର୍। ସେ ହେଉଛନ୍ତି ଡକ୍ଟର ରାକେଶ ରୋଶନ ପ୍ରଧାନ, ଯିଏକି ଶନିବାର ନିଜ ଖେଳ ଜୀବନର ଆଉ ଏକ ବରିଷ୍ଠ ବର୍ଗ ଟ୍ରଫି ଜିତିଛନ୍ତି। ସାଲିଆସାହିସ୍ଥିତ ଦ ଭିଷ୍ଟେଜ୍ କ୍ଲବ୍‌ଠାରେ ଶନିବାର ଉଦ୍‌ଯାପିତ ଦ୍ୱିତୀୟ ଗ୍ରିନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ୍ ୧୦ରେଡ୍ ସ୍ନୁକର ପ୍ରତିଯୋଗିତାରେ ବିଜେତା ହୋଇ ସେ ଷଷ୍ଠ ଥର ପାଇଁ ଏକ ରାଜ୍ୟ ଓପନ୍ ମୁକୁଟ ହାସଲ କରିଛନ୍ତି। ତା'ପୁଣି ଅନ୍ତର୍ଜାତୀୟ ଅଭିଜ୍ଞ ଆଶୁତୋଷ ପାଢ଼ୀଙ୍କ ବିପକ୍ଷ ଫାଇନାଲ୍ ବିଜୟ ସହ ଯାହାକି ତାଙ୍କୁ ଅଧିକ ଆତ୍ମସନ୍ତୋଷ ଦେଇଛି। ରବିବାରର ବେଷ୍ଟ ଅଫ୍ ନାଇନ୍ ଫାଇନାଲ୍‌ରେ ରାକେଶ ୫-୩ରେ ବିଜୟୀ ହୋଇଥିଲେ। ପ୍ରଥମ ଫ୍ରେମ୍‌ରେ ଆଶୁତୋଷ ସର୍ବାଧିକ ବ୍ରେକ୍ ପଏଣ୍ଟ ୭୬ ସହ (୭୬-୪) ଜିତିଥିଲେ। ଏହା ପରେ କିନ୍ତୁ ରାକେଶ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୫୩-୧୮,




୪୪-୪୧ରେ ବାଜି ମାରିନେଇଥିଲେ। ଆଶୁତୋଷ କିନ୍ତୁ ପରବର୍ତ୍ତୀ ଦୁଇ ଫ୍ରେମ୍‌କୁ ୭୫-୩୪, ୫୭-୨୯ରେ ଜିତିଥିଲେ। ରାକେଶ କିନ୍ତୁ ହ୍ୟାଟ୍ରିକ୍ ଫ୍ରେମ୍ (୪୪-୨୪, ୫୮-୪୬, ୫୩-୫୦) ଜିତିଯିବାରୁ ଅନ୍ତିମଟିର ଆବଶ୍ୟକତା ପଡ଼ି ନଥିଲା। ଅଷ୍ଟମ ଫ୍ରେମ୍‌ରେ ପଛୁଆ ସ୍ଥିତିରୁ ବାହାରି ଆଶୁତୋଷ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲେ ମଧ ଶେଷକୁ ଏକ ବଡ଼ ମିସ୍ କାରଣରୁ ଫ୍ରେମ୍ ସହ ଗେମ୍ ବି ହାତଛଡ଼ା କରିଥିଲେ। ପୁରସ୍କାର ବାବଦରେ ରାକେଶ ୨୫,୦୦୦ ଟଙ୍କା ସହ ଟ୍ରଫି ଏବଂ ଆଶୁତୋଷ ୧୨,୫୦୦ ଟଙ୍କା ସହ ଟ୍ରଫି ହାତେଇଥିଲେ। ଅନ୍ୟ ଦୁଇ ସେମିଫାଇନାଲିଷ୍ଟ ସୁବ୍ରତ ଦାସ ଓ ଅବିନାଶ ମହାପାତ୍ର ୬,୦୦୦ ଟଙ୍କା ଲେଖାଏଁ ଏବଂ ସମସ୍ତ କ୍ୱାର୍ଟରଫାଇନାଲିଷ୍ଟ ୩,୦୦୦ ଟଙ୍କା ଲେଖାଏଁ ପାଇଥିଲେ। ସର୍ବାଧିକ ବ୍ରେକ୍ ପଏଣ୍ଟ ପାଇଁ ଆଶୁତୋଷଙ୍କୁ ମଧ ଅତିରିକ୍ତ ୫,୦୦୦ ଟଙ୍କା ମିଳିଥିଲା। ପୁରସ୍କାର ପ୍ରଦାନ ଉତ୍ସବରେ ମିଶାଲ ସ୍ୱାଇଁ (ଏମ୍‌ଡି, ଓଏସିସ୍ କନ୍‌ଭେନସନ୍ ଆଣ୍ଡ୍ ଲନ୍), ନିଶଙ୍କ ଅଗ୍ରୱାଲ (ସହକାରୀ ନିର୍ଦ୍ଦେଶକ, ଖିମ୍‌ଜୀ ଜୁଏଲର୍ସ), ଦେବାଞ୍ଜନ ରାୟ, ଦିବ୍ୟଜ୍ୟୋତି ମିଶ୍ର (ଡିଅନ୍ ଗ୍ରୁପ୍ ନିର୍ଦ୍ଦେଶକ-ସେଲ୍ସ ଓ ମାର୍କେଟିଂ), ଡକ୍ଟର ଅତନୁ ରଂଜନ ନାୟକ (ଏମ୍‌ଡି, ଏଲ୍‌ସିପିଏସ୍), ପି ଗୋବିନ୍ଦ ରାଓ (ପିଏସ୍‌ଆର୍ ଫୁଟ୍ସ ପ୍ରତିଷ୍ଠାତା), ସୁଦୀପ୍ତ ଦାଶ (୧୫ ରେଡ୍ ସ୍ନୁକର କ୍ଲବ୍ ପ୍ରତିଷ୍ଠାତା), ଅଲ୍‌ତାଫ ଅଲୀ (ଏମ୍‌ଡି, ଅଡ୍ ଭେଞ୍ଚର୍ସ ଆଡଭର୍ଟାଇଜିଂ), ଶ୍ୟାମ ଅଗ୍ରୱାଲ (ଟୁର୍ଣ୍ଣାମେଣ୍ଟ ଅଧକ୍ଷ) ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଆୟୋଜକ ନିଶାନ୍ତ ବିଶ୍ୱାଳ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ମାଞ୍ଚେଷ୍ଟର୍‌ରେ ଶତ୍ରୁତା, ଓଭାଲ୍‌ରେ ବନ୍ଧୁତା

**ଲଣ୍ଡନ୍, ୩।୮:** ଗତ ସପ୍ତାହରେ ଡ୍ର'ରେ ଶେଷ ହୋଇଥିବା ମାଞ୍ଚେଷ୍ଟର୍ ଟେଷ୍ଟରେ ଭାରତ ଓ ଇଂଲଣ୍ଡ ଖେଳାଳିମାନେ ଏକାଧିକ ଘଟଣାରେ ମୁହାଁମୁହିଁ ହୋଇଥିଲେ। ଏବେ କିନ୍ତୁ ଚଳିତ ଓଭାଲ୍ ଟେଷ୍ଟରେ ବନ୍ଧୁତାର ନିଖୁଣ ନିଦର୍ଶନ ଦେଖିବାକୁ ମିଳିଛି। ଚଳିତ ପଞ୍ଚମ ଟେଷ୍ଟର ଶୁକ୍ରବାର ଦ୍ୱିତୀୟ ଦିନରେ ଭାରତୀୟ ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଇଂଲଣ୍ଡ ବ୍ୟାଟର୍ ଜୋ ରୁଟ୍‌ଙ୍କ ମଧରେ ପଡ଼ିଆ ଭିତରେ ପାଟିତୁଣ୍ଡ ହୋଇଯାଇଥିଲା। ଏହି ଘଟଣା ବେଳେ ଅମ୍ପାୟାର ଉଭୟଙ୍କୁ ଅଲଗା କରିଥିଲେ। ଏହାକୁ ନେଇ ପ୍ରସିଦ୍ଧ ମୁହଁ ଖୋଲିଛନ୍ତି। ଦ୍ୱିତୀୟ ଦିନର ଷ୍ଟମ୍ପ୍ ପରେ ସେ କହିଛନ୍ତି, "ଏହା ଏକ ଛୋଟ ଘଟଣା ଥିଲା। ପ୍ରତିଯୋଗିତା ବେଳେ ଏଭଳି ଘଟେ। ଭଲ ମଜା ହେଲା, ଆମେ ପଡ଼ିଆ ବାହାରେ ଭଲ ସାଥୀ। ଏହାକୁ ନେଇ ଅଧିକ କିଛି ଚିନ୍ତା କରନ୍ତୁନି"। ଭାରତ ୨୨୪ରେ ଅଲ୍‌ଆଉଟ୍ ହେବା ପରେ ପ୍ରସିଦ୍ଧ (୪/୬୨) ସଫଳତା ବଳରେ ଇଂଲଣ୍ଡ ୨୪୭ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ମହମ୍ମଦ ସିରାଜ ମଧ ୪/୮୬ ବୋଲିଂ ସଫଳତା ପାଇଥିଲେ। ଏହି ଟେଷ୍ଟ ଅବସରରେ ଆକାଶ ଦୀପ ଓ ବେନ୍ ଡକେଟ୍‌ଙ୍କ ବଂଧୁତା ମଧ ଢ଼େର ଆଲୋଚନା ହୋଇଛି।

**ବିଶ୍ୱବିଶ୍ୱବିଦ୍ୟାଳୟ କ୍ରୀଡ଼ା-୨୦୨୫**

# କିଟ୍ ପଦକ ବିଜେତା ଖେଳାଳିଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ଜର୍ମାନୀର ରାଇନ୍-ରୁହରଠାରେ ଶେଷ ହୋଇଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ରେ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗରେ ପଦକ ହାସଲ କରିଥିବା କିଟ୍ ବିଶ୍ୱବିଦ୍ୟାଳୟର ୧୧ ଜଣ କ୍ରୀଡ଼ାବିତ୍‌ଙ୍କୁ ଆଜି କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ କ୍ରୀଡ଼ାବିତ୍‌ଙ୍କୁ କିଟ୍ ଓ କିସ୍ ପକ୍ଷରୁ ୩ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ କାଂସ୍ୟ ପଦକ ହାସଲ କରିଥିବା ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତରୁ କିଟ୍ ବିଶ୍ୱବିଦ୍ୟାଳୟର ସର୍ବାଧିକ ଖେଳାଳି ପ୍ରତିନିଧିତ୍ୱ କରିଥିଲେ। ଏହି କ୍ରୀଡ଼ାରେ ଭାରତ ମୋଟ ୧୨ଟି ପଦକ ହାସଲ କରିଥିବା ବେଳେ କେବଳ କିଟ୍ ଖେଳାଳିମାନେ ୬ଟି ପଦକ ହାସଲ କରିଛନ୍ତି। ଏହା କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଥିଲେ। ଗତ ୬୫ବର୍ଷ ମଧରେ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସର୍ବାଧିକ ପଦକ ହାସଲ କରିବାରେ କିଟ୍ ବିଶ୍ୱବିଦ୍ୟାଳୟ ହେଉଛି ପ୍ରଥମ ଭାରତୀୟ ବିଶ୍ୱବିଦ୍ୟାଳୟ। କିଟ୍ ବିଶ୍ୱବିଦ୍ୟାଳୟର ଅଙ୍କିତା ୩ହଜାର ମିଟର ଷ୍ଟିପ୍ଲେଚେଜ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପ୍ରବୀଣ ଚିତ୍ରାଭେଲ ଟ୍ରିପଲ୍ ଜମ୍ପରେ, ସୀମା ୫ ହଜାର ମିଟର ଦୌଡ଼ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ୪ ଗୁଣା ୧୦୦ ମିଟର ରିଲେରେ ମଣିକାନ୍ତ ହୋବଲିଧର, ଅନିମେଶ କୁଜୁର, ଲାଲୁ ପ୍ରସାଦ ଭୋଇ ଏବଂ ମୃତ୍ୟୁମ୍ ଜୟରାମ ଦଣ୍ଡପତି ବ୍ରୋଞ୍ଜ ପଦକ ଜିତି କିଟ୍‌ର କ୍ରୀଡ଼ା ପ୍ରତିଭାକୁ ପ୍ରମାଣିତ କରିଥିବା ବେଳେ ମହିଳା ୨୦ କିମି ରେସ୍ ୱାକ୍ ଦଳଗତ ଇଭେଂଟରେ କିଟର ମୁନିତାପ ରାଜପତି, ମାନସୀ ନେଗି ଓ ସେଜଲ ଅନିଲସିଂହ ଦଳଗତ ମନୋଭାବ ପ୍ରଦର୍ଶନ କରି କାଂସ୍ୟ ପଦକ ହାସଲ କରିଥିଲେ। ବ୍ୟାଡମିଣ୍ଟନ୍‌ରେ କିଟର ଅବିନାଶ ମହାନ୍ତି କାଂସ୍ୟ ପଦକ ଜିତି କିଟ ବିଶ୍ୱବିଦ୍ୟାଳୟର ପଦକ ତାଲିକାକୁ ୬ରେ ପହଞ୍ଚାଇଥିଲେ। ଅନ୍ୟମାନଙ୍କ ମଧରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି କାର୍ଯ୍ୟକ୍ରମରେ ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଶ୍ରାବଣୀ ନନ୍ଦ, ଅମିୟ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଭବାନୀଦେବୀ ଓ ବିଭିନ୍ନ କୋଚମାନେ ମଧ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସର୍ବଶ୍ରେଷ୍ଠ...

ସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ମନୋହରପୁରରୁ ପିଠାଗୋଳା ରାସ୍ତା, ଘଟଗାଁ-ହରିଚନ୍ଦନପୁର-ଦୈତାରି ରାସ୍ତା। ଢେଙ୍କିକୋଟରୁ ବାରହାଟିପୁରା ରାସ୍ତା, ଘଟଗାଁରୁ ଗୁଣ୍ଡିଚାଘାଗି ରାସ୍ତାର ଉନ୍ନତିକରଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା। କରିବା ସହ ରାମଚନ୍ଦ୍ରପୁରରୁ ଦେଓଗାଁ ବ୍ରିଜ ଶୀଘ୍ର ଶେଷ କରିବା ନୂଆ ରାସ୍ତା ଓ ବ୍ରିଜ୍‌ଗୁଡ଼ିକର ନୂତନ ପ୍ରସ୍ତାବ ମଧ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗର କାର୍ଯ୍ୟ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କଠାରୁ ତଥ୍ୟ ନେବା ସହ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡ଼ିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି ତା'ର କାରଣ ବୁଝି ଏଥିପାଇଁ ଯାଥୋଚିତ ପଦକ୍ଷେପ ନେବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ସର୍କିଟ ହାଉସ ଆନେକ୍ସ ବିଲଡିଂ କାମ ତ୍ୱରାନ୍ୱିତ କରିବା, ଡିପିଆର ପ୍ରସ୍ତୁତି, ଭୂମି ଅଧିଗ୍ରହଣକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବନ ବିଭାଗର ସମସ୍ତ ସମସ୍ୟା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟାନୁସାରେ କାର୍ଯ୍ୟକାରୀ କରିବା ଓ ସମସ୍ତ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସମୀକ୍ଷାରୁ ଜଣାଯାଇଛି ଯେ କେଉଁଝର ଜିଲ୍ଲା ପ୍ରଶାସନ ରାସ୍ତା ସଂଯୋଗୀକରଣ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗ୍ରାମୀଣ ବିକାଶକୁ ବୃଦ୍ଧି କରିବା ପାଇଁ ଅନେକ ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ଏବଂ କଲ୍ୟାଣକାରୀ ପ୍ରକଳ୍ପ ହାତକୁ ନେଇଛି। ସେଗୁଡ଼ିକ ମଧ୍ୟରେ ରାଇସୁଆଁ ଏୟାରଷ୍ଟ୍ରିପର ଉନ୍ନତି, କେନ୍ଦୁଝର ବାଇପାସ୍ ରାସ୍ତା ନିର୍ମାଣ ବିଭିନ୍ନ ରାସ୍ତା ଏବଂ ସେତୁ ପ୍ରକଳ୍ପ ମଧ୍ୟ ଅନ୍ତର୍ଭୁକ୍ତ।

ବଡ଼ବିଲ୍ ବାଇପାସ୍ ପ୍ରକଳ୍ପ ଏବଂ ଏନଏଚ-୪୯ ସମ୍ପ୍ରସାରଣ ଦ୍ୱାରା ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା କାମର ତଥ୍ୟ ନେଇଥିଲେ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସେବାକୁ ଆହୁରି ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସୁଭଦ୍ରା ଯୋଜନାରେ ଓ ଲକ୍ଷପତି ଦିଦି ଯୋଜନାରେ କେନ୍ଦୁଝର ଜିଲ୍ଲା ଓଡ଼ିଶାରେ ବିଶେଷ ଅଗ୍ରଗତି କରୁଥିବାରୁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଛନ୍ତି। ଜିଲ୍ଲାରେ ଆଇନ ଶୃଙ୍ଖଳା ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ତଥ୍ୟ ଗ୍ରହଣ କରି ଏଥି ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଶିଳ୍ପ ସ୍ଥାପନ, ପର୍ଯ୍ୟଟନ ବିକାଶ ଓ ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଇ ଏ ସମ୍ପର୍କରେ ଏକ ବିସ୍ତୃତ ଯୋଜନା ଆଗାମୀ ପ୍ରସ୍ତୁତ କରିବା, ଯେଉଁ ସ୍ଥାନରେ ପାନୀୟ ଜଳର ଅସୁବିଧା ହେଉଛି ସେଠାରେ ଅଧିକାରୀମାନେ ଯଥାଶୀଘ୍ର ପଦକ୍ଷେପ ନେବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତାବିତ ବଡ଼ବିଲରୁ ଚଣ୍ଡିଖୋଲ ରାସ୍ତାର ସମ୍ପ୍ରସାରଣର ବିସ୍ତୃତ ରିପୋର୍ଟ ପ୍ରସ୍ତୁତି କାର୍ଯ୍ୟକୁ ଶୀଘ୍ର ଶେଷ କରିବା, ରିମୁଳିରୁ ପାଣିକୋଇଲି ରାସ୍ତା, ରୀମୁଳିରୁ ରାଜାମୁଣ୍ଡା ରାସ୍ତା ଏବଂ ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ଅନ୍ୟାନ୍ୟ ରାସ୍ତାର ମରାମତି ଅବା ଅନ୍ୟାନ୍ୟ ଅସୁବିଧା ଗୁଡ଼ିକୁ ଶୀଘ୍ର ସମାଧାନ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ, ମା' ତାରିଣୀ ପୀଠର ଉନ୍ନତିକରଣ, ବଡ଼ବିଲ ବାଇପାସ୍, କାଶିପୁର ଓ ପାୱାର ହାଉସ୍ ପୋଖରୀ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ। ସେହିପରି ଜଙ୍ଗଲ ଜମି ହସ୍ତାନ୍ତର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆହୁରି ମଧ୍ୟ ଶ୍ରୀ ମାଝୀ ସ୍ୱାସ୍ଥ୍ୟ ଓ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତିକରଣ ନିମନ୍ତେ କମ୍ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, ପୁଲିସ ଡିଆଇଜି ବ୍ରିଜେଶ ରାଏ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି. ରାମାସ୍ୱାମୀ, ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଏଚଡି ଧନରାଜ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଯୋଗ ଦେଇଥିଲେ। ଏଥିସହ ଜିଲ୍ଲାର ସମସ୍ତ ପଦସ୍ଥ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଉତ୍ସବରେ ଇଣ୍ଡିଆନ୍ ବାଏ ବାର୍ଥ ସଂଗଠନ ପ୍ରାୟୋଜିତ ୩ଟି ଉନ୍ନତ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର ଉନ୍ମୋଚନ କରିଥିଲେ ଯାହା ସମଗ୍ର ଅଞ୍ଚଳରେ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇବାରେ ଉଲ୍ଲେଖନୀୟ ଅବଦାନ ରଖିପାରିବ।

ଭାରତୀୟ ଷ୍ଟେଟ ବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଘଟଗାଁ ମା' ତାରିଣୀ ମନ୍ଦିର ପାଇଁ ଏକ ଉତ୍ସର୍ଗୀକୃତ ନଡ଼ିଆ ସଂଗ୍ରହ ଯାନର ଶୁଭାରମ୍ଭ କରିଥିଲେ, ଯାହା ଭକ୍ତମାନଙ୍କ ଧର୍ମୀୟ ଭାବନାକୁ ଅକ୍ଷୁଣ୍ଣ ରଖିବା ସହ ଭକ୍ତ ଓ ତାରିଣୀମା'ଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରିପାରିବ। ଆହୁରି ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅଭିନବ ଏକଲ ରଥ ମୋବାଇଲ୍ ଶିକ୍ଷା ୟୁନିଟର ମଧ୍ୟ ଶୁଭାରମ୍ଭ କରିଥିଲେ ଯାହା ଦୂରଦୂରାନ୍ତରେ ଜନସାଧାରଣଙ୍କୁ ସଂସ୍କୃତି ଶିକ୍ଷା ସମ୍ବଳ ଯୋଗାଇବ, ଏଥିସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ପ୍ରତୀକ୍ଷା ଗୃହର ମଧ୍ୟ ଉଦଘାଟନ କରିଥିଲେ।

## ଗିରଫ...

ମାଧ୍ୟମିକ ଶିକ୍ଷା ବୋର୍ଡ ଉପସଭାପତି ୧୯ତାରିଖ ରାତି ୧୦ଟା ୪୫ମିନିଟରେ ଦେଖିବା ପରେ ଏହି ପରୀକ୍ଷାକୁ ସ୍ଥଗିତ ରଖିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। କ୍ରାଇମବ୍ରାଞ୍ଚ୍ ତଦନ୍ତ ପରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ ପଠାଇଛି।

ଚାକିରି ନିୟମିତକରଣ ଓ ବେତନ ବୃଦ୍ଧି ପାଇଁ ଆଶାୟୀ ଶିକ୍ଷକମାନଙ୍କୁ ଶୋଷଣ କରି ପ୍ରଶ୍ନପତ୍ର ବିକ୍ରି କରିବା ଏହି ଷଡ଼ଯନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଫୋନପେ ମାଧ୍ୟମରେ ୨.୫୦ ଲକ୍ଷ ଟଙ୍କା ପାଇଥିଲେ । ଅନ୍ୟ ଅଭିଯୁକ୍ତଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଛି, କାରଣ ଏହି ର୍ୟାକେଟ ବିଭିନ୍ନ ଜିଲ୍ଲାରେ ସକ୍ରିୟ ଥିବା ସନ୍ଦେହ କରାଯାଉଛି ଏବଂ ପୀଡ଼ିତଙ୍କଠାରୁ ପ୍ରଚୁର ଅର୍ଥ ସଂଗ୍ରହ କରିଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କର ମୋବାଇଲ ଫୋନ୍ ସମେତ ଇଲେକ୍ଟ୍ରୋନିକ ଉପକରଣ ଓ ଲିକ୍ ହୋଇଥିବା ପ୍ରଶ୍ନପତ୍ର ଜବତ କରାଯାଇଛି।

ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ସୂଚନା ଅନୁଯାୟୀ, ଏହି କେଲେଙ୍କାରୀର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜିତନ ମହାରଣାଙ୍କ ସହ ଶ୍ରୀ ମହାନ୍ତିଙ୍କର ଗଭୀର ସମ୍ପର୍କ ଥିଲା। ତଦନ୍ତରୁ ଜଣାପଡିଛି ଯେ ଶ୍ରୀ ମହାନ୍ତି ଅଫିସ୍ ସମୟ ବାହାରେ ଜିତନଙ୍କୁ ୧୦୦ ଥରରୁ ଅଧିକ ଫୋନରେ ଯୋଗାଯୋଗ କରିଥିଲେ। ଏହି କଲ୍‌ଗୁଡ଼ିକର ତଥ୍ୟ ହିଁ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଥିଲା ଏବଂ ତାଙ୍କ ବିରୋଧରେ ଏହା ଏକ ବଡ଼ ପ୍ରମାଣ ସାଜିଛି। କେବଳ ଚାକିରି ସମୟରେ ନୁହେଁ, ବରଂ ଅଫିସ୍ ବାହାରେ ଏତେ ଥର କଥାବାର୍ତ୍ତା ହେବା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିବା କ୍ରାଇମବ୍ରାଞ୍ଚ ସନ୍ଦେହ କରୁଛି। କ୍ରାଇମବ୍ରାଞ୍ଚ ଶ୍ରୀ ମହାନ୍ତିଙ୍କୁ କୋର୍ଟରେ ହାଜର କରି ରିମାଣ୍ଡରେ ଆଣିବାକୁ ଆବେଦନ କରିବ। ରିମାଣ୍ଡ ଅବଧିରେ ପ୍ରଶ୍ନପତ୍ର କିପରି ଲିକ୍ ହେଲା, ଏହା ପଛରେ ଆଉ କେଉଁମାନେ ସାମିଲ ଅଛନ୍ତି ଏବଂ କେତେ ଟଙ୍କାର କାରବାର ହୋଇଛି, ସେନେଇ ତଦନ୍ତକାରୀ ସଂସ୍ଥା ଖୋଳତାଡ଼ କରିବ। ଜିତନ ମହାରଣାଙ୍କ ସହ ତାଙ୍କୁ ମୁହାଁମୁହିଁ ଜେରା କରାଯିବାର ସମ୍ଭାବନା ରହିଛି।

## ଟ୍ରାକ୍ ...

ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାର ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ବିମଳାଗଡ଼ ସେକ୍ସନ କରମପଦା-ରେଞ୍ଜଡ଼ା ମଝିରେ ଆଜି ହୋଇଛି ଏହି ବିସ୍ଫୋରଣ। ଏଥିଯୋଗୁ ସଂପୃକ୍ତ ଟ୍ରାକ୍ ରେ ଟ୍ରେନ୍ ଚଳାଚଳ ପ୍ରଭାବିତ ହୋଇଛି । ଘଟଣାସ୍ଥଳରେ ପୋଲିସ ସମେତ ସିଆରପିଏଫ ଟିମ୍, ଝାଡ଼ଖଣ୍ଡ ଜାଗୁଆର ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି। ମାଓବାଦୀମାନେ ସହିଦ ସପ୍ତାହ ପାଳନ କରୁଥିବା ବେଳେ ଆଜି ଶେଷ ଦିନରେ ସେମାନେ ଉପରୋକ୍ତ ହିଂସାକାଣ୍ଡ ଘଟାଇଛନ୍ତି। ସେମାନେ ଟ୍ରାକରେ ଲ୍ୟାଣ୍ଡମାଇନ୍ ଖଞ୍ଜିଥିବା ବେଳେ ଉପରୋକ୍ତ ଦୁଇ ରେଳ କର୍ମଚାରୀ ଡ୍ୟୁଟି କରୁଥିବା ସମୟରେ ଏହା ବିସ୍ଫୋରଣ ହୋଇଥିଲା। ମାଓବାଦୀମାନେ ଏପରି କାଣ୍ଡ ଘଟାଇବା ପରେ ନିକଟସ୍ଥ ସରଣ୍ଡା ଜଙ୍ଗଲରେ ଲୁଚି ରହିଥିବା ସୂଚନା ମିଳିଛି। ତେଣୁ ତୁରନ୍ତ ସୁରକ୍ଷାକର୍ମୀମାନେ ସରଣ୍ଡା ଜଙ୍ଗଲରେ ସର୍ଚ୍ଚ ଅପରେସନକୁ ଜୋରଦାର କରିଥିବା ଜଣାପଡ଼ିଛି।

## ୯ ମୃତକଙ୍କ...

୧୦ରୁ ୧୫ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ। ବିସ୍ଫୋରଣ ପରେ ବଡ଼ ବଡ଼ ପଥର ଖଣ୍ଡ ଖସିଥିଲା। ଫଳତଃ ଶ୍ରମିକମାନେ ଭଗ୍ନାବଶେଷ ତଳେ ଫସିରହିଥିଲେ। ଅନେକ ଶ୍ରମିକ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବାରୁ ଏହି ଘଟଣାରେ ମୃତ୍ୟୁସଂଖ୍ୟା ବଢ଼ିବାର ଯଥେଷ୍ଟ ଆଶଙ୍କା ରହିଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏନେଇ ସୂଚନା ପାଇବା ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାଛଡ଼ା ସେ ମୃତକଙ୍କ ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବା ସକାଶେ ମଧ୍ୟ ଘୋଷଣା କରିଛନ୍ତି। ତେବେ ଶ୍ରମିକମାନେ ସୁରକ୍ଷା ସରଞ୍ଜାମ ବିନା କାମ କରୁଥିବାରୁ ଏପରି ଅଘଟଣ ଘଟିଥିବା କୁହାଯାଉଛି। ସେପଟେ ମୃତକମାନଙ୍କ ପାର୍ଥିବ ଶରୀର ଫେରାଇ ଆଣିବା ଦିଗରେ ପଦକ୍ଷେପ ଗ୍ରହଣ କରିଛି ଗଞ୍ଜାମ ଜିଲ୍ଲା ପ୍ରଶାସନ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ବାପତଲା ଗସ୍ତ କରିଛି। ଏନେଇ ସରକାରଙ୍କ ପକ୍ଷରୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ।

## ନ୍ୟାୟ ଅପେକ୍ଷାରେ...

ରୂପେଶ ଭଦ୍ରଙ୍କ ଗେଷ୍ଟ ହାଉସ୍‌ରେ ହତ୍ୟା କରାଯାଇଥିଲା। ତତ୍କାଳୀନ ସରକାରୀ ଦଳ ଚାପରେ ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବାକୁ ପୁଲିସ ଉଦ୍ୟମ କରିଥିଲା। ଏପରିକି ଅନୁସନ୍ଧାନ ପୂର୍ବରୁ ତତ୍କାଳୀନ ଏସ୍‌ପି ଚରଣ ସିଂ ମୀନା ଏହାକୁ ଆତ୍ମହତ୍ୟା ବୋଲି କହିଦେଇଥିଲେ। ତରବରିଆ ଭାବେ ବ୍ୟବଚ୍ଛେଦ କରି ଶବକୁ ବି ରାତାରାତି ପୋଡ଼ି ଦିଆଯାଇଥିଲା। ପ୍ରମାଣ ନଷ୍ଟ ପାଇଁ ଗେଷ୍ଟ ହାଉସ୍‌କୁ ମଧ୍ୟ ଭାଙ୍ଗି ଦେଇଥିଲା ପ୍ରଶାସନ। ଶ୍ରୀ ଭଦ୍ର ଗିରଫ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପ୍ରକୃତ ଅଭିଯୁକ୍ତ ପାଖରେ ପହଞ୍ଚିପାରିନି ପ୍ରଶାସନ।

ଏହାଛଡ଼ା ୨୦୧୩ରେ ପୁରୀ ଜିଲ୍ଲାରୁ ଯାଇ ରାୟଗଡ଼ା ଟିକିରିରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିବା ଇତିଶ୍ରୀ ପ୍ରଧାନଙ୍କୁ କେତେକ ଦୁର୍ବୃତ୍ତ ପୋଡ଼ି ମାରିଦେଇଥିଲେ। ହସ୍ପିଟାଲ ବେଡରେ ପୀଡ଼ିତା ଅଭିଯୁକ୍ତ ନାଁ ନେଇଥିଲେ ମଧ୍ୟ ତଦନ୍ତ ଭାର ନେଇଥିବା କ୍ରାଇମବ୍ରାଞ୍ଚ ବି ଅଭିଯୁକ୍ତଙ୍କୁ ଚିହ୍ନଟ କରିପାରିନଥିଲା। ଏପରିକି ସିବିଆଇ ବି ଫେଲ୍ ମାରିଲା। ଶେଷରେ ଇତିଶ୍ରୀଙ୍କ ମୃତ୍ୟୁ ପରେ ତଦନ୍ତରେ ସୁପ୍ରିମ୍‌କୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଅଧିକନ୍ତୁ ଝିଅ ଚିନ୍ତା କରି କରି ବାପା ଆର ପାରିକୁ ଚାଲିଯାଇଥିଲେ ମଧ୍ୟ ଏବେ ବି ଇତିଶ୍ରୀଙ୍କ ଅପରାଧୀ ଧରାପଡ଼ିନାହାଁନ୍ତି।

ଆହୁରି କୁନ୍ଦୁଲି ପୀଡ଼ିତା ଗଣଦୁଷ୍କର୍ମର ଶିକାର ହେବା ପରେ ନ୍ୟାୟ ପାଇଲେନି। ଏପରିକି ପୁଲିସ୍ ନିଜେ ପୀଡ଼ିତାଙ୍କ ଅଭିଯୋଗକୁ ମିଛ ବୋଲି କହିଥିଲା। ଶେଷରେ ନ୍ୟାୟ ନପାଇ ନିରାଶ ହୋଇ ନିଜ ଓଢ଼ଣୀରେ ଫାଶି ଲଗାଇ ଜୀବନ ହାରିଲେ ପୀଡ଼ିତା।

ସେହିପରି ୨ ବର୍ଷ ତଳେ ବଲାଙ୍ଗୀର କଣ୍ଟାବାଞ୍ଜିର ମମିତା ମେହେର ହତ୍ୟା ମାମଲାରେ ତତ୍କାଳୀନ ବିଜେଡି ସରକାରର ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲେ ମଧ୍ୟ ମାମଲାରେ ଗୋବିନ୍ଦ ସାହୁ ନାମକ ବ୍ୟକ୍ତି ଗିରଫ ହୋଇଥିଲେ। ସେ ମମିତାଙ୍କୁ ମାରି ପୋଡ଼ିଦେବା ସହ କଲେଜ ପରିସରରେ ପୋତିଦେଇଥିଲେ। ଏନେଇ ଖୋଳତାଡ଼ ହୋଇଥିଲେ ମଧ୍ୟ ନେତା ଓ ମନ୍ତ୍ରୀଙ୍କ ହାତ ଥିବା ଅଭିଯୋଗ ସତ୍ତ୍ୱେ ମାମଲାଟି କେଉଁଠି ଲୁଚିଯାଇଛି।

ଏହିପରି ଭାବେ ହତ୍ୟାର ଶିକାର ହୋଇଥିବା ପୀଡ଼ିତାଙ୍କ ତାଲିକା ବେଶ୍ ଲମ୍ବା ହୋଇଥିଲେ ମଧ୍ୟ ସେମାନଙ୍କୁ ନ୍ୟାୟ ଦେବାରେ ପ୍ରଶାସନ ବିଫଳ ରହିଛି, ଏହା ହିଁ ନିଷ୍ଠୁର ବାସ୍ତବତା।

## ବଲାଙ୍ଗୀ...

ଉଦ୍ୟମ କରିଥିଲେ ବୋଲି ଦର୍ଶାଯାଇଥିଲା। ପୁଲିସ ସେହି ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଡିଜି ନିଜେ ଯାଇ ପରିବାର ଲୋକଙ୍କ ସମେତ ଅନ୍ୟମାନଙ୍କୁ ପଚରାଉଚରା କରିଥିଲେ। ଭୁବନେଶ୍ୱର ଏମ୍ସରେ ମାଜିଷ୍ଟ୍ରେଟଙ୍କ ସାମନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ତାପରେ ଦିଲ୍ଲୀ ଏମ୍ସରେ ତଦନ୍ତକାରୀ ପୁଲିସ ଅଧିକାରୀ ବୟାନ ରେକର୍ଡ କରିଥିଲେ । କିନ୍ତୁ ଏବେ ପୁଲିସ କହିଛି ଏହି ଘଟଣାରେ କାହାର ସମ୍ପୃକ୍ତି ଥିବା ଜଣାପଡିନାହିଁ। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କିନ୍ତୁ ଏନେଇ କିଛି ବି ସ୍ପଷ୍ଟ କରିନାହାନ୍ତି କ୍ରାଇମବ୍ରାଞ୍ଚ ଡିଜି।

ସୋସିଆଲ ମିଡିଆରେ ପୁଲିସର ପୋଷ୍ଟ ଓ କ୍ରାଇମବ୍ରାଞ୍ଚ୍‌ର ନୀରବତା ସନ୍ଦେହକୁ ବଢ଼ାଇଛି। ପୀଡ଼ିତାଙ୍କ ମୃତ୍ୟୁ ପରେ ଅଚାନକ ପୁଲିସ କାହିଁକି ଏମିତି ପୋଷ୍ଟ କଲା ତାକୁ ନେଇ ପ୍ରଶ୍ନ ଉଠିଛି। ବରିଷ୍ଠ ଆଇନଜୀବୀଙ୍କ ମତରେ ପୀଡ଼ିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଆଇନଗତ ଦୃଷ୍ଟିରୁ ବେଶ୍ ଗୁରତ୍ୱ ରଖିଥାଏ। କୋର୍ଟରେ ଏହାକୁ ସବୁଠାରୁ ଗ୍ରହଣଯୋଗ୍ୟ ପ୍ରମାଣ ବୋଲି କୁହାଯାଏ। ପୁଲିସ ଯଦି ଏଥିରେ କିଛି ଏପଟସେପଟ କରିବ, ତା'ହେଲେ ଅଡୁଆରେ ପଡ଼ିବାର ଆଶଙ୍କା ରହିଛି।

## ସେପ୍ଟେମ୍ବରରେ...

ସଫଳ ମୁକାବିଲା ପାଇଁ ମନମୋହନ-ମୋହନ ଯୋଡ଼ି ସଫଳ ରଣନୀତି ପ୍ରସ୍ତୁତ କରୁଥିବା ଆଭାସ ମିଳୁଛି। ମନ୍ତ୍ରୀମାନେ ମଧ୍ୟ ନିଜ ନିଜ ବିଭାଗ ପ୍ରତି ଅଧିକ ସତର୍କ ହେଉଥିବା ବେଳେ ଯୁବ ବିଧାୟକମାନେ ଏବେଠାରୁ ବିରୋଧୀଙ୍କ ମୁକାବିଲା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେବେ ଗତ ବିଧାନସଭା ଅଧିବେଶନ ସମୟରେ ଉଭୟ କଂଗ୍ରେସ ଓ ବିଜେଡି ନାରୀ ସୁରକ୍ଷା ପ୍ରସଙ୍ଗକୁ ଭିନ୍ନ ଢଙ୍ଗରେ ପ୍ରତିବାଦ ଜରିଆରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ସ୍ୱଳ୍ପକାଳୀନ ବର୍ଷା ଅଧିବେଶନରେ ସେମାନେ କିଭଳି ରଣନୀତି ଆପଣେଇବେ ଓ ସରକାର କିଭଳି ସେମାନଙ୍କର ମୁକାବିଲା କରିବେ, ତାହା ଉପରେ ଏବେ ଲୋକ ନଜର ରହିଛି।

## ଭିଜିଲାନ୍ସ...

ଓଜନର ରୁପା ଅଳଙ୍କାର ମିଳିଛି। ଏହାଛଡ଼ା ତଦନ୍ତକାରୀ ଟିମ୍ ଗୋଟିଏ କାର୍ ଓ ୩ଟି ବାଇକ ଜବତ କରିଥିବା ଜଣାପଡ଼ିଛି।ଛି ତଦନ୍ତକାରୀ ଟିମ୍ । ଭିଜିଲାନ୍ସ ଟିମ୍ ବାରିପଦା, ବୌଦ୍ଧ ଓ ଭୁବନେଶ୍ୱରରେ ଯାଞ୍ଚ ଜାରି ରଖିଛି। ଶ୍ରୀ ହାଁସଦାଙ୍କ ବାରିପଦା ଘର, ବୌଦ୍ଧ ଭଡ଼ା ଘର ଓ ଆର୍‌ଟିଓ ଅଫିସରେ ଚଢ଼ାଉ ହୋଇଛି। ଏଥିସହ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟାସ୍ଥିତ ଶ୍ରୀ ହାଁସଦାଙ୍କ ପୈତୃକ ଘରେ ବି ଚଢ଼ାଉ ଜାରି ରହିଛି। ଭୁବନେଶ୍ୱରର ପାଣ୍ଡରାରେ ତାଙ୍କ ଝିଅ ରହୁଥିବା ଫ୍ଲାଟରେ ବି ଚଢ଼ାଉ ହେଉଛି। ଏହି ଚଢ଼ାଉରେ ଭିଜିଲାନ୍ସର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର ଓ ଅନ୍ୟ ଅଧିକାରୀମାନେ ସାମିଲ ଅଛନ୍ତି।

# ସିଟି salad

## ଜମି ପାଇଁ ପାତ୍ରେ ହଟହଟା



ଓଡିଆରେ କଥାଟିଏ ଅଛି 'ଆ ବଳଦ ମତେ ବିନ୍ଧି'। ଏହାର ମାନେ ହେଉଛି ଶାନ୍ତ ସରଳ ଭାବେ ଛିଡା ହୋଇଥିବା ବଳଦକୁ ଡାକି ଭୁଷା ଖାଇବା। ଏ କଥାଟି ଏବେ ମନ୍ତ୍ରୀ ପାତ୍ରବାବୁ ମାନେ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଠାରେ ଦେଖିବାକୁ ମିଳିଛି। ୨୫ଲକ୍ଷ ଟଙ୍କାର ଜମିଜମା ଠକେଇ ଅଭିଯୋଗ କରି ଚୋରକୁ ଫସେଇବେ କ'ଣ ନିଜେ ଫଶି ଯାଇଛନ୍ତି। ପାତ୍ର ବାବୁ ଭାବିଥିଲେ ଅଭିଯୋଗ ପରେ ୨୫ଲକ୍ଷ ଟଙ୍କାକୁ ଥାନାବାବୁ ଆଦାୟ କରି ତାଙ୍କୁ ଧରାଇଦେବେ। ହେଲେ ସେମିତି କିଛି ହେଲା ନାହିଁ। ଏବେ ଅଭିଯୋଗ କୀଳା ହୋଇ ତାଙ୍କୁ ଗୋଡେଇବା ଆରମ୍ଭ କରିଛି। ଲୋକେ ପ୍ରଶ୍ନ କଲେଣି ପାତ୍ର ବାବୁ ୨୫ଲକ୍ଷ ଟଙ୍କା ଆଣିଲେ କେଉଁଠୁ ? ଏହା ବି ବଡ ପ୍ରଶ୍ନ। କାରଣ ଏଥର ନିର୍ବାଚନ ପୂର୍ବରୁ ପାତ୍ର ବାବୁ ସତ୍ୟପାଠ ଜରିଆରେ ନିଜର ଯେଉଁ ସମ୍ପତ୍ତି ତାଲିକା ଦେଇଛନ୍ତି ସେଥିରେ ତାଙ୍କରମୋଟ ଆୟ ବର୍ଷକୁ ୪ଲକ୍ଷ ଟଙ୍କାରୁ ସାମାନ୍ୟ ଅଧିକ ଦେଖାଇଛନ୍ତି। ପରିବାରରେ ଅନ୍ୟମାନଙ୍କର ଆୟ ଶୂନ ବୋଲି ଦର୍ଶାଯାଇଛି। ୪ଲକ୍ଷ ଟଙ୍କା ଆୟରେ ବାବୁଙ୍କର ବ୍ୟୟ ବି ଅଛନ୍ତି। ହେଲେ ସେହି ସମୟରେ ବାବୁ ୨୫ଲକ୍ଷ ଟଙ୍କା କେଉଁଠୁ ଆଣି ଜମି କିଣିବାକୁ ଦେଲେ ତାହାକୁ ନେଇ ପ୍ରଶ୍ନ ପରେ ପ୍ରଶ୍ନ ଘୂରି ବୁଲୁଛି। ମନ୍ତ୍ରୀ ବି କ'ଣ କହିବେ ଜାଣିପାରୁ ନାହାନ୍ତି। ତାଙ୍କ ଦଳ ବି ଏ କ୍ଷେତ୍ରରେ ପୂରା ନିରବ। ମଉକା ଦେଖି ଠକ ବି ଖସିବାକୁ ବସିଲାଣି। ପାତ୍ରବାବୁଙ୍କର ଏମନ୍ତ ବୁଦ୍ଧି ଦେଖିଲା ପରେ ତାଙ୍କରି ଦଳର ନେତାମାନେ ଏହାକୁ 'ଆଳୁ ବୁଦ୍ଧି'ବୋଲି କହିବାକୁ ପଛାଉ ନାହାନ୍ତି। ଦେଖାଯାଉ ଠକ କେବେ ପଇସା ଫେରାଉଛି ଓ ମନ୍ତ୍ରୀ କିଭଳି ୨୫ଲକ୍ଷ ଟଙ୍କାର ହିସାବ ଦେଉଛନ୍ତି।

## ବାଜି ମାରିଦେଲେ ଟଙ୍କଧର



ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ହେଉଛନ୍ତି ପଶ୍ଚିମଓଡିଶାରେ ଦଳର ଆଇକନ୍। ବିଧାନସଭାରେ ଭାଷଣବାଜି ହେଉ କିମ୍ବା ବିଧାନସଭା ବାହାରେ ବାବୁଙ୍କର ପ୍ରଦର୍ଶନ ସବୁବେଳେ ନିଆରା। ବିରୋଧିଙ୍କୁ ଆକ୍ରମଣ କରିବାରେ ବାବୁ କେଉଁଠି ହେଲେ କାଣିଚାଏ ଛାଡନ୍ତି ନାହିଁ। ଏଥର କିନ୍ତୁ ବାବୁ ଆଉ ଗୋଟିଏ ନିଆରା କାମ କରି ବାଜି ମାରିନେଇଛନ୍ତି। ବିଧାୟକ ହେବାର ବର୍ଷକ ଭିତରେ ନିଜ ନିର୍ବାଚନମଣ୍ଡଳୀରେ କ'ଣ କ'ଣ କାମ କରିଛନ୍ତି ତାହାର ରିପୋର୍ଟ କାର୍ଡ ପ୍ରସ୍ତୁ କରି ସିଧା ଦଳର ରାଷ୍ଟ୍ରୀୟ ସଭାପତିଙ୍କୁ ଧରାଇଛନ୍ତି। ବିଜେପି ସଭାପତି ଜେପି ନଡ୍ଡାଙ୍କ ହାତକୁ ରିପୋର୍ଟ କାର୍ଡ ଦେବାର ସଚିତ୍ର ଖବର ପ୍ରକାଶ ପାଇବାପରେ ଟଙ୍କଧର ଏବେ ଚର୍ଚ୍ଚାର। କିଛି ଦିନ ଦଳର ମନ୍ତ୍ରୀମାନେ ରିପୋର୍ଟକାର୍ଡ ପ୍ରସ୍ତୁତ ପାଇଁ ଝାଳ ନାଳ ହେଉଥିବାବେଳେ ଟଙ୍କଧର ଖାଲି ରିପୋର୍ଟକାର୍ଡ ପ୍ରସ୍ତୁତ କଲେ ନାହିଁ, ସିଧାନେଇ ନଡ୍ଡାଜୀଙ୍କୁ ଧରାଇଦେଲେ। ଏହା ଦେଖିବାପରେ ଅନେକ ଏବେ ଟଙ୍କଧରଙ୍କ ଗଭୀରତାକୁ ମାପିବାରେ ଲାଗିଛନ୍ତି। ତେବେ ରିପୋର୍ଟକାର୍ଡ ଦେବାକୁ କୁକୁ କୁକୁ ହେଉଥିବା ଅନ୍ୟ ବିଧାୟକ ଏବେ ଏହାକୁ ନେଇ ହରଡଘଣାରେ ପଡିଛନ୍ତି। ରିପୋର୍ଟ କାର୍ଡ କେମିତି କାହାକୁ ଦେବେ ସେହି ଚିନ୍ତା ଘାରିଛି। ଟଙ୍କଧର ସିନା ନିଜ ପାୱାର ବଳରେ ନଡ୍ଡାଙ୍କ ପାଖରେ ପହଞ୍ଚିଗଲେ, ହେଲେ ଏମାନେ କାହାକୁ ରିପୋର୍ଟକାର୍ଡ ଦେବେ ? ଓଡିଶାରେ କାହାକୁ ଦେଇ ଫଟୋ ଉଠାଇ ଛାପିଲେ ସେମାନେ ଟଙ୍କଙ୍କ ଆଗରେ ଛୋଟ ହୋଇଯିବେ। ତେବେ ଟଙ୍କଧରଙ୍କ ପାଇଁ ହରବର ହେଉଥିବା କିଛି ବିଧାୟକ ଏବେ ମନେମନେ ତାଙ୍କୁ ଗାଳି ଦେଉଥିବାବେଳେ ଆଉ କିଛି ଟଙ୍କ ବାଜି ମାରିନେଲେ ବୋଲି କହିବାକୁ ପଛାଉ ନାହାନ୍ତି।

## ଋଷିଙ୍କ ପାଇଁ ବିଶି ନାକେଦମ



ସଂସଦଭବନ ପରିସରରେ ଧାରଣା ପାଇଁ ଭୁବନେଶ୍ୱରରୁ ନିର୍ଦ୍ଦେଶ ଯିବାପରେ ଦିଲ୍ଲୀରେ ବିଜେଡିର ସାତଜଣ ରାଜ୍ୟସଭା ସାଂସଦ ପ୍ରସ୍ତୁତ ହେଲେ। ବର୍ଷାଦିନ ଥିବାରୁ ସମସ୍ତଙ୍କ ପାଇଁ ଛତା ଓ ପ୍ଲାକାର୍ଡ ବ୍ୟବସ୍ଥା ହୋଇଥିଲା। ଓଡିଶାରେ ନାରୀଙ୍କ ପ୍ରତି ଘଟୁଥିବା ନିର୍ଯ୍ୟାତନା ସଂକ୍ରାନ୍ତରେ ଜାତୀୟ ଗଣମାଧମର ଦୃଷ୍ଟି ଆକର୍ଷଣ ପାଇଁ ସମସ୍ତେ ପହଞ୍ଚିଲା ବେଳକୁ ସାଂସଦ ଋଷିବାବୁଙ୍କର ଦେଖାଦର୍ଶନ ନାହିଁ। ଛଅ ଜଣ ସାଂସଦ ଗାନ୍ଧୀମୂର୍ତ୍ତି ତଳେ ଧାଡିରେ ଛିଡା ହେଲେ। ସମସ୍ତେ ନିଜ ନିଜ ସହିତ ଛତା ଆଣିଥିବାବେଳେ ପ୍ଲାକାର୍ଡ ଗୋଟିଏ ଜରିରେ ବନ୍ଧାହୋଇ ଆସିଥିଲା। ହେଲେ ଧାଡିରେ ଦେଖିଲା ବେଳକୁ ଜଣେ କମ୍। ମାନେ ଋଷି ବାବୁ ଆଉ ଆସିଲେନି। ଛତାଟି ସିନା ତାଙ୍କ ପାଖରେ ରହିଗଲା, ହେଲେ ପ୍ଲାକାର୍ଡ ପହଞ୍ଚି ସାରିଥିଲା ଧାରଣାର ସ୍ଥଳରେ। ଦଳୀୟ ପ୍ଲାକାର୍ଡକୁ ତଳେ ପକାଇ ହେବନାହିଁ। ଜଣେ କେହି ଧରିବା ଦରକାର। ଧାଡିର ଗୋଟିଏ ମୁଣ୍ଡରେ ମୁନ୍ନା ଖାଁ ଥିବାବେଳେ ଆଉ ଗୋଟିଏ ପଟେ ବିଶି ବାବୁ ମାନେ ନିରଞ୍ଜନ ବିଶିଥିଲେ। ମୁନ୍ନା ବାବୁ କଳାକାର ହୋଇଥିବାରୁ ଗୋଟିଏ ହାତରେ ଛତା ଓ ଆଉ ଗୋଟିଏ ହାତରେ ଦୁଇଟି ପ୍ଲାକାର୍ଡ ଧରିବାକୁ ରାଜି ହେଲେ ନାହିଁ। ଅନ୍ୟମାନେ ତ ସହଜରେ ସୁକୁମାରିଆ। ତେଣୁ ଶେଷରେ ବିଶିବାବୁଙ୍କ ହାତରେ ଦୁଇଟି ପ୍ଲାକାର୍ଡ ଧରାଇଦେଲେ। ଗୋଟିଏ ହାତରେ ଛତା ଓ ଅନ୍ୟ ହାତରେ ଦୁଇଟି ପ୍ଲାକାର୍ଡ ଧରିଥିବା ବିଶିବାବୁ ବର୍ଷା ପାଗରେ ମନେ ମନେ ଋଷିଙ୍କୁ ଗାଳି ଦେଉଥିବାବେଳେ କୌଣସି ପ୍ରକାରେ ସଳଖ ହୋଇ ଫଟୋଟି ଉଠାଇ ଦେଇଥିଲେ। ଧାରଣା ସଫଳ ହୋଇଥିବାବେଳେ ବିଶି ବାବୁଙ୍କ ହଟାହଟା କିନ୍ତୁ ସ୍ପଷ୍ଟ ବାରିହୋଇ ପଡୁଥିଲା।

## ଖୋରଧା ନେତାଙ୍କ ପାଇଁ କଟକ ପୁଲିସ ନୟାନ୍ତ



ଖୋରଧା ଜିଲ୍ଲାର ଜଣେ ବିଧାୟକଙ୍କ ପାଇଁ କଟକ ପୁଲିସ୍ ନାକେଦମ ହେଲେଣି। କଟକ ଗ୍ରାମାଞ୍ଚଳର ଖାକିବାବୁମାନେ ଚୋର ତସ୍କରଙ୍କୁ ଜଗିବା ଛାଡି ଏବେ ଏହି ବିଧାୟକଙ୍କ ଚେଲା ଚାମୁଣ୍ଡାଙ୍କ ଉପରେ ନଜର ରଖିବାରେ ଲାଗିଛନ୍ତି। ଖାକି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଖୋରଧା ଜିଲ୍ଲାର ଏହି ବିଧାୟକ ଜଣଙ୍କ ଏଭଳି ବେପାର ମୁହାଁ ହୋଇଛନ୍ତି ଯେ ତାଙ୍କ ବେପାର ଯାଇ କଟକ ଜିଲ୍ଲାରେ ପହଞ୍ଚିଛି। କଟକ ତ୍ରିଶୁଳିଆ ଅଞ୍ଚଳରେ ଯେତେ ସବୁ ନୂଆ ନୂଆ କାରଖାନା ଗଢି ଉଠୁଛି ବାବୁ ସେଠାରେ ବିଭିନ୍ନ ପ୍ରକାର ବ୍ୟବସାୟ ପାଇର୍ ମନ ବଳାଉଛନ୍ତି। କେଉଁଠି ଖାଦ୍ୟ ଯୋଗାଣ ଦାୟିତ୍ୱ ନେଉଛନ୍ତି ତ ଆଉ କେଉଁଠି ଗାଡି ଯୋଗାଣ ଦାୟିତ୍ୱ। ନିକଟରେ ଗୋଟିଏ ଥଣ୍ଡାପାନୀୟ କମ୍ପାନୀରେ ନିଜର ଗାଡିଗୁଡିକୁ ଭଡାରେ ଲଗାଇବାପାଇଁ କହିଥିଲେ। ହେଲେ ସେଠାରେ ପୂର୍ବରୁ ଗାଡି ଭଡାରେ ଲଗାଇ ପେଟ ପୋଷୁଥିବା ଲୋକେ ଏହାକୁ ବିରୋଧକଲେ। ଏହାପରେ ବିଧାୟକ ନିଜର ଗୁଣ୍ଡାମାନଙ୍କୁ ଲଗାଇ ଗଣ୍ଡଗୋଳ ଚଳାଛନ୍ତି। କେବଳର ସେତିକି ନୁହେଁ ଯେତେସବୁ ନୂଆ କମ୍ପାନୀ ଆସୁଛନ୍ତି ସେମାନଙ୍କୁ ନାଲିଆଖି ଦେଖାଇବାକୁ ପଛାଉ ନାହାନ୍ତି। ବିଧାୟକଙ୍କ ପାଇଁ ଜଣେ ମହିଳା ସାଂସଦ ଓକିଲାତି କରୁଥିବାରୁ ବାବୁ ଏବେ ପୂରା ବେପାରରେ ମନ ଦେଇଛନ୍ତି। ବାବୁ ପୂର୍ବରୁ ନିଜ ଇଲାକାରେ ମଦଦୋକାନ, ପେଟ୍ରୋଲ ଟାଙ୍କି ସହିତ ଠିକାଦାରୀରେ ମନ ନିବେଶ କରିଥିବାବେଳେ ଏବେ କଟକ ଓ ବାଙ୍କି ନିର୍ବାଚନମଣ୍ଡଳୀରେ ଉତ୍ପାତ ଆରମ୍ଭ କରିଥିବାରୁ ଆଗାମୀ ଦିନରେ ଏହା ଭୟଙ୍କର ସ୍ଥିତି ସୃଷ୍ଟି କରିବ ବୋଲି ଖୋଦ ଖାକିବାବୁମାନେ କହୁଛନ୍ତି।

## ମହିଳା ଗ୍ୟାଙ୍ଗ୍‌କୁ ଦୂରୁ ଜୁହାର



ରାଜଧାନୀରେ ଏବେ ମହିଳା ଗ୍ୟାଙ୍ଗ୍ ମାତିଛନ୍ତି। ସକାଳେ ଯାହା ବିରୁଦ୍ଧରେ ଲାଗିବେ ସଞ୍ଜକୁ ସିଏ ବଦନାମ ହୋଇ ସାରିଥିବ। ଲୋକସଭାଭବନରେ ଏଭଳି ଆଲୋଚନା ଚାଲିଥିବାବେଳେ କଥାଟିକୁ ଟିକେ କାନଡେରି ଶୁଣିଲୁ। ଜଣେ ଉପକୂଳିଆ କର୍ମଚାରୀ ଆଉ ଜଣେ ପଶ୍ଚିମା କର୍ମଚାରୀଙ୍କୁ କହୁଥାନ୍ତି, ବୁଝିଲେ ଆଜ୍ଞା ରାଜଧାନୀରେ ଏବେ ମହିଳା ଗ୍ୟାଙ୍ଗ୍ ମାତିଛନ୍ତି। ନିଜକୁ ସମାଜସେବୀ କହୁଥିବା ନେତ୍ରୀମାନେ ଏହାର ଲିଡର। ଏମାନଙ୍କର ସରକାରୀ ବ୍ୟବସ୍ଥାରେ ଅବାଧ ପ୍ରବେଶ। ମନ୍ତ୍ରୀ ବିଧାୟକଙ୍କ ନିକଟରେ ପୂରା ଆତଯାତ। ତିନି ଚାରିଜଣ ମିଶି ଗ୍ୟାଙ୍ଗ୍ ତିଆରି କରିଛନ୍ତି। କାମକୁ ସହଜପାଇଁ କିଛି ଝିଅଙ୍କୁ ବି ନିଜ ପାଖରେ ରଖିଛନ୍ତି। ଯିଏ ଏମାନଙ୍କ କଥା ମାନୁନାହିଁ ତାକୁ ସିଧା ଚୋଟ ମାରୁଛନ୍ତି। ଯଦି କାହାକୁ ଫସାଇବାର କିମ୍ବା ବଦନାମ କରିବାର ଅଛି ତେବେ ଏହି ଗ୍ୟାଙ୍ଗ୍ ସହିତ ଯୋଗାଯୋଗ କରାଯାଇ ପାରେ। ଏମାନେ ସିଧା ଅଭିଯୋଗ କରି ଜେଲରେ ଭର୍ତ୍ତି କରିଦେବେ। ଅବଶ୍ୟ ଗାଙ୍ଗ୍ ଲିଡରମାନଙ୍କ ନାଁ ପଦାକୁ ସହଜରେ ଆସୁନାହିଁ। ଏମାନଙ୍କ ଚୋଟ ଖାଇ ରାଜଧାନୀରେ ଦୁଇ ତିନି ଜଣ ଆହତ ହେବାପରେ ଏବେ ଏମାନେ ଏବେ ରାଜଧାନୀ ବାହାରେ ଶିକାର ଆରମ୍ଭ କରିଛନ୍ତି। ଅବଶ୍ୟ କେତେକ କ୍ଷେତ୍ରରେ ମାଲ ପାଇଲାପରେ ଏମାନେ ଅଭିଯୋଗକୁ ନିଜ ପାଖରେ ରଖି ଦେଉଛନ୍ତି। ଉପକୂଳିଆ କର୍ମଚାରୀ ଜଣଙ୍କ ଏକଥାର କହୁଥିବାବେଳେ ପଶ୍ଚିମା କର୍ମଚାରୀ ଜଣଙ୍କ ଆଁ କରି ଶୁଣୁଥିଲେ। ଶେଷରେ କହିଲେ, ମୁଁ କିଛି ବୁଝି ପାରିଲି ନାହିଁ ଆଜ୍ଞା। ହେଲେ ଆମେ ଅନେକ କିଛି ବୁଝିଥିବାରୁ ଉପକୂଳିଆ କର୍ମଚାରୀ ଜଣଙ୍କ କିଛି କହିବା ପୂର୍ବରୁ ସେଠାରୁ ପଳାଇ ଆସିଲୁ।

---

### ସାହାଣୀ କପ୍-୨୦୨୫ ଉଦ୍‌ଯାପନୀରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# 'ସାହାଣୀ କପ୍' ଏକ ଐତିହାସିକ ଅଭିଯାନ



**କେନ୍ଦୁଝର,୩।୮(ସଂଚାର ବ୍ୟୁରୋ):** ଆଜି କେନ୍ଦୁଝର ଜିଲ୍ଲା ଷ୍ଟାଡିଅମଠାରେ କଟକ ଓ ସମ୍ବଲପୁର ମଧ୍ୟରେ ହେଉଥିବା ୬୪ତମ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନସିପ ସାହାଣୀ କପ ୨୦୨୫ ଉଦଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦାନ କରି 'ସାହାଣୀ କପ'କୁ ଏକ ସ୍ମୃତିଗତ ଓ ଐତିହାସିକ ଅଭିଯାନ ବୋଲି କହିଛନ୍ତି। ଫାଇନାଲ ମ୍ୟାଚରେ କଟକ ଟିମ ବିଜୟୀ ହୋଇ ଚାମ୍ପିଅନ ହୋଇଥିବା ବେଳେ ସମ୍ବଲପୁର ରନର୍ସଅପ୍ ହୋଇଛି। ମୁଖ୍ୟମନ୍ତ୍ରୀ ବିଜେତା ଓ ଉପବିଜେତାଙ୍କୁ ଦଳକୁ ପୁରସ୍କୃତ କରିବା ସହ ସହିଦ ରାଜକିଶୋର ମୁଣ୍ଡାଙ୍କ ପତ୍ନୀ ସୁନୀତା ମୁଣ୍ଡାଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ 'ସାହାଣୀ କପ' ନାମଟି କେବଳ ଜୟ ବା ପରାଜୟ ସହିତ ନୁହେଁ, ବରଂ ଶ୍ରମ, ସଂଘର୍ଷ, ଏବଂ ଦଳୀୟ ଆତ୍ମାର ସମ୍ମିଳିତ ପରିଣାମ। କଟକ ଓ ସମ୍ବଲପୁର ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ଫାଇନାଲ କେବଳ ଏଇ ଫୁଟବଲ ଗ୍ରାଉଣ୍ଡରେ ସୀମିତ ହୋଇ ରହିନାହିଁ। ଏହି ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ, ବରଂ ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ରମରେ, ବିଧାୟକ ଅଖିଳ ଚନ୍ଦ୍ର ନାଏକ, ଡକ୍ଟର ଫକୀର ମୋହନ ନାଏକ, ଝାରସୁଗୁଡା ବିଧାୟକ ତଥା ଓଡ଼ିଶା ଫୁଟବଲ ସଂଘର ସଭାପତି ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ବିଶାଳ ସିଂହ, ଓଡ଼ିଶା ଅଲିମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

## ମାହାଙ୍ଗା ବିଧାୟକ ସମ୍ବର୍ଦ୍ଧିତ



**ମାହାଙ୍ଗା,୩।୮(ସଂଚାର ବ୍ୟୁରୋ):** ପ୍ରମୁଖ ସାମାଜିକ ଅନୁଷ୍ଠାନ 'ମୋ କଟକ ସୁରକ୍ଷା ମଞ୍ଚ' ପକ୍ଷରୁ କଟକ ଟାଉନ ହଲରେ ମଞ୍ଚର ସମ୍ପାଦକ ଜିତେନ୍ଦ୍ର ସାହୁ ଓ ସଭାପତି ଅକ୍ଷୟ ପଣ୍ଡା ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ବିଧାୟକଙ୍କ ନିଃସ୍ୱାର୍ଥପର ଜନସେବା, ସରକାରୀ ଯୋଜନା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ନିରନ୍ତର କାର୍ଯ୍ୟ କରିବା ଓ ସରକାରୀ ଯୋଜନାରେ ଦୁର୍ନୀତି ନ ହେବା ଦିଗରେ ବିଧାୟକ ସଦାସର୍ବଦା କାର୍ଯ୍ୟ କରୁଥିବାରୁ ତାଙ୍କୁ ମଞ୍ଚ ପକ୍ଷରୁ ପ୍ରଶଂସା କରାଯାଇଛି। କଟକ ସହରରେ 'ମୋ କଟକ ସୁରକ୍ଷା ମଞ୍ଚ' ଜନସାଧାରଣଙ୍କ ପାଇଁ କରୁଥିବା କାର୍ଯ୍ୟରେ ବିଧାୟକ ସାରଦା ପ୍ରଧାନଙ୍କ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଜିତେନ୍ଦ୍ର ସାହୁ ବିଧାୟକଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦୁଷ୍କର୍ମ ପରେ ଯୁବତୀଙ୍କୁ ବିଷପିଆଇ ମାରିଦେଲେ !

- ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ
- ଶୌଚ ପାଇଁ ଯାଇ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲେ



**ନବରଙ୍ଗପୁର,୩।୮(ସଂଚାର ବ୍ୟୁରୋ):** ଯୁବତୀଙ୍କୁ ଦୁଷ୍କର୍ମ ପରେ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଥାନାଞ୍ଚଳରୁ ଏପରି ଏକ ଲୋମଟାଙ୍କୁରା ଅଭିଯୋଗ ଆସିଛି। ଗତକାଲି ରାତିରେ ସମ୍ପୃକ୍ତ ଯୁବତୀ ଜଣଙ୍କ ଘର ପାଖ ପଡିଆକୁ ଶୌଚ ପାଇଁ ଯାଇଥିଲେ ହେଁ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ରାତି ପ୍ରାୟ ସାଢ଼େ ୧୦ଟା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ତୁରନ୍ତ କୋଷାଗୁମୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କୁ ଦୁଷ୍କର୍ମ ପରେ ବିଷ ପିଆଇ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ଅସଲ କାରଣ ସ୍ପଷ୍ଟହେବ ବୋଲି ଏସଡିପିଓ କହିଛନ୍ତି। ଅପରପକ୍ଷରେ ଏନେଇ ସୂଚନା ପାଇବା ପରେ ସ୍ଥାନୀୟ ଅଞ୍ଚଳର ବିଜେଡି ନେତା ପ୍ରଦୀପ ମାଝୀ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି।

## ୪ ମତ୍ସ୍ୟଜୀବୀ ନିଖୋଜ

**ଜଳେଶ୍ୱର,୩।୮(ସଂଚାର ବ୍ୟୁରୋ):** ମଝି ସମୁଦ୍ରରେ ମତ୍ସ୍ୟଜୀବୀ ନିଖୋଜ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା କଙ୍କଡ଼ାପାଳ ଗାଁର ୪ ମତ୍ସ୍ୟଜୀବୀ ନିଖୋଜ ଅଛନ୍ତି। ନିଖୋଜ ବ୍ୟକ୍ତି ହେଲେ ଡଙ୍ଗା ମାଲିକ ମଧୁସୂଦନ ଗିରି, ତାଙ୍କ ବାପା ଗୋପାଳ ଗିରି, ମଧୁସୂଦନଙ୍କ ବଡ ଭାଇ ରବିନ୍ଦ୍ର ଗିରି ଏବଂ ଜଗନ୍ନାଥ ପାଳ। ଗତକାଲି ସକାଳେ ମୋଟର ବୋଟରେ ମାଛ ଧରିବାକୁ ଯାଇଥିଲେ । ଦୀର୍ଘ ସମୟ ଧରି ନଫେରିବାରୁ ଅଗ୍ନିଶମ ବିଭାଗ ଓ ବାଲିଆପାଳ ପୋଲିସକୁ ଖବର ଦେଇଥିଲେ ପରିବାର ଲୋକ ।

## ସ୍ୱାମୀଙ୍କୁ ଦଳିଦେଲା ହାତୀ, ବିଷ ପିଇଦେଲେ ପତ୍ନୀ

**କେନ୍ଦୁଝର,୩।୮(ସଂଚାର ବ୍ୟୁରୋ):** ଘରୁ ହସଖୁସିରେ ଖାଇପିଇ ଫସଲ ଜଗିବାକୁ ଯାଇଥିଲେ ସ୍ୱାମୀ। ସ୍ୱାମୀର ଫେରିବା ବାଟକୁ ଅନାଇ ରହିଥିଲା ସ୍ତ୍ରୀ। ହେଲେ ସ୍ୱାମୀ ଫେରିଲାନି। ଆସିଲା ସ୍ୱାମୀର ମୃତ୍ୟୁ ଖବର। ହାତୀ ଦଳିଦେଇ ନେଲା ସ୍ୱାମୀଙ୍କ ଜୀବନ । ଏପରି ଏକ ଦାରୁଣ ଖବର ଶୁଣି ସ୍ତ୍ରୀ ମୁଣ୍ଡରେ ସତେ ଯେମିତି ଆକାଶ ଛିଣ୍ଡି ପଡ଼ିଲା। ଚାରିପଟ ଅନ୍ଧକାର ଦେଖାଯିବାରୁ ଶେଷରେ ସେ ଆତ୍ମହତ୍ୟା ପରି ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିବା ଜଣାପଡ଼ିଛି। ଏପରି ଏକ ଦୁଃଖ ଘଟଣା କେନ୍ଦୁଝର ଭୂଇଁୟା ଜୁଆଙ୍ଗ ପୀଢ଼ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଘଟିଛି। ମୃତକ ଜଣଙ୍କ ଗୋବିନ୍ଦପୁର ଗାଁର ଚାଷୀ ଦେବାଦି ବାରିକ ବୋଲି ଜଣାପଡ଼ିଛି। ଗତକାଲି ହାତୀପଲ ଗୋବିନ୍ଦପୁରରେ ଫସଲ ନଷ୍ଟ କରୁଥିବା ସମୟରେ ଗ୍ରାମବାସୀ ତାକୁ ଘଉଡ଼ାଉଥିଲେ। କିନ୍ତୁ ଏହି ସମୟରେ ଦନ୍ତା ହାବୁଡ଼ରେ ପଡିଯାଇଥିଲେ ଦେବାଦି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସ୍ୱାମୀଙ୍କ ଏପରି ଅଚାନକ ମୃତ୍ୟୁକୁ ତାଙ୍କ ପତ୍ନୀ ରୁକ୍ମିଣୀ ସହଜରେ ଗ୍ରହଣ କରିପାରିନଥିଲେ। ସ୍ୱାମୀଙ୍କ ବିନା କିପରି ପରିବାର ଚଳାଇବେ, ସେହି ଚିନ୍ତା ତାଙ୍କୁ ଘାରିଲା ଓ ଶେଷରେ ସେ ଆଜି ସକାଳୁ ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଏପରି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ନଦୀକୁ ଡେଇଁଲେ ଯୁବତୀ, ଉଦ୍ଧାରକଲେ ୪ ଯୁବକ



**ମାର୍ଶାଘାଇ,୩।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ୍ କଳପଡା ସେତୁ ଉପରୁ ଲୁଣା ନଦୀକୁ ଆଜି ଜଣେ ଯୁବତୀ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଦୀର୍ଘ ୪ କିମି ଦୂର ପର୍ଯ୍ୟନ୍ତ ସେ ଭାସିଯାଇଥିବା ବେଳେ ତାଙ୍କୁ ୪ ଜଣ ଯୁବକ ଉଦ୍ଧାର କରିଛନ୍ତି। ଉକ୍ତ ଯୁବକମାନଙ୍କ ସାହସକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଥିବା ବେଳେ ସମ୍ପୃକ୍ତ ଯୁବତୀ ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ମିଳିଥିବା ସୂଚନାନୁସାରେ, ମାର୍ଶାଘାଇ ବ୍ଲକ ଆଖୁଆ ଦକ୍ଷଣୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଉଳାଙ୍ଗ ଗ୍ରାମର ସୁବାସ ମଲିକଙ୍କ ଝିଅ ଗାୟତ୍ରୀ କୌଣସି କାରଣରୁ ସଦର ଥାନା ଅନ୍ତର୍ଗତ କଳପଡା ସେତୁ ଉପରୁ ଡେଇଁପଡ଼ିଥିଲେ। ତେବେ ଏହି ସମୟରେ ସେହି ବାଟଦେଇ ଯାଉଥିବା କେତେକ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରିବା ପାଇଁ ଜଣେ ଭିନ୍ନକ୍ଷମ ଯୁବକଙ୍କୁ ନିବେଦନ କରିଥିଲେ। ଉକ୍ତ ଭିନ୍ନକ୍ଷମ ଯୁବକ ଜଣଙ୍କ ନଦୀକୁ ଡେଇଁଥିଲେ ମଧ୍ୟ ଉଦ୍ଧାର କରିବାର ସକ୍ଷମ ହୋଇନଥିଲେ। କିନ୍ତୁ ପରେ ୩ ଜଣ ଯୁବକ ଦୀର୍ଘ ୪ କିମି ଦୂର ପର୍ଯ୍ୟନ୍ତ ପହଁରି ପହଁରି ଯାଇ ଶେଷରେ ତାଙ୍କୁ ଉଦ୍ଧାର କରିବାର ସକ୍ଷମ ହୋଇଥିଲେ। ସେମାନେ ଯୁବତୀଙ୍କ ଜୀବନ ବଞ୍ଚାଇବା ପାଇଁ ନଦୀ ଗର୍ଭକୁ ଡେଇଁବା ପରେ ପ୍ରଖର ସ୍ରୋତରେ ତାଙ୍କୁ ଧରିପାରିନଥିଲେ। କିନ୍ତୁ ସେମାନେ ଶେଷ ପର୍ଯ୍ୟନ୍ତ ଆଶା ହରାଇନଥିଲେ ଓ ଶେଷରେ ସେମାନଙ୍କ ଉଦ୍ୟମରେ ଯୁବତୀ ଜଣଙ୍କ ନୂଆ ଜୀବନ ପାଇଥିଲେ। ଯୁବତୀ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନୀୟ ଲୋକେ ଭର୍ତ୍ତି କରିଛନ୍ତି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଯୁବତୀ ଜଣଙ୍କ କେଉଁଥିପାଇଁ ଏପରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି, ସେନେଇ କିଛି ବି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ଗୁଣି ସନ୍ଦେହରେ ଯୁବକଙ୍କୁ ହତ୍ୟା

**ମୋହନା,୩।୮(ସଂଚାର ବ୍ୟୁରୋ) :** ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଉକ୍ତ ଯୁବକଙ୍କୁ ହତ୍ୟା କରି ହରଭଙ୍ଗୀ ଡ୍ୟାମରେ ଗ୍ରାମବାସୀ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ଗଜପତି ଜିଲ୍ଲା ମୋହନା ଥାନା ରାଚ୍ଚାଗୁଡା ଗାଁର ଗୋପାଳ ମଳିକ ବୋଲି ଜଣାପଡ଼ିଛି। ହତ୍ୟା ନେଇ ଅଭିଯୋଗ ହେବା ପରେ ମୋହନାର ଅଡବା ଥାନା ପୁଲିସ ରାଚ୍ଚାଗୁଡା ଓ ଗୁଞ୍ଜିମା ଗାଁର ୧୪ ଜଣକୁ ଅଟକ ରଖି ପଚରାଉଚରା କରୁଛି। ପାଖାପାଖି ୧୫ ଦିନ ତଳେ ରାଚାଗୁଡା ଗାଁର ସୁବାଷ ମଳିକଙ୍କ ସ୍ତ୍ରୀ ଝୁନୁ କୌଣସି କାରଣରୁ ମୃତ୍ୟୁବରଣ କରିଥିଲେ। ତେବେ ଗୋପାଳ ଗୁଣିକରି ଝୁନୁଙ୍କୁ ମାରିଦେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଗୋପାଳ ତାଙ୍କ ଶ୍ୱଶୁର ଘର ଗଞ୍ଜାମ ଜିଲ୍ଲା ଗୌଡ଼ଗୋଠ ଗଣ୍ଡିଗାଁରେ ରହୁଥିବା ବେଳେ ତାଙ୍କୁ ବିଳମ୍ବିତ ରାତିରେ ସେଠାରୁ କେତେକ ଲୋକ ଉଠାଇ ଆଣି ହତ୍ୟା କରିବା ସହ ତାଙ୍କ ମୃତଦେହକୁ ଡ୍ୟାମରେ ଫିଙ୍ଗି ଦେଇଥିଲେ।

# ୩ ଆନ୍ତଃଜିଲ୍ଲା ଡକାୟତ ସମେତ ୪ ଗିରଫ



ଅଳଙ୍କାର, ନଗଦ ଟଙ୍କା, ସ୍କର୍ପିଓ, ୩ ବାଇକ୍ ଓ ବନ୍ଧୁକ ଜବତ

**ସାଲେପୁର,୩।୮(ସଂଚାର ବ୍ୟୁରୋ):** କଟକ ଗ୍ରାମାଞ୍ଚଳ ପୁଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଏକାଧିକ ଡକାୟତି ଓ ଲୁଟ୍‌ତରାଜ ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଆନ୍ତଃଜିଲ୍ଲା ଡକାୟତ ଓ ଚୋରି ସାମଗ୍ରୀ ଖରିଦ୍ କରିଥିବା ଜଣେ ବ୍ୟକ୍ତିଙ୍କୁ ପୁଲିସ୍ ଗିରଫ କରିବା ସହ ସେମାନଙ୍କଠାରୁ ବ୍ୟାପକ ପରିମାଣର ସୁନାରୁପା ଅଳଙ୍କାର ଓ ଟଙ୍କା ଜବତ କରିଛି। ଏହାଛଡ଼ା ଏହି ଲୁଟ୍‌ତରାଜ ଘଟଣାରେ ବ୍ୟବହୃତ ହୋଇଥିବା ଏକ ସ୍କର୍ପିଓ ଓ ୩ଟି ମୋଟର ସାଇକେଲକୁ ମଧ ଜବତ କରାଯାଇଥିବା ନେଇ ସାଲେପୁର ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ ସମୟରେ ଏହି ଡକାୟତି ଦଳ କଟକ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭୁବନେଶ୍ୱର, କେନ୍ଦୁଝର ଆଦି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଭୁଜାଲି ଓ ବନ୍ଧୁକ ଦେଖାଇ ଲୁଟ୍‌ପାଟ୍ ଚଳାଇଥିଲେ। ସମ୍ପୃକ୍ତ ଲୁଟେରା ଦଳ ଗତ ମେ' ୧ ତାରିଖରେ ନେମାଳ ଥାନା ଅନ୍ତର୍ଗତ ବାଲିଗରଡ଼ା ବଜାରରେ ସୁନା ଦୋକାନ କରିଥିବା ରଞ୍ଜନ କୁମାର ସାହୁ ସୁନା ରୁପା ଅଳଙ୍କାର ସହ ରାତି ପ୍ରାୟ ସାଢ଼େ ୮ଟା ସମୟରେ ଘରକୁ ଫେରୁଥିବା ବେଳେ ହାଣ୍ଡିଡିଆ ପୋଲ ନିକଟରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରି ତାଙ୍କଠାରୁ ସବୁକିଛି ଲୁଟି ନେଇଥିଲେ। ଏନେଇ ରଞ୍ଜନ ପରଦିନ ନେମାଳ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ସ୍ୱତନ୍ତ୍ର ପୁଲିସ ଟିମ୍ ଏହି ଲୁଟେରା ଗ୍ୟାଙ୍ଗ୍‌ର ସନ୍ଧାନ ପାଇଥିଲେ। ସେହିପରି ଏହି ଲୁଟେରା ଦଳ ସାଲେପୁର ଥାନାଞ୍ଚଳରେ ଗତବର୍ଷ ଫ୍ଲିପ୍‌କାର୍ଟ ଅଫିସରୁ ବନ୍ଧୁକ ଦେଖାଇ ଲୁଟ୍ କରିବା ସହ ନେମାଳ, ନିଶ୍ଚିନ୍ତକୋଇଲି ଥାନାଞ୍ଚଳରେ ଏହି ଗ୍ୟାଙ୍ଗ୍ ଲୁଟ୍‌ତରାଜ ଚଳାଇଥିଲେ। ଏହି ଲୁଟେରା ଦଳକୁ ଧରିବା ପାଇଁ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେ ଶ କ୍ରମେ ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ସାଲେପୁର ଆଇଆଇସି ଅନୀତା ସାହୁ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କୁମାର ଦାସ, ନେମାଳ ଆଇଆଇସି ସୁଶୀଲ କୁମାର ନାୟକ, ମାହାଙ୍ଗା ଆଇଆଇସିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏହି ଘଟଣାରେ ଗ୍ରାମାଞ୍ଚଳ ପୁଲିସ ଗଞ୍ଜାମ ଜିଲ୍ଲାର ବୁଗୁଡ଼ାର ତୋଫାନ ବିଶୋଇ, କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ସନ୍ତୋଷ ମଲ୍ଲିକ, ଜଗତ୍‌ସିଂହପୁର କୁଜଙ୍ଗର ପ୍ରଭାତ ମଲ୍ଲିକଙ୍କୁ ଗିରଫ କରିବା ସହ ସେମାନଙ୍କୁ ପଚରାଉଚୁରା କରିବା ସମୟରେ ସେମାନେ ବିଭିନ୍ନ ଥାନାଞ୍ଚଳରେ ଏହି ଲୁଟ୍‌ତରାଜ ଘଟଣା ଘଟାଇଥିବା ସ୍ୱୀକାର କରିଥିଲେ। ଅପର ପକ୍ଷରେ ଏହି ଘଟଣାରେ ଚୋରା ସାମଗ୍ରୀ କିଣିବା ଅଭିଯୋଗରେ ଭଦ୍ରେଶ୍ୱର ଥାନା ମାଟିପାରିଲୋ ଗ୍ରାମର ଦିବ୍ୟଜ୍ୟୋତି ନାୟକଙ୍କୁ ମଧ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ଏକ ବନ୍ଧୁକ, ୨ଟି ଜୀବନ୍ତ ଗୁଳି, ୩୩ ଗ୍ରାମ ଓଜନର ସୁନା ଅଳଙ୍କାର, ୧ କେଜି ୧୫୦ ଗ୍ରାମର ଓଜନର ରୂପା ଅଅଳଙ୍କାର, ନଗଦ ୧୦ ହଜାର ଟଙ୍କା, ଏକ ଧଳା ରଙ୍ଗର ସ୍କର୍ପିଓ, ୩ଟି ବଜାଜ୍ ବାଇକ୍, ଏକ ଚାପଡ଼, ୩ଟି ମୋବାଇଲ୍ ଫୋନ୍ ଜବତ କରିଥିବା ଏସ୍‌ପି ଶ୍ରୀ ସିଂହ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ରୁଷ୍‌ରୁ ତେଲକିଣା ବନ୍ଦ ହୋଇନି



ୱାସିଂଟନ, ୩।୮: ରୁଷ୍‌ଠାରୁ ଅଶୋଧିତ ତେଲକିଣାକୁ ନେଇ ଭାରତ ଏବଂ ଆମେରିକା ଏକପ୍ରକାର ମୁହାଁମୁହିଁ ସ୍ଥିତିକୁ ଆସିଯାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ମୁଁ ଶୁଣିବାକୁ ପାଉଛି ଯେ ରୁଷ୍‌ଠାରୁ ଭାରତ ତେଲ କିଣା ବନ୍ଦ କରିଦେଇଛି। ଏହା ଠିକ୍ କି ନୁହେଁ ତାହା ମୁଁ ଜାଣିନାହିଁ। ଯଦି ବନ୍ଦ ହୋଇଥାଏ ତା'ହେଲେ ଏହା ଏକ ଭଲ ପଦକ୍ଷେପ ବୋଲି ଟ୍ରମ୍ପ କହିଥିଲେ। ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ୨୫ ପ୍ରତିଶତ ପାଲଟା ଶୁଳ୍କ ଏବଂ ଜରିମାନା ଘୋଷଣା କରିବା ପରେ ତେଲ କିଣାକୁ ନେଇ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହା ପୂର୍ବରୁ ଟ୍ରମ୍ପ ଏବଂ ଆମେରିକାର ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ରୁଷ୍ ଉପରେ ୟୁକ୍ରେନ ଯୁଦ୍ଧ ପାଇଁ କଟକଣା ସତ୍ତ୍ୱେ ଭାରତ ତେଲ କିଣୁଥିବାରୁ ଅସନ୍ତୋଷ ବ୍ୟକ୍ତ କରି ସମାଲୋଚନା କରିଥିଲେ। କିନ୍ତୁ ଭାରତର ଅଧିକାରୀମାନଙ୍କ ସୂତ୍ରରୁ ଜଣାଯାଇଛି ଯେ ଭାରତୀୟ କମ୍ପାନିଗୁଡ଼ିକ ରୁଷ୍‌ରୁ ତେଲ କିଣିବା ବନ୍ଦ କରିଥିବା ନେଇ ସେମାନେ ଅବଗତ ନାହାନ୍ତି। ଭାରତର ତେଲ କ୍ରୟ ଏହାର ଜାତୀୟ ସ୍ୱାର୍ଥ ଏବଂ ବଜାର ସ୍ଥିତି ଦ୍ୱାରା ପରିଚାଳିତ। ଭାରତୀୟ ତେଲ କମ୍ପାନିଗୁଡ଼ିକ ରୁଷ୍‌ରୁ ତେଲ କିଣିବା ବନ୍ଦ କରିବା ନେଇ କୌଣସି ରିପୋର୍ଟ ଆମ ନିକଟରେ ନାହିଁ ବୋଲି ବିଦେଶ ମନ୍ତ୍ରାଳୟର ଏକ ସୂତ୍ରରୁ ଜଣାଯାଇଛି। ଯଦିଓ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଏ ସଂପର୍କରେ ଔପଚାରିକଭାବେ କୌଣସି ବିବୃତି ଦିଆଯାଇ ନାହିଁ ତଥାପି ଶୁକ୍ରବାର ବିଦେଶ ବ୍ୟାପାର ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ଏହି ସମାନ ଧରଣର ବିବୃତି ଦେଇଥିଲେ। ଜୟସ୍ୱାଲ କହିଥିଲେ ଆମର ଇନ୍ଧନ କ୍ରୟ ସଂକ୍ରାନ୍ତ ସାମୂହିକ ଆଭିମୁଖ୍ୟ ସଂପର୍କରେ ଆପଣମାନେ ଅବଗତ ଥିବେ। ବିଶ୍ୱର ସାଂପ୍ରତିକ ସ୍ଥିତିରେ ବଜାରର ଉପଲବ୍ଧତାକୁ ଆମେ ଦେଖିଥାଉ। କିନ୍ତୁ ନିର୍ଦ୍ଦିଷ୍ଟଭାବେ ଆମେ କିଛି ଅବଗତ ନାହୁଁ ବୋଲି ଗତ ଶୁକ୍ରବାର ସାପ୍ତାହିକ ସୂଚନା ପ୍ରଦାନ ସମୟରେ ଜୟସ୍ୱାଲ କହିଥିଲେ।

ରୁଷ୍ ପ୍ରଦାନ କରୁଥିବା ରିହାତି ଅପେକ୍ଷାକୃତଭାବେ କମିଯିବା ଏବଂ ଆମେରିକାର ଚେତାବନୀ କାରଣରୁ ଭାରତର ସରକାରୀ ତେଲ କମ୍ପାନିଗୁଡ଼ିକ ରୁଷ୍‌ରୁ ତେଲ କିଣିବା ଗତ ସପ୍ତାହରେ ବନ୍ଦ କରିଦେଇଛନ୍ତି ବୋଲି ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା। ରଏଟର୍ସ ରିପୋର୍ଟ ମୁତାବକ ଭାରତୀୟ ତୈଳ ନିଗମ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ, ଭାରତ ପେଟ୍ରୋଲିୟମ କର୍ପୋରେସନ ଏବଂ ମାଙ୍ଗାଲୋର ରିଫାଇନାରି ପେଟ୍ରୋକେମିକାଲ ଲିମିଟେଡ ଗତ ସପ୍ତାହରେ ରୁଷରୁ ଅଶୋଧିତ ତେଲ କିଣିନାହାନ୍ତି। ତେବେ ରଏଟର୍ସ ରିପୋର୍ଟ ଉପରେ ପେଟ୍ରୋଲିୟମ ମନ୍ତ୍ରାଳୟ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ମନ୍ତବ୍ୟ ଦିଆଯାଇ ନଥିଲା।

ଭାରତର ଅଧିକାରୀମାନେ କହିଛନ୍ତି ଯେ ରୁଷ୍‌ରୁ ଅଶୋଧିତ ତେଲ ଆମଦାନି ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତେଲର ମାନ, ଉପଲବ୍ଧତା, ପରିବହନ ଏବଂ ଅନ୍ୟାନ୍ୟ ଅର୍ଥନୈତିକ କାରକ ଉପରେ ନିର୍ଭର କରେ। ନ୍ୟୁୟର୍କ ଟାଇମ୍ସ ଭାରତର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କ ନାମ ଗୋପନ ରଖି ସୂଚନା ଦେଇଛି ଯେ ରୁଷରୁ ତେଲ ଆମଦାନି ନେଇ ଭାରତର ନୀତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ରୁଷ୍‌ରୁ ତେଲ କିଣା ବନ୍ଦ କରିବା ନେଇ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ତେଲ କିଣା ଏକ ଦୀର୍ଘମିଆଦୀ ଚୁକ୍ତି। ରାତାରାତି ଏହାକୁ ବନ୍ଦ କରିବା ସହଜ ବି ନୁହେଁ ବୋଲି ସେ କହିଛନ୍ତି।

## ବଢ଼ିପାରେ ପେଟ୍ରୋଲ ଏବଂ ଡିଜେଲ ଦର

ନୂଆଦିଲ୍ଲୀ, ୩।୮: ରୁଷ ଏବଂ ଆମେରିକା ମଧ୍ୟରେ ବଢ଼ୁଥିବା ଉତ୍ତେଜନା ବିଶ୍ୱବ୍ୟାପୀ ତୈଳ ଯୋଗାଣକୁ ବାଧା ଦେଇପାରେ। ଏପରି ପରିସ୍ଥିତିରେ, ସମ୍ବାଦ ସରବରାହ ସଂସ୍ଥା ଏଏନ୍‌ଆଇ ସହିତ କଥାବାର୍ତ୍ତା ସମୟରେ, ତୈଳ ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଆଗାମୀ ମାସଗୁଡ଼ିକରେ ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିପାରେ। ବର୍ଦ୍ଧିତ ଭୂରାଜନୈତିକ ବିପଦ ତୈଳ ମୂଲ୍ୟ ଉପରେ ଚାପ

### ବିଶ୍ୱ ତୈଳ ଯୋଗାଣକୁ ପ୍ରଭାବିତ କରିବ କି ରୁଷ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା!

ବୃଦ୍ଧି କରିପାରେ। ଭେଣ୍ଟୁରାର କମୋଡିଟିଜ୍ ଏବଂ ସିଆରଏମ ମୁଖ୍ୟ ଏନଏସ ରାମାସ୍ୱାମୀ କହିଛନ୍ତି, "ବ୍ରେଣ୍ଟ ତେଲର ମୂଲ୍ୟ (ଅକ୍ଟୋବର ୨୦୨୫) ୭୨.୭ ଡଲାରରୁ ଆରମ୍ଭ ହୋଇ ୭୬ ଡଲାରରେ ପହଞ୍ଚିପାରେ। ୨୦୨୫ ଶେଷ ସୁଦ୍ଧା ମୂଲ୍ୟ ୮୦-୮୨ ଡଲାରରେ ପହଞ୍ଚିବା ଆଶା କରାଯାଉଛି। ୟୁକ୍ରେନରେ ଯୁଦ୍ଧ ଶେଷ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷକୁ ୧୦-୧୨ ଦିନର ସମୟସୀମା ଦେଇଛନ୍ତି। ଯଦି ଏହା ନହୁଏ, ତେବେ ରୁଷ ସହିତ ବାଣିଜ୍ୟ କରୁଥିବା ଦେଶଗୁଡ଼ିକ ଉପରେ ଅତିରିକ୍ତ କଟକଣା ଏବଂ ୧୦୦ ପ୍ରତିଶତ ଦ୍ୱିତୀୟ ଶୁଳ୍କ ଲାଗୁ ହେବାର ଆଶଙ୍କା ରହିଛି। ଏହା ତେଲ ମୂଲ୍ୟକୁ ଆହୁରି ବୃଦ୍ଧି କରିବ।" ଟ୍ରମ୍ପଙ୍କ ଏହି ଆଭିମୁଖ୍ୟ ଯୋଗୁଁ ରୁଷରୁ ଅଶୋଧିତ ତୈଳ ଆମଦାନୀ କରୁଥିବା ଦେଶଗୁଡ଼ିକ ପାଇଁ କମ୍ ହାରରେ ଅଶୋଧିତ ତୈଳ କିଣିବା କିମ୍ବା ଆମେରିକାର ଭାରୀ ରପ୍ତାନି ଶୁଳ୍କର ସମ୍ମୁଖୀନ ହେବା କଷ୍ଟକର ହୋଇଯିବ। ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲୁଟିଆଇ) ଅଶୋଧିତ ତୈଳର ମୂଲ୍ୟ (ସେପ୍ଟେମ୍ବର ୨୦୨୫) ବର୍ତ୍ତମାନର ୬୯.୬୫ ଡଲାର ସ୍ତରରୁ ୭୩ ଡଲାରକୁ ବୃଦ୍ଧି ପାଇବ। ୨୦୨୫ ଶେଷ ସୁଦ୍ଧା ମୂଲ୍ୟ ୭୬-୭୯ ଡଲାରକୁ ବୃଦ୍ଧି ପାଇପାରେ, ଯେତେବେଳେ ନିମ୍ନଗାମୀ ସମର୍ଥନ ୬୫ ଡଲାରରେ ରହିବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ଜିନିଷଗୁଡ଼ିକ ବିଶ୍ୱ ତୈଳ ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୦୧, ୧, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨ ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୩୫୦ ଓ ୯୨ ,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୩ ,୦୦୦ ଟଙ୍କା ହୋଇଛି।

## ବିୟୁଟିସିଆନ୍‌ମାନଙ୍କୁ ସହଯୋଗ କରୁଛି ଇସା ଅର୍ଗାନିକ୍ ହର୍ବାଲ୍ ପ୍ରଡକ୍ଟ



ଭୁବନେଶ୍ୱର,୩।୮(ସଂଚାର ବ୍ୟୁରୋ): ବିଏମ୍‌ସି ହସ୍ପିଟାଲ୍ ନିକଟସ୍ଥ ଇସା ହର୍ବାଲ୍ ପ୍ରଡକ୍ଟ ସୋ-ରୁମ୍ ଓ ବିୟୁଟିସିଆନ୍ ଟ୍ରେନିଂ କେନ୍ଦ୍ରଠାରେ ପାର୍ଲରମାନଙ୍କରେ ଆବଶ୍ୟକ ପଡୁଥିବା ଆଧୁନିକ ଧରଣର ପ୍ରଡକ୍ଟଗୁଡ଼ିକର ବ୍ୟବହାର ଓ ସୁଲଭ ମୂଲ୍ୟରେ ବଜାର ପ୍ରବେଶକୁ ନେଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଶନିବାର ଇସା ହର୍ବାଲ୍ ପ୍ରଡକ୍ଟ ସଂସ୍ଥା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ହୋଇଛି। ଇସା ହର୍ବାଲ୍ ଓ ଅର୍ଗାନିକ୍ ପ୍ରଡକ୍ଟର ଚିଫ୍ ମ୍ୟାନେଜିଙ୍ଗ୍ ଡାଇରେକ୍ଟର ପ୍ରବୀଣା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ନୂତନ ଭାବେ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ପ୍ରକାରର ବିୟୁଟି ପାର୍ଲର ଉପଯୋଗୀ ହର୍ବାଲ୍ ପ୍ରଡକ୍ଟର ବ୍ୟବହାର ଏବଂ ତା'ର ସୁଲଭ ମୂଲ୍ୟ ବଜାରର ବିଭିନ୍ନ ଜାଗାରେ ଉପଲବ୍ଧ ଓ ତା ପାଇଁ ଆବଶ୍ୟକ ପଡୁଥିବା ଆଧୁନିକ ଯନ୍ତ୍ରପାତି ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ଭାବେ ଓଡ଼ିଶାରେ ନିର୍ମିତ ହେଉଥିବା ଏହିସବୁ ହର୍ବାଲ୍ ପ୍ରଡକ୍ଟଗୁଡ଼ିକର ବହୁଳ ବ୍ୟବହାର ଏବଂ ଏପରିକି ଓଡ଼ିଶା ବାହାରେ ମଧ୍ୟ ବିଶେଷକରି ଛତିଶଗଡ଼, ଆସାମ ଓ ପଶ୍ଚିମବଙ୍ଗରେ ଲୋକମାନଙ୍କ ଦ୍ୱାରା ବିଶେଷ ଆଦୃତ ହୋଇପାରିଛି। ଆମ କମ୍ପାନୀଦ୍ୱାରା ପ୍ରସ୍ତୁତ ହେଉଥିବା ଏହିସବୁ ହର୍ବାଲ୍ ପ୍ରଡକ୍ଟ ଗୁଡ଼ିକ ପାର୍ଶ୍ୱପ୍ରତିକ୍ରିୟା ବିହୀନ ହୋଇଥିବା ବେଳେ ଚର୍ମ ଓ କେଶ ଜନିତ ସମସ୍ୟା ଦୂର କରିବାରେ ବିଶେଷ ଖ୍ୟାତି ଅର୍ଜନ କରିଅଛି। ଏହାଛଡ଼ା ଶ୍ରୀମତୀ ତ୍ରିପାଠୀ ନିଜେ ଏବଂ ତାଙ୍କର ପୂରା ଟିମ୍ ସବୁ ବିୟୁଟିସିଆନ୍‌ମାନଙ୍କୁ ଉପଯୁକ୍ତ ଟ୍ରେନିଂ ଦେଇ ପ୍ରଡକ୍ଟଗୁଡ଼ିକର ବ୍ୟବହାର ଏବଂ ବିଭିନ୍ନ ଆଇଟମ୍ ପାଇଁ ଭିନ୍ନଭିନ୍ନ ପ୍ରକାରର ପ୍ରଡକ୍ଟର ଉପଯୋଗ ତଥା ମେସିନ୍ ପରିଚାଳନା ବିଷୟରେ ଟ୍ରେନିଂ ଦେଇ ସେମାନଙ୍କର ଦକ୍ଷତା ବୃଦ୍ଧି କରୁଛନ୍ତି। ଏହିସବୁ ପ୍ରଡକ୍ଟ ବହୁଳ ଭାବେ ପରୀକ୍ଷା କରିବା ସହ ଏହାର ଗ୍ରହଣୀୟତା ବଢୁଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବେଶ୍ ପ୍ରଶଂସା ଅର୍ଜନ କରିଛି। ଆମେ ସମସ୍ତେ ଗୋଟିଏ ଟିମ୍ ହୋଇ କାମ କରୁଛୁ ଏବଂ ଓଡ଼ିଶାର ମା'ମାନଙ୍କୁ ଓ ବିୟୁଟିପାର୍ଲରମାନଙ୍କୁ ରୋଜଗାର କରିବାରେ ସହଯୋଗ କରୁଛୁ ଓ ମହିଳାମାନେ ଯେପରି ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟକୁ ରୋଜଗାର ଦେଇପାରିବେ, ସେ ଦିଗରେ ମଧ୍ୟ ପଦକ୍ଷେପ ନେଉଛୁ ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କମ୍ପାନୀ ମ୍ୟାନେଜର ପ୍ରଦୀପ୍ତ କର ଓ ସହଯୋଗୀ ସୌମ୍ୟରଞ୍ଜନ ସାମନ୍ତରାୟ, ସାବିତ୍ରୀ ସ୍ୱାଇଁ, ରାଜକିଶୋର ସାହୁ, ଲିପିକାରାଣୀ ରଥ ଉପସ୍ଥିତ ରହି ଚର୍ମ ଓ କେଶଜନିତ ସମସ୍ୟା ଦୂର କରିବା ନେଇ ସୂଚନା ଦେଇଥିଲେ।

## ଟ୍ରମ୍ପ ଟାରିଫ୍‌ର ମୁକାବିଲା ପାଇଁ ପ୍ରସ୍ତୁତି

ନୂଆଦିଲ୍ଲୀ, ୩।୮: ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ୨୫% ଶୁଳ୍କ ଲଗାଇଛନ୍ତି। ଏହି ଶୁଳ୍କ ଅଗଷ୍ଟ ୭ରୁ ଲାଗୁ ହେବାକୁ ଯାଉଥିବାବେଳେ ଏହାଦ୍ୱାରା ଭାରତର ବିଭିନ୍ନ କ୍ଷେତ୍ରକୁ କ୍ଷତି ପହଞ୍ଚିବା ନେଇ ଅନୁମାନ କରାଯାଉଛି। ଏମିତିରେ ଏହାର ମୁକାବିଲା ପାଇଁ ଭାରତୀୟ ରପ୍ତାନିକାରୀମାନେ ସରକାରଙ୍କୁ କିଛି ଦାବି ଜଣାଇଛନ୍ତି। ସେମାନେ କହିଛନ୍ତି ଟ୍ରମ୍ପ ସାମୁଦ୍ରିକ ଖାଦ୍ୟ ଏବଂ ବୟନଶିଳ୍ପ ସମେତ ବିଭିନ୍ନ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଛନ୍ତି। ତେଣୁ ଏହାର ମୁକାବିଲା ପାଇଁ ସରକାରଙ୍କଠାରୁ ଆର୍ଥିକ ସହାୟତା ଏବଂ ସୁଲଭ ଋଣ ପାଇଁ ଦାବି କରିଛନ୍ତି। ମୁମ୍ବାଇରେ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ଏକ ବୈଠକରେ କିଛି ରପ୍ତାନିକାରୀ ପିଏଲଆଇ ଭଳି ଯୋଜନା ପାଇଁ ଦାବି କରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଟ୍ରମ୍ପଙ୍କ ଦ୍ୱାରା ଲଗାଯାଇଥିବା ଉଚ୍ଚ ଶୁଳ୍କ ଯୋଗୁ ଆମେରିକୀୟ ବଜାରରେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ ରପ୍ତାନିକାରୀମାନେ ସେମାନଙ୍କର ମତ ରଖିଛନ୍ତି। ବାଣିଜ୍ୟ ମନ୍ତ୍ରୀ ପରାମର୍ଶ ଲିଖିତ ଭାବରେ ଦାବି ଜଣାଇବାକୁ କହିଛନ୍ତି। ସେମାନେ ଶସ୍ତା ହାରରେ ଋଣ ଏବଂ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦାବି କରିଥିଲେ। ରପ୍ତାନିକାରୀଙ୍କ ମତରେ, ଭାରତରେ ସୁଧ ହାର ୮ରୁ ୧୨ ପ୍ରତିଶତ କିମ୍ବା ତା'ଠାରୁ ଅଧିକ। ହେଲେ ପ୍ରତିଯୋଗୀ ଦେଶଗୁଡ଼ିକରେ, ସୁଧ ହାର ବହୁତ କମ୍। ଉଦାହରଣ ସ୍ୱରୂପ, ଚୀନରେ କେନ୍ଦ୍ରୀୟ ବ୍ୟାଙ୍କ ହାର ୩.୧ ପ୍ରତିଶତ, ମାଲେସିଆରେ ତିନି ପ୍ରତିଶତ, ଥାଇଲ୍ୟାଣ୍ଡରେ ଦୁଇ ପ୍ରତିଶତ ଏବଂ ଭିଏତନାମରେ ୪.୫ ପ୍ରତିଶତ। ସେମାନେ କହିଛନ୍ତି ପୋଷାକ ଏବଂ ଚିଙ୍ଗୁଡ଼ି ଭଳି କ୍ଷେତ୍ରଗୁଡ଼ିକ ଭଲ ପ୍ରଦର୍ଶନ କରୁନାହିଁ। ଆମେରିକୀୟ କ୍ରେତାମାନେ ଅର୍ଡର ବାତିଲ କରିବା କିମ୍ବା ଅଟକାଇବା ଆରମ୍ଭ କଲେଣି। ଆସନ୍ତା ମାସଗୁଡ଼ିକରେ, ଏହା ଯୋଗୁ ଆମେରିକାକୁ ରପ୍ତାନି ପ୍ରଭାବିତ ହୋଇପାରେ। କେବଳ ରପ୍ତାନି ହ୍ରାସ ହେବ ତାହା ନୁହେଁ ଏ କ୍ଷେତ୍ରରେ ଅନେକ ଚାକିରି ମଧ୍ୟ ହରାଇପାରନ୍ତି। ଆଉ ସରକାରଙ୍କ ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବା କଷ୍ଟକର ହେବ। ଏହି ଉଚ୍ଚ ଟିକସର ପ୍ରଭାବ ଯେଉଁ କ୍ଷେତ୍ରଗୁଡ଼ିକରେ ପଡ଼ିବ ସେଗୁଡ଼ିକ ମଧ୍ୟରେ ରହିଛି ୧୦.୩ ବିଲିୟନ ଡଲାରର ବୟନ/ବସ୍ତ୍ର ଉଦ୍ୟୋଗ, ୧୨ ବିଲିୟନ ଡଲାରର ରତ୍ନ ଏବଂ ଅଳଙ୍କାର, ୨.୨୪ ବିଲିୟନ ଡଲାରର ଚିଙ୍ଗୁଡ଼ି, ୧.୧୮ ବିଲିୟନ ଡଲାରର ଚମଡ଼ା ଏବଂ ପାଦୁକା, ୨.୩୪ ବିଲିୟନ ଡଲାରର ରାସାୟନିକ ପଦାର୍ଥ ଏବଂ ପ୍ରାୟ ୯ ବିଲିୟନ ଡଲାରର ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ଯନ୍ତ୍ରପାତି ଉଦ୍ୟୋଗ ରହିଚି। ଭାରତର ଚମଡ଼ା ଏବଂ ପୋଷାକ ରପ୍ତାନିର ୩୦ ପ୍ରତିଶତରୁ ଅଧିକ ଆମେରିକାର।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଡବ୍ଲ୍ୟୁଟିସି ଭୁବନେଶ୍ୱର ପକ୍ଷରୁ ୮ମ ବିଶ୍ୱ ବାଣିଜ୍ୟ ଦିବସ



ଭୁବନେଶ୍ୱର, ୩।୮(ସଂଚାର ବ୍ୟୁରୋ) ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଭୁବନେଶ୍ୱର ପକ୍ଷରୁ ହୋଟେଲ ସ୍ୱସ୍ତି ପ୍ରିମିୟମରେ ୮ମ ବିଶ୍ୱ ବାଣିଜ୍ୟ ଦିବସ ପାଳନ ସହିତ ବାର୍ଷିକ ସଦସ୍ୟ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଓଡ଼ିଶା ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଭାବେ ଉଭା ହେଉଥିବା ମତ ଦେଇଥିଲେ। ଓଡ଼ିଶାରେ ପରିଚିତ କିନ୍ତୁ ବିଶ୍ୱ ବଜାରରେ ଠିକ୍ ଭାବେ ପହଞ୍ଚି ନ ଥିବା ରାଜ୍ୟର ହସ୍ତତନ୍ତ, ହସ୍ତଶିଳ୍ପ, ଜିଆଇ-ଟ୍ୟାଗ୍ ପଦାର୍ଥ ଏବଂ ସାମୁଦ୍ରିକ ଉତ୍ପାଦଗୁଡ଼ିକୁ ପହଞ୍ଚାଇବା ପାଇଁ ସେ ଆହ୍ୱାନ ଦେଇଥିଲେ। 'ପୂର୍ବ ଭାରତର ଅର୍ଥନୈତିକ ଇଞ୍ଜିନ୍: ଓଡ଼ିଶାର ବିଶ୍ୱ ବାଣିଜ୍ୟ ଦୃଷ୍ଟି' ବିଷୟବସ୍ତୁ ଉପରେ ଆଧାରିତ ୨୦୨୫ କାର୍ଯ୍ୟକ୍ରମରେ ଦୁବାଇ ଚାମ୍ବର୍ସ ଅଫ୍ କମର୍ସକୁ କଣ୍ଟ୍ରି କନେକ୍ଟ ପାର୍ଟନର୍ ଭାବେ ଗ୍ରହଣ କରାଯାଇଥିଲା। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଅଧ୍ୟକ୍ଷ ତଥା ଡବ୍ଲ୍ୟୁଟିସି ମୁମ୍ବାଇର ଉପାଧ୍ୟକ୍ଷ କ୍ୟାପଟେନ୍ ସୋମେଶ ବାତ୍ରା ସ୍ୱାଗତ ଭାଷଣ ଦେଇଥିଲେ। ଡବ୍ଲ୍ୟୁଟିସି ଭୁବନେଶ୍ୱରର ଆନ୍ତର୍ଜାତିକ ବାଣିଜ୍ୟ ପ୍ରଚାର ଥିଙ୍କ୍ ଟ୍ୟାଙ୍କ୍‌ର ଆବାହକ ରାଜେନ ପାଢ଼ୀ ଆନ୍ତର୍ଜାତିକ ବାଣିଜ୍ୟକୁ ସୁଗମ କରିବା କ୍ଷେତ୍ରରେ ଡବ୍ଲ୍ୟୁଟିସିର ପ୍ରୟାସ ବିଷୟରେ କହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଟିସି ମୁମ୍ବାଇର ଅଧ୍ୟକ୍ଷ ତଥା ଡବ୍ଲ୍ୟୁଟିସି ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ବିଜୟ କଳନ୍ତ୍ରି, ଦୁବାଇ ଚାମ୍ବର୍ସର ମୁଖ୍ୟ ପ୍ରତିନିଧି (ଏସିଆ ଅଞ୍ଚଳ) - ଭାରତ ଅଭିଜିତସିଂହ ଜାଡ଼େଜା, ଅକଲାଣ୍ଡରେ ଅବସ୍ଥାପିତ ଭାରତର କନସଲ ଜେନେରାଲ୍ ଡ. ମଦନ ମୋହନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

### ଏସ୍‌ଏମ୍‌ଏସ୍ ପଠାଇବାରେ ଓଡ଼ିଶା ଚତୁର୍ଥ

## ମାସକୁ ୫୬ କୋଟି, ଜଣପିଛା ୧୬

ଭୁବନେଶ୍ୱର, ୩।୮ (ସଂଚର ବ୍ୟୁରୋ): ହ୍ୱାଟ୍‌ସଆପ୍ ଓ ଅନ୍ୟାନ୍ୟ ବାର୍ତ୍ତା ପ୍ରେରଣର ବଳିଷ୍ଠ ମାଧ୍ୟମ ସତ୍ତ୍ୱେ ଏସ୍‌ଏମ୍‌ଏସ୍ ଅଲୋଡ଼ା ହୋଇନାହିଁ। ବିଶେଷକରି ଓଡ଼ିଶା ଭଳି ରାଜ୍ୟରେ ଏବେ ବି ଏହାର ବହୁଳ ବ୍ୟବହାର ହେଉଛି। ଓଡ଼ିଶାର ମୋବାଇଲ ଫୋନ ବ୍ୟବହାରକାରୀମାନେ ମାସକୁ ପ୍ରାୟ ୫୬ କୋଟି ଏସ୍‌ଏମ୍‌ଏସ୍ ପଠାଉଛନ୍ତି। ଭାରତୀୟ ଦୂରସଂଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ରିପୋର୍ଟରୁ ଏହା ଜଣାଯାଇଛି। ୨୦୨୫ ମାର୍ଚ୍ଚ ଶେଷରେ ପ୍ରକାଶ ପାଇଥିବା ଟ୍ରାଇର ତ୍ରୟମାସିକ ରିପୋର୍ଟ ଅନୁଯାୟୀ, ଓଡ଼ିଶାରେ ମୋବାଇଲ ବ୍ୟବହାରକାରୀଙ୍କ ମାସିକ ଏସ୍‌ଏମ୍‌ଏସ୍ ପଠାଇବା ସଂଖ୍ୟା ୧୬ ରହିଛି। ସାରା ଦେଶରେ ଟେଲିକମ୍ ସର୍କଲଗୁଡ଼ିକ ମଧ୍ୟରେ ଏସ୍‌ଏମ୍‌ଏସ୍ ପଠାଇବା କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି।

ଦେଶରେ ମୋବାଇଲ ଫୋନ ବ୍ୟବହାରକାରୀଙ୍କ କ୍ଷେତ୍ରରେ ସର୍ବାଧିକ ଏସ୍‌ଏମ୍‌ଏସ୍ ଆସାମର ଲୋକମାନେ ପଠାଉଛନ୍ତି। ସେଠାରେ ଏହି ସଂଖ୍ୟା ୨୩ ରହିଛି। ଏହା ପଛକୁ ଉତ୍ତର ପୂର୍ବ ସର୍କଲରେ ଏସ୍‌ଏମ୍‌ଏସ୍ ପଠାଇବା ସଂଖ୍ୟା ୨୨ ରହିଛି। ତୃତୀୟ ସ୍ଥାନରେ ଜମ୍ମୁ କାଶ୍ମୀର ଅଛି। ଜମ୍ମୁ କାଶ୍ମୀରରେ ମୋବାଇଲ ଫୋନ ବ୍ୟବହାରକାରୀମାନେ ମାସକୁ ୨୦ଟି ଏସ୍‌ଏମ୍‌ଏସ୍ ପଠାଉଛନ୍ତି। ଏହା ପଛକୁ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଥିବା ଟ୍ରାଇ ତଥ୍ୟରେ କୁହାଯାଇଛି। ଓଡ଼ିଶାରେ ମାର୍ଚ୍ଚ ମାସରେ ମୋବାଇଲ ଫୋନ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ସାଢ଼େ ୩ କୋଟି ରହିଥିଲା। ରାଜ୍ୟରେ ଜଣପିଛା ଏସ୍‌ଏମ୍‌ଏସ୍ ପ୍ରେରଣ ୧୬ ରହିଥିବାରୁ ମୋବାଇଲ ଗ୍ରାହକଙ୍କ ସଂଖ୍ୟାଦୃଷ୍ଟିରୁ ରାଜ୍ୟବାସୀ ମାସିକ ମୋଟ ପାଖାପାଖି ୫୬ କୋଟି ଏସ୍‌ଏମ୍‌ଏସ୍ ପଠାଉଛନ୍ତି। ଅନ୍ୟପକ୍ଷରେ ଦେଶରେ ସବୁଠୁ କମ୍ ଏସ୍‌ଏମ୍‌ଏସ୍ କେରଳର ମୋବାଇଲ ଫୋନ ବ୍ୟବହାରକାରୀ ପଠାଉଛନ୍ତି। ସେଠାରେ ମାସିକ ମୁଣ୍ଡପିଛା ଏସ୍‌ଏମ୍‌ଏସ୍ ପ୍ରେରଣ ୫ ରହିଛି। ଏହା ଉପରେ ତାମିଲନାଡୁ, ହରିୟାଣା, ପଞ୍ଜାବ ଓ ମୁମ୍ବାଇ ରହିଛନ୍ତି। ଏସବୁ ସର୍କଲରେ ମାସିକ ମୁଣ୍ଡପିଛା ଏସ୍‌ଏମ୍‌ଏସ୍ ପ୍ରେରଣ ୭ ରହିଛି। ଏମାନଙ୍କ ଉପରେ ହିମାଚଳପ୍ରଦେଶ, କୋଲକାତା, ଦିଲ୍ଲୀ ଆଦି ସର୍କଲ ରହିଛନ୍ତି। ଏସବୁ ସ୍ଥାନରେ ମାସିକ ମୁଣ୍ଡପିଛା ଏସ୍‌ଏମ୍‌ଏସ୍ ପ୍ରେରଣ ୮ରେ ରହିଛି। ଜାତୀୟସ୍ତରରେ ମାସିକ ମୁଣ୍ଡପିଛା ଏସ୍‌ଏମ୍‌ଏସ୍ ୧୦ ରହିଥିବାବେଳେ ଓଡ଼ିଶା ଭଳି ରାଜ୍ୟରେ ଏହି ସଂଖ୍ୟା ଅଧିକ ରହିଛି। ଅନ୍ୟାନ୍ୟ ସର୍କଲ ତୁଳନାରେ ଓଡ଼ିଶା ଭଳି ରାଜ୍ୟରେ ୨ଜି ଗ୍ରାହକଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଏସ୍‌ଏମ୍‌ଏସ୍ ପ୍ରେରଣ ସଂଖ୍ୟା ଅଧିକ ରହୁଛି । ୪ଜି ଏବଂ ୫ଜିରେ ଗ୍ରାହକମାନେ କମ୍ବୋ ଅଫରରେ ଏସ୍‌ଏମ୍‌ଏସ୍ ସେବା ପାଉଛନ୍ତି। କିନ୍ତୁ ୨ଜି ଗ୍ରାହକଙ୍କୁ ପୃଥକ୍ ଭାବେ ଅର୍ଥ ଦେବାକୁ ପଡୁଛି।



## କ୍ୟାପ୍‌ଜେମିନିରେ ୪୫ ହଜାର ନୂଆ ନିଯୁକ୍ତି

ନୂଆଦିଲ୍ଲୀ, ୩।୮: ଆଇଟି କମ୍ପାନି କ୍ୟାପ୍‌ଜେମିନି ଇଣ୍ଡିଆ ଚଳିତବର୍ଷ ୪୦ ହଜାରରୁ ୪୫ ହଜାର ନୂଆ ନିଯୁକ୍ତି ଦେବ। ଏମାନଙ୍କ ମଧ୍ୟରୁ ପ୍ରାୟ ୩୫ରୁ ୪୦% ନିଯୁକ୍ତି ଅଭିଜ୍ଞତାସଂପନ୍ନ ପ୍ରାର୍ଥୀଙ୍କ ପାଇଁ ରହିବ ବୋଲି କମ୍ପାନିର ସିଇଓ ଅଶ୍ୱିନୀ ୟାର୍ଦି କହିଛନ୍ତି। ଭାରତରେ କ୍ୟାପଜେମିନିର ପ୍ରାୟ ୧ ଲକ୍ଷ ୭୫ ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଦେଶରେ ଖର୍ଚ୍ଚ କାଟ ଓ ଅନ୍ୟାନ୍ୟ କାରଣରୁ ଭାରତକୁ ଅଧିକ ଆଇଟି କାମ ଆସିବ। ଏହାକୁ ଦୃଷ୍ଟିରେ ରଖି କମ୍ପାନି ଏଭଳି ନିଯୁକ୍ତି ଲକ୍ଷ୍ୟ ରଖିଛି। ନିଯୁକ୍ତି ପାଇଁ କମ୍ପାନି ୫୦ରୁ ଅଧିକ କଲେଜ ଓ କ୍ୟାମ୍ପସ ସହ ସହବନ୍ଧନ ସ୍ଥାପନ କରିଛି। ନୂଆ ନିଯୁକ୍ତି କ୍ଷେତ୍ରରେ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଦକ୍ଷତାକୁ ପ୍ରାଧାନ୍ୟ ଦିଆଯିବ।



## ହଳଦିବସନ୍ତ

ଡ. ଶୁଭେନ୍ଦୁ ମେହେର

ଥର ଥର କରି
ହଜାର ଥର
ଭାଙ୍ଗିଥିବା ବସା ହିଁ ହୋଇପାରେ
ହଳଦିବସନ୍ତର !

ଅଗମ୍ୟ ରାସ୍ତା ଦେଇ
ଯନ୍ତ୍ରଣାର ସୀମା ସେ' ପାରିରେ
ଶେଷ ବିନ୍ଦୁକୁ ଛୁଇଁଥିବା ଜୀବନର,
ନିରୀହ ନିଥର ଡେଣା ହଳକ
କେବଳ ତା' ଚିର ସହଚର।

ହଳଦିଆ ସୁନାଦେହରେ
ବାସନ୍ତୀ ସନ୍ଧ୍ୟାରେ
ଧମ୍‌ନାଧଡ଼ିଆ ଶାଢ଼ୀ ପିନ୍ଧି
ପ୍ରେମରେ ମଧୁର ସଙ୍ଗୀତ ଗାଏ,
ସେ' ହସିଲେ ଦେବଝରଣ ଝରେ
ଆଉ କାନ୍ଦିଲେ
ଧ୍ୱନିଗୁମ୍ଫାର ପଥର ଉପରେ ବସି
ବିରହୀ ଗଜଲ୍ ଶୁଣାଏ।

ତ୍ରିକୂଟ ଗିରିରୁ
ହଳଦିବସନ୍ତ ସୁର ତୋଳିଲେ
ଗର୍ଭିଣୀ ହୁଅନ୍ତି ଗଛ ସବୁ!
ହଳଦୀ ଗୁରୁଗୁରୁ ସାହାଡ଼ା ଫଳ,
ଶଗଡ଼ବାଟୁଆ ଲଟି ବୁରୋ,
କଣ୍ଟେଇ କୋଳି ରଙ୍ଗ ମାଖନ୍ତି।

ଖରା, ବର୍ଷା ଆଉ ଶୀତ
ସହି ପାରେନି ବୋଲି
ଦୁଃଖ ଶୋକ ପାଖରୁ
ଦୂରେଇ ପାରେ,
ଜହ୍ନ ଆଲୁଅରେ
ତା' କୁଆଁରୀ ମନ
ରାତି ସହ ରତି କରେ।

କେବେକେବେ
ମାଙ୍କଡ଼ ବୁଲୁଥିବା ଡାଳ ସମୂହରେ
ବସା ବାନ୍ଧିଥିବା ଦୋଷରେ
ଦୋଷୀ ହୋଇଯାଏ,
ଝରାପଡ଼ାର ଖଣ୍ଡିଆ ଦେଉଳ ପରି
ସ୍ୱପ୍ନ ସବୁ ଅଧାରେ ରହିଯାଏ ।

ସେ'ପାଇଁ ତ ବୁଢ଼ା ମାଙ୍କଡ଼ ସବୁ
ସହଜେଇ ନିଅନ୍ତି,
ପାଚିଲା ପଣସ ପାଇଁ
ଭଲ୍ଲୁକ ବିଲୁଆ ବାଟ ବଦଳାଇ
ଦିଅନ୍ତି ।

ହଳଦିବସନ୍ତ କୁହେନି କିଛି
କେବଳ ଦୁଃଖ ଯନ୍ତ୍ରଣାକୁ
ଭୋଗେ ବାରମ୍ବାର।
ଆଶା ଆଉ ଆକାଂକ୍ଷାର
ଅପର ପାର୍ଶ୍ୱରେ ତା' ବିଚାର ,
ଅପେକ୍ଷା କରେ
ଯେ' ପର୍ଯ୍ୟନ୍ତ ନ ଆସିଛି ତା'
ପ୍ରେମର ସହର ।

ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୭୪



## ସହରୀ ବାବୁ

ପୁଷ୍ପଲତା ମିଶ୍ର





ଜମିଦାର ଶ୍ରୀଯୁକ୍ତ ପରେଶ ମହାପାତ୍ର ଙ୍କ ପାଖରେ ମୂଲ ଲାଗି ଯାହା ପାରିଶ୍ରମିକ ଆଣେ ଶଙ୍କର ପ୍ରଧାନ, ପାଞ୍ଚ ପ୍ରାଣୀ କୁଟୁମ୍ବ ଚଳେଇବା ମୁସ୍କିଲ। ସେଥିରେ ଦୁଇ ଦୁଇଟି ଝିଅ ଙ୍କ ତଳେ ଭଗବାନ ତା ଡାକ ଶୁଣି ଶେଷରେ ପୁଅ ଟିଏ ତାଙ୍କ କୋଳକୁ ଆସିଛି। ଯେତେ କଷ୍ଟ ହେଉ ପଛେ ମୁଣ୍ଡ ଝାଳ ତୁଣ୍ଡରେ ମାରି ପୁଅ ଟିକୁ ପାଠ ପଢେଇ ମଣିଷ ପରି ମଣିଷଟେ ଗଢ଼ିବ ବୋଲି ଆଶା ରଖି ପରିଶ୍ରମ କରି ଚାଲିଛି ଶଙ୍କର ପ୍ରଧାନ। ପାଠ ଟିକେ ପଢ଼ିନି ବୋଲି ନିଜେ ସିନା ଜୀବନ ସାରା ମୂଲ ଲାଗି ପାରିବାର ଦୁଖେ ସୁଖେ ଚଳେଇ ନଉଛି କିନ୍ତୁ ପୁଅକୁ ଏମିତି ମୂଲିଆ ନ କରି ପାଠ ପଢେଇ ହାକିମ କରିବ ବୋଲି ତା ଆଖିକୁ ନିଦ ନାଥାଏ। ଶଙ୍କର ତ ସ୍ତ୍ରୀ କୁ ସବୁ ଟଙ୍କା ଆଣି ଦିଏ ଆଉ କହେ ଏ ଟଙ୍କା ସାଇତି ରଖ ମୋ ପୁଅ ର ପାଠ ପଢ଼ା ରେ ଲାଗିବ।ଶଙ୍କରର ସ୍ତ୍ରୀ ମାଳତୀ ମଧ ସେହି ନିଶା ରେ ସାଉ ଗଣ୍ଠି ପକାଇ ସାଇତି ରଖେ ଶଙ୍କର ଦେଇଥିବା ଟଙ୍କା। ଚିରା ଫଟା ଲୁଗା ଧୋଇ ଶୁଖେଇ ପିନ୍ଧେ ପଛେ ସେ ଟଙ୍କା ଖର୍ଚ୍ଚ କରେ ନାହିଁ। ଦୁଇ ଝିଅ ଙ୍କୁ ଅଳ୍ପ ପାଠ ପଢେଇ ସେମାନଙ୍କୁ ଯେନତେନ ପ୍ରକାରେ ବିବାହ ସାରି ଦେଲେ ଶଙ୍କର ପ୍ରଧାନ। ଘରୋଇ ଟିଉସନ ମାଷ୍ଟର ରଖି ପାଠ ପଢ଼ଉ ଥାଏ ଶଙ୍କର ଯାହା ହେଉ ପୁଅ ମାଧ୍ୟମିକ ପରୀକ୍ଷାରେ ଦଶ ଜଣ ରେ ଜଣେ ହେଇ ଉତ୍ତୀର୍ଣ୍ଣ ହୋଇଥାଏ। ଏହାକୁ ଶୁଣି ଶଙ୍କର ଖୁସିରେ ଗାଁ ସାରା ମିଠା ବାଣ୍ଟି କହିଥିଲା ମୋ ପୁଅ ହାକିମ ହବ ମୋ ପରି ମୂଲିଆ ହବନି। ଦୁଃଖରେ ରହି ବେଳିଏ ଖାଇ ବେଳିଏ ଉପାସ ରହି ମନୋଜକୁ ହଷ୍ଟେଲ ରେ ରଖି ପାଠ ପଢ଼ାଇ ଉଚ୍ଚ ଶିକ୍ଷିତ କରି ପାରିଲା। କିଛିଦିନ ପରେ ମନୋଜ ସରକାରୀ ଚାକିରୀ ପାଇଲା। ସରକାରଙ୍କ ର ଅଧସ୍ତନ କର୍ମଚାରୀ ହିସାବ ରେ ଭୁବନେଶ୍ୱର ର ସଚିବାଳୟ ରେ .........।

କିଛି ଦିନ ପରେ ପୁଅ ର ବିବାହ ମଧ୍ୟ ସାରିଦେଲେ, ପୁଅ, ବୋହୂକୁ ନେଇ ଭୁବନେଶ୍ୱରକୁ ଚାଲିଗଲା ,ଗାଁ ରେ ରହିଥାନ୍ତି ଶଙ୍କର ଆଉ ମାଳତୀ। ପୁଅ ମଝିରେ ମଝିରେ ଘରକୁ ଆସେ,ବୋହୂ ଗାଁ ରେ ଚଳି ପାରିବନି ବୋଲି ବୋହୂ ଗାଁ କୁ ଆସେ ନାହିଁ। ଶଙ୍କର ଏ କଥା କୁ ଖାତିର କରେ ନାହିଁଆଉ ଗାଁ ସାରା ବୁଲି କହେ ମୋ ପୁଅ ବଡ ଅଫିସର ହେଇଛି। ବୋହୂ ର ପିଲା ହବ ବୋଲି ପୁଅ ମନୋଜ ଆସିଛି ଗାଁକୁ ମା କୁ ତା ପାଖକୁ ନବ ଡାକ୍ତର କହିଛନ୍ତି ବୋହୂ ଟିକେ ବିଶ୍ରାମ ନବ। ଶଙ୍କର ଖୁସିରେ ପାଗଳ ହେଇଗଲା କହିଲା ମୋର ନାତି ହବ ରେ ମୁଁ ଜେଜେ ହେଇଯିବି। ପୁଅ ସହ ମାଳତୀ କୁ ପଠେଇ ଦେଲା ଶଙ୍କର। ସହର ର ଅଦବ କାଇଦା ଜଣା ନ ଥିଲା ମାଳତୀ କୁ କେମିତି ଚଳିବ ସହର ରେ ଡର ବି ଲାଗୁଥାଏ। ତଥାପି ପୁଅ ର ମଙ୍ଗଳ ପାଇଁ ସହର କୁ ପୁଅ ସହିତ ଗଲେ। ମାଳତୀ ଦେବୀ ଯିବା ପୂର୍ବରୁ ବୋହୂ ର ମାଆ ଆସି ଅଛି,ସମୁଦୁଣୀ ତ ଆସିଛନ୍ତି ଭଲ ହେଲା କହି ଘର ଭିତରକୁ ଯାଉଛନ୍ତି ତ ବୋହୂ ର ମାଆ ପାଟି କରି ଉଠିଲେ ଏତେ ଅପରିଷ୍କାର ଲୁଗା ରେ ବଛଣା ରେ କଣ ବସିଯିଉଛ ?ଦେଖିଲେ ଘୃଣା ଲାଗୁଛି। ପୁଅ ବୋହୂ ଙ୍କ ର ପାଟି ଚୁପ୍,ପୁଅ ଆସି ଚୁପି ଚୁପି କହୁଛି ସେମାନେ ସହରୀ ଲୋକ ତ ଏମିତି କହିଲେ ତୁ କିଛି ଖରାପ ଭାବିବୁନି,ତୁ ରହ ଆପେ ସବୁ ଠିକ୍ ହେଇଯିବ। ଠିକ୍ କଣ ହବ ଦିନେ କିଛି ସ୍ତ୍ରୀ ଲୋକ ଘରକୁ ଆସିଥାନ୍ତି ସମୁଦୁଣି କହିଲେ ଚା ପାଞ୍ଚ କପ୍ କରିବା ପାଇଁ ଚା କରି ମାଳତୀ ଦେବୀ ସେମାନଙ୍କୁ ଦେବାକୁ ନେଲେ ,ସେମାନେ ହସି କି କହିଲେ ଏ ଚାକରାଣୀ କୁ କୋଉଠୁ ଆଣିଲେ ,ହଁ ମନୋଜ ଏବେ ଆଣିଛନ୍ତି। ମାସକୁ କେତେ ନବ ଇଏ ? ସମୁଦୁଣୀ କହିଲେ ନବ ଆଉ କଣ ଯାହା ଖାଇବ ପିନ୍ଧିବ ,ସମସ୍ତେ ଏକାବେଳକେ ହସି ଉଠିଲେ ଏତେ ଶସ୍ତା ରେ କୋଉଠୁ ଆଣିଲେ ମ ,ଆମ ପାଇଁ ଗୋଟେ ଦେଖନ୍ତୁ ବୋହୂ ର ମା କିଛି ନ କହି ଚୁପ୍ ରହିଲେ। ସେ ସ୍ତ୍ରୀ ଲୋକ ମାନେ ଏମିତି ପୋଷାକ ପିନ୍ଧିଛନ୍ତି ଯେ ଅଧେ ଦେହ ଦେଖା ଯାଉଛି। ଇଲୋ ବାପ ଏଭଳି ପୋଷାକ ଆମ ଗାଁ ରେ ଚଳିବନି।

କିଛି ଦିନ ପରେ ମୋ ବୋହୂ ର ପୁଅ ଟିଏ ହେଲା ,ମେଡିକାଲକୁ ମାଳତୀ କୁ ନେଲେନି ସେ ଘରେ ରହିଲା। ଦୁଇ ଚାରି ଦିନ ପରେ ନାତି ଟା କୁ ଆଣି ଆସିଲେ ଘରକୁ। ଛୁତିକିଆ ଛୁଆଁ କିଛି ବାରଣ ନାହିଁ ଖଟ ଉପରେ ବସୁଛନ୍ତି ସବୁ ଜିନିଷ କୁ ଛୁଆଁ ଛୁଇଁ କରୁଛନ୍ତି। କାହାକୁ କହିବ କିଏ ବା ଶୁଣିବ ତା କଥା ଏଇଟା ତ ଆମ ଗାଁ ନୁହେଁ। କେତେ ବାରଣ, ଗୋଟିଏ ଘରେ ବାରଣ ରହିବା କଥା ପୋଖତୀ। ବୋହୂ ଖାଇବ ବୋଲି ପୋଖତୀ ତରକାରୀ ତିଆରି କଲି ବାଇଗଣ,କଞ୍ଚା କଦଳୀ ହଳଦୀ ପାଣି କଲି ବୋହୂ ଖାଇଲେ ଦେହ ଶୁଖିବ। କିନ୍ତୁ ସମୁଦୁଣୀ ସେ ସବୁକୁ ଫୋପାଡି ଦେଲା କହିଲା ଏ ସବୁ ମୋ ଝିଅ ଖାଇ ପାରିବନି। ପୁଅ ହବାର ଆଜି ଛଅ ଦିନ ଷଷ୍ଠୀ ଦେବୀ ଙ୍କୁ ପୂଜା ହବ ବିରି ଚାଉଳ ବାଟି ପିଠା କରି ବସିଲା ମାଳତୀ। କିନ୍ତୁ ସମୁଦୁଣୀ କହିଲେ ଏଇଟା ସହର ଗାଁ ନୁହେଁ। ମନ ମାରି ରହିଥାଏ ମାଳତୀ,କାହାକୁ ବା କହିବ କିଏ ଶୁଣିବ ତା କଥା। ଆଉ ଦୁଇ ଦିନ ରହିଲା ଏକୋଇଶିଆ ଭୋଜି ପୁଅକୁ ଦଣ୍ଡେ ବି

ସମୟ ନ ଥାଏ। ପୁଅକୁ ଦିନେ ନିରୋଳା ରେ ଦେଖି ପଚାରିଲା ମାଳତୀ ବାପାଙ୍କୁ ଆସିବାକୁ ଖବର ଦେଇଛୁ ହଁ ସେ କାଲି ଆସି ପହଁଚିବେ। ଫୁଲ ତୁଳସୀ ତୋଳି ରଖିଥାଏ ମାଳତୀ ସତ୍ୟନାରାୟଣ ପୂଜା ରେ ଲାଗିବ।କିନ୍ତୁ ବ୍ରାହ୍ମଣ ତ ଦେଖା ନାହିଁ ପୂଜା କେତେବେଳେ ହବ ,ଲୋକ ଗହଳି ହୋଇଗଲାଣି ବୋହୂ ର ମା ତାଗିଦ୍ କରି କହୁଛନ୍ତି ସବୁ ଲୋକ ଙ୍କୁ ଥଣ୍ଡା ନେଇ କି ଦିଅ। ତେଣେ ଶଙ୍କର ପ୍ରଧାନ ଆସିଛି କିନ୍ତୁ ଗେଟ୍ ପାଖରେ ରହିଥିବା ଜଗୁଆଳି ତାକୁ ଭିତରକୁ ଛାଡ଼ୁ ନାହିଁ କହୁଛି ତୁମେ ରୁହ ଭୋଜି ସରିଲେ ଭିକାରୀଙ୍କୁ ଦିଆ ଯିବ।ଶଙ୍କର କହୁଛି ମୁଁ ତୁମ ବାବୁ ଙ୍କ ବାପା ଜଗୁଆଳି ତାଙ୍କ କଥାକୁ ହସରେ ଉଡ଼େଇ ଦଉଛି କଥାକୁ ଇଏ ଭିକାରୀ ପୁଣି ଆମ ବାବୁଙ୍କ ର ବାପା। ପରେ ଆସିବୁ ଭୋଜି ଖାଇବୁ,ଶଙ୍କର ଫେରି ଯାଇଛି କିଛି ଦୂରକୁ ଗୋଟିଏ ଟେଲିଫୋନ ବୁଥ ରୁ ଫୋନ କରିଛି। ଲୋକଙ୍କ ଗହଳି ରେ ଫୋନ ଶବ୍ଦ କାହାରିକୁ ଶୁଭୁନାହିଁ। ଥଣ୍ଡା ଦେଲା ସମୟ ରେ ଫୋନ ର ଶବ୍ଦ ଶୁଭିଛି ମାଳତୀ କୁ, ସମସ୍ତେ ତ ବ୍ୟସ୍ତ ନିଜେ ତରତରରେ ଫୋନ ଉଠାଇଛି ସେପଟରୁ ମନୋଜ ବାପା ର ପାଟି ଶୁଭୁଚି ମାଳତୀ କେମିତି ଅଛ ମାଳତୀ କିଛି କହି ପାରିନି।ଫୋନ ଉଠାଇଲା ବେଳେ ହାତରୁ ଥଣ୍ଡା ଗ୍ଲାସ୍ ଖସି ପଡ଼ିଛି। ଗ୍ଲାସ୍ କୁ ପଡ଼ି ଯିବା ଦେଖି ଫୋନ ରିଶିଭର ବି ଖସି ପଡ଼ିଛି। ଏହାକୁ ଦେଖି ପୁଅ ,ବୋହୂ ଓ ସମୁଦୁଣୀ ବଡ଼ ପାଟିରେ ପାଟି କରି ଏତେ ବହପ ଏତେ ଦାମି ଗ୍ଲାସ୍ କୁ ଭଙ୍ଗିଦେଲ। ଅନ୍ୟ ମାନେ ତାଙ୍କ ସହ ତାଳ ଦେଇ କହିଛନ୍ତି ଏ ଚାକରାଣୀ ର ଏ ମାସର ଦରମା କାଟି ଦିଅ। ଫୋନ ରୁ ସବୁ ଶୁଣି ଶଙ୍କର ଜଗୁଆଳି କୁ ଠେଲି ଭିତରକୁ ଗଲା। ପୁଅକୁ ଟାଣି ଆଣି ମାଆ ମାଳତୀ ଆଗରେ ଠିଆ କରେଇ କହିଲା ଇଏ ତୋର ଚାକରାଣୀ ଗୋଟିଏ ମାସ ର ଦରମା କାଟି ଦବୁ ଏଇ ତୋର ପୁଅ ପାଣିଆ,ପେଟରୁ କାଟି ଗୋଟେ ମୂଲିଆ ଟେ ମୁଁ ତତେ ଆଣି ସହରରେ ରଖି ପାଠ ପଢ଼େଇ ସହରୀ ବାବୁ କରିଦେଇଥିବାର ଫଳ। ଆସ ମାଳତୀ ଆସ ଆମେ ଯୋଉ ମୂଲିଆ କୁ ସେଇ ମୂଲିଆ। ଦୁଃଖ କଷ୍ଟ ସହି ପେଟକୁ ନ ଖାଇ ଦେହକୁ ନ ପିନ୍ଧି ଯାହାକୁ ପାଠ ପଢେଇ ମଣିଷ କଲେ ସିଏ ପର ପାଖରେ ବିକ୍ରି ହୋଇଗଲା, କାହାକୁ କହିବା ସହରି ଶାଶୁ କଥା ?ମନ କଥା ମନରେ ମାରି ରହିବା।

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**



## ସାଥୀ କର୍ମଚାରୀ

ଶ୍ରୀମତୀ ରୀତା ସ୍ୱାଇଁ

ଅଫିସଟା ତେବେ ସଭିଙ୍କର ହୁଏ
ମନରେ ଭାବିବା ଉଚିତ,
କିଛି କର୍ମଚାରୀ କହିଥାନ୍ତି ଖାଲି
ନୂଆକୁ କରିବା ବେଜିତ।
ସବୁବେଳେ ତାଙ୍କ ଭାବନାଟା ଥାଏ
ଆମେ ଏଠି ଖାଲି ରହିବା,
ଆଉ ଯିଏ ପିଲା ଏଠିକୁ ଆସିବେ
ତାକୁ ଥୁ ଥୁ କରି ତଡ଼ିବା।
ଦେଖନ୍ତି ନାହିଁ ସେ ନିଜ ଓଉକାତ
ତାଚ୍ଛଲ୍ୟ କରନ୍ତି ଅନ୍ୟକୁ,
କେତେ ବଡ଼ ବଡ଼ ଲୋକଙ୍କୁ ନ
ମାନି
ଛୋଟ କରିଦ୍ୟନ୍ତି ନିଜକୁ।
ନିଜର ଭୁଲ ମାନନ୍ତିନି କେବେ
କଥାରେ ଦିଅନ୍ତି ଏଡ଼େଇ,
ସତେ ସବୁ ସିଏ ଜାଣିଛନ୍ତି କାଳେ
ଦେଖେଇ ହୁଅନ୍ତି ବଡ଼େଇ।
ଅନ୍ୟର ଜୀବିକା ଉପରେ ନଜର
ନିଜ ଦୋଷ ତାଙ୍କୁ ଦିଶେନା,
ଜାଣି ତ ନଥାନ୍ତି କେବେ ଦିନେ
ଭାଗ୍ୟ
ଜାଳିଦେବ ସବୁ ବାହାନା।
ସେଥିପାଇଁ ବୋଧେ ଭୋଗୁଛନ୍ତି
ସିଏ
ଅର୍ଥର ଅଭାବ ଜୀବନେ,
ହିଂସା ଖାଏ ମନ ବୁଝନ୍ତିନି କେବେ
ଯେତେ ବୁଝାଇଲେ ସେମାନେ।
ସୁଧୁରି ଯାଅ ହେ ସାଥୀ କର୍ମଚାରୀ
ଅମଙ୍ଗଳ କା'ର କରନା,
ଦେଖୁଅଛି ସିଏ ତୃତୀୟ ନୟନେ
କର୍ମଫଳ କେବେ ଲିଭେନା।

ଖଜରା, କସର୍ଦା, କଟକ



## ହାକିମ ବାବୁ

ଜୟଶ୍ରୀ ପଟ୍ଟନାୟକ





ଚାଷୀ ଘରର ପୁଅ ଶିବା ଆଇ ଏ ଏସ ପାଇଛି। ମନ କୁଣ୍ଢେମୋଟ ହେଇ ଯାଉଥିଲା ସାନ ଭାଇ ଦେବା ଆଉ ବାପାର.। ଗାଁ ଟା ଯାକର ଲୋକେ କହିଲେ ମଣି ର ଗୋଟିଏ ଯୋଗ୍ୟ ପୁଅ ହାକିମ ହୋଇ ଏଇ ଗାଁ ରୁ ବାହାରିବ ବୋଲି କେହି ବିଶ୍ୱାସ କରି ନ ଥିଲେ ହୋ। ହଉ ଭଲ ହେଲା ଗାଁ ଲୋକଙ୍କର ସେବା କରିବ ହାନିଲାଭ ବୁଝିବ ଯାହାର ଯେତେବେଳେ ଦରକାର ହେବ ତା ପାଇଁ ଛିଡାହେବ। ପରଦିନ ଅନେକ ସାମ୍ବାଦିକ ଭାଇ ମାନେ ଗାଁ ମୁହାଁ ହୋଇ ଶିବାକୁ ଖୁବ ପ୍ରଶଂସା କରି ପକାଉଥିଲେ। ଯେତେବେଳେ ପ୍ରଶ୍ନ କରିଥିଲେ ଆପଣଙ୍କର ଏ ସଫଳତାର ଶ୍ରେୟ କାହାକୁ ଦେବେ ସେତେବେଳେ ଶିବା କହିଲା ବାପା ମୋର ଚାଷ କରି ଝାଳ ବୁହା ପଇସାରେ ପାଠ ପଢାଇଛନ୍ତି ତାଙ୍କ ପାଇଁ ମୁଁ ଆଜି ଏଇଠି ପହଂଚି ପାରିଛି ତେଣୁ ସେ ଶ୍ରେୟ ମୁଁ ତାଙ୍କୁ ନିଶ୍ଚୟ ଦେବି। ଟ୍ରେନିଂ ପରେ ଯୋଉଦିନ ଜଏନ କରିବାକୁ ଗଲା ଶିବା ମା, ବାପା, ସାନଭାଇ ଆଉ ଗ୍ରାମବାସୀ ଛାଡିବାକୁ ଯାଇଥିଲେ ଶିବାକୁ ରୋଡ଼ କାନ୍ଥ ଯାଏଁ। କିଏ ସୁଟିକେଶ ତ କିଏ ବ୍ୟାଗ ଧରି ତାକୁ ବାଟେଇଦେଲେ। ଆମ ପରମ୍ପରା ତ କହେ ପୁଅର ଚାକିରି ହୋଇଗଲା ମାନେ ଝିଅ ଦେଖି ବାହାଘର କରିଦେବା। ଶିବା ଯେହେତୁ ନିଜେ ଆଇ ଏ ଏସ ଅନ୍ୟ ଗୋଟିଏ ଆଇ ଏ ଏସ ପାଇଥିବା ଝିଅକୁ ଖୁବ ଧୂମଧାମରେ ପଞ୍ଚ ତାରକା ହୋଟେଲ ରେ ଭୋଜି ଦେଇ ବାହା ହେଲା। କିଛି ବର୍ଷ ଗାଁ ସହିତ ସମ୍ପର୍କ ରହିଲା। ଯେତେବେଳେ ଆଉ ଗୋଟିଏ ସ୍ଥାନକୁ ବଦଳି ହୋଇଗଲା ଗାଁ ସହିତ ସମ୍ପର୍କ ରଖିବା ସମ୍ଭବ ହେଲାନାହିଁ । ବିଲବାଡ଼ି କାମରେ କି ଘରର କିଛି ଜରୁରୀ କାମ ପଡିଲେ ପଇସା ପଠାଇ ଦିଏ ହେଲେ ଯାଇପାରେନି ଗାଁ କୁ। ସହରୀ ବାବୁ ବଡ଼ ଚାକିରି କରିଛି। ଗାଁ ଲୋକ ଯଦି ତା ଅଲିଶାନ ବଙ୍ଗଳାକୁ ଆସିକି ରହିବେ ସିକ୍ୟୁରିଟି ଠାରୁ ଆରମ୍ଭ କରି ଘରେ କାମ କରୁଥିବା ସ୍ତ୍ରୀ ମାନେ ତାକୁ ତଳ ନଜରରେ ଦେଖିବେ। ତେଣୁ ବାପା ମାଆ ଭାଇ ଭଉଣୀ ଯେ କେହି ତା ପାଖକୁ ଆସିବାକୁ ବାହାରିଲେ ସେ କହିଦିଏ ମୋର ଟୁର ଅଛି କୋରାପୁଟ ଯିବାକୁ ଆଉ ମୁଁ ନଥିଲା ବେଳେ ତୁମକୁ କିଏ ଏଠି ଚିହ୍ନିବ ଯେ ଆସିବ। ଏମିତି ଏମିତି କଟିଗଲା ୭/୮ବର୍ଷ। ଦିନେ ମାଆ ର ଦେହ ବହୁତ ଖରାପ ହେଲା ମା କୁ ମେଡିକାଲ ରେ ଆଡ଼ମିସନ କରିବାକୁ ପଡିଲା। ବାପା ଯାଇଥିଲେ ପୁଅକୁ ଦେଖା କରି ତା ଠାରୁ କିଛି ଟଙ୍କା ଆଣିବାକୁ। ଗଲାବେଳେ ସାଙ୍ଗରେ ନେଇ ଯାଇଥିଲେ ମୁଢ଼ି, ହୁଡୁମ, ଆରିସା, ପିଠା ଆଉ ମିଠା ପୁଣି ପୁଅଟେ ପାଇଁ କିଛି ମିକ୍ଚର ବିସ୍କୁଟ। ସେତିକି କିଣିବାକୁ ଧାନ ଗଣ୍ଡେ ବିକିବାକୁ ପଡିଲା। ପୁଅର ବଙ୍ଗଳା ଦେଖି ବିଶ୍ୱାସ କରି ପାରିଲେନି ମଣି କାନ୍ତ, ଏତେବଡ ବଙ୍ଗଳା ରେ ପୁଅ ରହୁଛି ଯୋଉଠି ଚାକର ବାକର, ଉଦ୍ୟାନ ମାଳି ଆଗରେ ସିକ୍ୟୁରିଟି ବି ଅଛି। କାହିଁ ପୁଅ ଦିନେ ତ କହିଁନି ଗାଁ ଛାଡ଼ି ଆସ ବାପା ଥରେ ବୁଲିକି ଯିବ ବୋଉକୁ ସାଙ୍ଗରେ ଆଣିଥିବ କିଛି ଦିନ ବୋହୂ ପରଷା ଖାଇକି ଯିବ. ମଣିକାନ୍ତ ମନ ଅଭିମାନ ରେ ଫାଟିଗଲା। ହୃଦୟ ଭିତରୁ କୋହ ଉଠୁଥିଲା। ସେ ଦେଖୁଥିଲେ ତାଙ୍କର ଶିରାଳ ହାତ ଆଉ ଲୋଚା କୋଚା ଚମର ଶରୀରକୁ। ପିନ୍ଧିଥିବା ଧୋତି ଯୋଡ ଦେଖିଲେ ପୁଅ ବି ଚିହ୍ନିବ ନାହିଁ ବାପା ବୋଲି। ଫାଟକ ରେ ଲେଖା ହୋଇଛି କୁକୁର ପ୍ରତି ସାବଧାନ। ଗାଁ ରେ କୁକୁର ମାନେ ଯା ଦୂଆର ତା ଦୂଆର କେତେ ସ୍ୱାଧୀନତା ରେ ବୁଲୁଥିଲା ବେଳେ ସହରୀ ବାବୁଙ୍କ ଫାଟକରେ କୁକୁର ବନ୍ଧା ହୋଇଛି। ଏପଟେ ଲେଖା ହୋଇଛି ବିନା ଅନୁମତି ରେ ଭିତରକୁ ପ୍ରବେଶ ନିଷେଧ। ବାପା ପୁଅ କୁ ଦେଖା କରିବାକୁ ଆସିଲେ ଗୋଟାଏ କଣ ଅନୁମତି ଦରକାର ? ଥାଉ ତାହେଲେ ଫୋନ ରେ କଥା ହୋଇ ବୋଉ ଦେହ ଭଲ ନାହିଁ ଦେଖିବାକୁ ଆସିବୁ କିଛି ପଇସା ଦରକାର ସାଙ୍ଗରେ ଆଣିଥିବୁ ବୋଲି ଜଣେଇ ଦେବାଟା ବରଂ ଭଲ ବୋଲି ଭାବିଲେ ମଣିକାନ୍ତ। ବୋତଲ ରୁ ଟିକେ ପାଣି ପିଇଲେ, ଗାମୁଛାରେ ଝାଳ ପୋଛିଲେ। ଦରୱାନ କୁ ଦେଖି ସାଙ୍ଗରେ ନେଇଥିବା ମୁଢ଼ି ପିଠା ସବୁ ଦେଇ କାଗଜ ଖଣ୍ଡେ ମାଗି ଲେଖିଦେଲେ ଗାଁ ରୁ କିଏ ଜଣେ ବନ୍ଧୁ ଆସିଛନ୍ତି ହାକିମ ବାବୁଙ୍କୁ ଦେଖା କରିବାକୁ ବୋଲି କହିଦେବ କହି ମଣି କାନ୍ତ ଆଶା ବାନ୍ଧି ବସିଥିଲେ। ଭିତରକୁ ଯାଇ ଦରୱାନ ଆସିକି କହିଲା ସାର ଆଉ ମାଡାମ ଗୋଟେ କାମରେ ଟୁର ରେ ଯାଉଛନ୍ତି ଆଜି ଦେଖା ହୋଇ ପାରିବନି ଆଉ ଦିନେ ଆସି ଦେଖା କରିବେ। ଟିକେ ହସିଲେ ମଣିକାନ୍ତ। ଚାଷ କରି ଝାଳ ବୁହାଇ ପାଠ ପଢ଼େଇଥିବା ଅନେକ ବାପା ଏ ସହରୀ ବାବୁ ଙ୍କ ହାଲଚାଲ ଜାଣିଥିବେ ମୁଁ ବା କିପରି ବାଦ ପଡିଯିବି। ଫେରି ଆସିଲା ବେଳକୁ ଦରୱାନ ପଛରୁ ମଉସା ମଉସା ଟିକେ ଶୁଣିବେ କି ଡାକ ଛାଡିବାରୁ ପଛକୁ ଚାହିଁଲେ ମଣିକାନ୍ତ। ଦରୱାନ ପଚାରିଲା ଆପଣଙ୍କ ପରିଚୟ। ଟିକେ ହସିଦେଇ କହିଲେ ମଣିକାନ୍ତ କହିଦେବ ତୁମ ବାବୁ ଆଉ ମା କୁ ତାଙ୍କ ଗାଁ ରୁ ତାଙ୍କ ସାଙ୍ଗର ବାପା ଆସିଥିଲେ। ବାବୁ ବ୍ୟସ୍ତ ଅଛନ୍ତି ଯଦି ତାଙ୍କୁ ଅନ୍ୟ ଦିନ ଆସି ଦେଖା କରିବି କହି ଫେରିଆସିଲେ। ତାଙ୍କ ଅଜାଣତରେ ଲୁହ ଆଖିକୁ ଓଦା କରି ପକାଉଥିଲେ କାଳେ କିଏ ଦେଖିଦେବେ ବୋଲି ମୁହଁ ଲୁଚାଇ ସେଠାରୁ ଫେରି ଆସିଲେ।



## ନିର୍ବାସିତର ବିଳାପ

ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ




ଗୋଟିଏ ଆଫ୍ରିକୀୟ କାହାଣୀ କହେ ଗୋଟିଏ ଜନଜାତି ରହୁଥିଲେ ଈଶା ବୋଲି ଗାଁରେ। ସାହାରା ମରୁଭୂମିର ଗାଁ। ଗାଁ ଟପି ଗଲେ ଧୂ ଧୂ ମରୁପ୍ରାନ୍ତର। ସେଇ ଗାଁରେ ରହୁଥିଲା ଅମିନା ବୋଲି ଝିଅଟିଏ। ବଡ଼ ଅଦ୍ଭୁତ ସେ ଝିଅ। କଥା କହେନି, ହସେନି କି କାନ୍ଦେନି। ଅଦ୍ଭୁତ ସୁନ୍ଦର ଅଥଚ ବିଷାଦିତ। ପିତା ତା'ର ଗ୍ରାମ୍ୟ ମୁଖ୍ୟ। ଚିନ୍ତିତ ହୁଅନ୍ତି ଝିଅ ପାଇଁ। ଝିଅ ଘୂରିବୁଲେ ମରୁପ୍ରାନ୍ତରରେ। ରାତିପରେ ରାତି। ପୂର୍ଣ୍ଣମୀର ରାତିରେ ପଥଚାରୀମାନେ ଶୁଣନ୍ତି ଏକ ଅଦ୍ଭୁତ ସଙ୍ଗୀତ। ସତେ ଯେମିତି ପବନ ହିଁ ଗାଉଥାଏ ସେ ଗୀତ। ପବନ ଦେହକୁ ସ୍ପର୍ଶ କରିବା ମାତ୍ରେ ଅଙ୍ଗେଅଙ୍ଗେ ଅନୁରଣିତ ହୁଏ ସେ ସ୍ୱର। ସେ ସ୍ୱର ଅପୂର୍ବ। ଅଶ୍ରୁତପୂର୍ବ। କେଉଁ ଅଜଣା ବିଷାଦରେ ବିଷାଦିତ। ଠିକ୍ ଅମିନା ପରି। ଦିନ ବିତେ। ଝିଅ ହୁଏ କ୍ଷୀଣରୁ କ୍ଷୀଣତର। ଚିନ୍ତାଗ୍ରସ୍ତ ପିତା ବିଚାର ବସାନ୍ତି। ବିଜ୍ଞଜନେ, ପୁରୋହିତେ ଧ୍ୟାନ ଦ୍ୱାରା ଜାଣନ୍ତି ମରୁଭୂମିର ଆତ୍ମା ହିଁ ଶୁଣାଉଥାଏ ଝିଅକୁ ସଙ୍ଗୀତ। ତା'ର ଜନ୍ମ କଥା କହିବା ପାଇଁ ନୁହେଁ, ବରଂ ଶୁଣିବା ପାଇଁ ହୋଇଛି। ସେ ଯାହା ଶୁଣିବ, ତାହା ହିଁ ପ୍ରତିଧ୍ୱନିତ ହେବ ପବନରେ। ପ୍ରତି ପୂର୍ଣ୍ଣିମାରେ ଗୀତ ଗାଇବ ଝିଅ। ସେ ଗୀତ ସମସ୍ତେ ଶୁଣିବେ। ଅନୁଭବ କରିବେ ବିଷାଦିତ ଆତ୍ମାର ବିଳାପ। ଦିନ ବିତିବା ସହ ଝିଅର ମୁହଁରୁ ହସ ହଜିଯାଏ। ଝିଅ ହୁଏ ରୁଗ୍ଣ। ପ୍ରିୟପୁରୁଷ ଅନୁଭବ କରେ ଅମିନା ସହ ଅନ୍ୟାୟ କରାଯାଉଛି। ସେ ଶୋକସଙ୍ଗୀତକୁ ଆହରଣ କରି ସେ ତା'ର ଆୟୁଷ ହରାଉଛି। ଦିନେ ସେ ମଧ୍ୟ ଅକାରଣରେ ମରିଯିବ ଓ ତା'ର ଆତ୍ମା ମଧ ନିନାଦିତ ହେବ ସେଇ ମରୁପ୍ରାନ୍ତରରେ। ଏହା ତା' ପାଇଁ ଆଶୀର୍ବାଦ ନୁହେଁ, ବରଂ ଅଭିଶାପ। କନ୍ୟାର ଜୀବନ ରକ୍ଷା ପାଇଁ ଏବେ ଏକତ୍ରିତ ହେଲେ ଗ୍ରାମବାସୀ। ତାକୁ ଆଉ ଏକାକୀ ଘୂରିବୁଲିବାକୁ ଦିଆଗଲା ନାହିଁ। ସେ କଥା କହିଲା, ଗୀତ ଗାଇଲା, ଜୀବନ ବଞ୍ଚିବାକୁ ଆରମ୍ଭ କଲା।

ଏଇ କାହାଣୀର ମାନେ ତେବେ କଅଣ? ଏଇଆ କି, ସମାଜ ବା ପରିବାର ଆମ ପାଇଁ ଯାହା ଉଚିତ ଭାବି ନିର୍ଣ୍ଣୟ ନିଏ, ତାହା ସବୁବେଳେ ଠିକ୍ ନଥାଏ। ଦାୟିତ୍ୱ ସବୁ ବୋଝ ବନିଗଲେ ବ୍ୟକ୍ତିକୁ ଭିତରୁ ଖାଇଯାଏ। ସେ ନିଜକୁ ମନେ କରେ ନିସଙ୍ଗ ଓ ନିର୍ବାସିତ। କିଛି ଦିନ ତଳେ ଏକ ଚେତନା ବିଭ୍ରାନ୍ତକାରୀ ଖବର ଆସିଥିଲା। ଦିଲ୍ଲୀର ଧୀରଜ୍ ଦେଶାଇ ନାମକ ୨୫ ବର୍ଷ ବୟସ୍କ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଜ ବନ୍ଦ କୋଠରୀ ରୁ ମୃତ ଅବସ୍ଥାରେ ମିଳିଥିଲେ। ଅନଲାଇନ ମାଧ୍ୟମରେ ସେ ହିଲିୟମ୍ ଗ୍ୟାସ୍ ମଗେଇ ଥିଲେ ଏବଂ ଆତ୍ମହତ୍ୟା ପାଇଁ ଏହାକୁ ସେବନ କରିଥଲେ। ଜୁଲାଇ ୨୦ ରୁ ଜୁଲାଇ ୨୮ ଯାଏଁ ସେ ନିଜକୁ କୋଠରୀରେ ବନ୍ଦ କରି ଦେଇ ଥିଲେ। ତାଙ୍କର ସୁଇସାଇଡ୍ ନୋଟ୍ ରେ ସେ ନିଜର ଜନ୍ମକୁ ଜୀବନର ସବୁଠାରୁ ଦୁର୍ଭାଗ୍ୟଜନକ ଘଟଣା ଏବଂ ମୃତ୍ୟୁକୁ ସବୁଠାରୁ ସୁଖଦ ଅନୁଭୂତି ବୋଲି ବର୍ଣ୍ଣନା କରିଛନ୍ତି। ପିତାଙ୍କ ଅକାଳ ମୃତ୍ୟୁ ପରେ ଜେଜେ ବାପା ଜେଜେ ମାଆଙ୍କ ଦ୍ୱାରା ପ୍ରତିପାଳିତ ଏହି ଯୁବକ ଧୀରେ ଧୀରେ ନିଜକୁ ନିର୍ବାସିତ ମନେ କରନ୍ତି ସମାଜରୁ। ସୁନ୍ଦର କ୍ୟାରିଅର ଓ ସମ୍ଭାବନାମୟ ଉଜ୍ଜଳ ଭବିଷ୍ୟତକୁ ଭରସା ନ କରି ମୃତ୍ୟୁ କୋଳରେ ସେ ଶାନ୍ତି ଖୋଜିଛନ୍ତି। ଏହା ଆମ ଯୁବ ମାନସିକତାର ଏକ ଅନ୍ଧାରୀ ଦିଗ। ନିକଟରେ ଘଟିଥିବା ବାଲେଶ୍ୱର ଆତ୍ମାହୁତି ଘଟଣା ଅନେକ କିଛି ବିଚାର କରିବାକୁ ବାଧ କରିଛି। ବାଲେଶ୍ୱର ପରେ ବଳଙ୍ଗା ଘଟଣା ରାଜନୀତି ସରଗରମ କରିବା ସତ୍ତ୍ୱେ ମୃତା ଝିଅର ପିତା ଝିଅର ମାନସିକ ଅସୁସ୍ଥତା ପାଇଁ ନିଜ ଜୀବନ ନେଇଥିବା କଥା କହିଛନ୍ତି। କେଉଁ ଚାପରେ ଜଣେ ମାନସିକ ସୁସ୍ଥତା ହରାଇ ବସେ? ଯେଉଁଠି ଆମେ ପିଲା ମାନଙ୍କୁ ଶିକ୍ଷା ଦେଇ ରୋଜଗାରକ୍ଷମ ହେବାକୁ ଚାପ ପ୍ରୟୋଗ କରୁଛେ, କେଉଁଠି ନା କେଉଁଠି ତାଙ୍କୁ ମୁଖ୍ୟ ସ୍ରୋତରୁ ବିଚ୍ୟୁତ କରି ଦେଉଛେ। ଏଠାରେ ମୁଖ୍ୟ ସ୍ରୋତ କହିଲେ ସାମାଜିକ ଓ ପାରିବାରିକ ଜୀବନର ସମ୍ପର୍କକୁ ବୁଝିବା। ମଣିଷ ସଂପର୍କଟିଏ ଗଢେ କାହିଁକି? ନିଜର ଏକୁଟିଆପଣ ବାଣ୍ଟିବାକୁ ତ? ହେଲେ ଉତ୍ତର ଅଧୁନିକ ମଣିଷ ଧିରେ ଧିରେ ଯାନ୍ତ୍ରିକ ହୋଇ ଯିବା ବେଳେ ଗଢିଥିବା ସଂପର୍କ ଗୁଡ଼ିକ କାହିଁ ପଛରେ ଛାଡ଼ି ଆସୁଛି। ପିତା ମାତା, ଭାଇ ଭଉଣୀ, ସାଙ୍ଗ ସାଥି କାହା ସହ କିଛି ବାଣ୍ଟିବାକୁ ପସନ୍ଦ କରୁନାହିଁ। ଗୋଟିଏ ଘରେ ସମସ୍ତେ ମୋବାଇଲ ଖଣ୍ଡେ ଲେଖାଏଁ ଧରି ଅଜଣା ଲୋକଙ୍କୁ ନିଜ ଦୁଃଖ ବାଣ୍ଟିବାରେ ବ୍ୟସ୍ତ। ନିଜେ ଘର ଲୋକ ମଧ ଜାଣନ୍ତି ନାହିଁ ନିଜ ଲୋକର ଜୀବନରେ କଣ ଚାଲିଛି। ଆଧୁନିକ ପିତା ମାତା ପିଲାର ପରୀକ୍ଷା ଫଳ ନେଇ ଯେତିକି ଉଦବିଗ୍ନ ହୁଅନ୍ତି, ତାକୁ ଗୋଟିଏ ସୁସ୍ଥ ମାନସିକତାପୂର୍ଣ୍ଣ ପରିବେଶ ଦେବାକୁ ସେପରି ଯତ୍ନ ବାନ ହୁଅନ୍ତି ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ଘରୋଇ କଳିର ଅନେକ ଉଦାହରଣ ଆପଣ ଦେଖୁଥିବେ। ଉଚ୍ଚ ଶିକ୍ଷିତ, ଆଭିଜାତ୍ୟ ପରିବାର ମଧ୍ୟରେ ନିଜର ଅହଙ୍କାରକୁ ନେଇ ବାଦ ବିବାଦ ବେଶି। ଦୁଇ ତିନିଦିନ ତଳେ ଜଣେ ପ୍ରଶାସନିକ ଅଧିକାରୀ ଓ ତାଙ୍କ ଇଞ୍ଜିନିୟର ପତ୍ନୀଙ୍କ ବିବାଦ ସାମାଜିକ ଗଣମାଧ୍ୟମରେ ବେଶ୍ ଚହଳ ପକାଇଥିବା ବେଳେ ଏଥି ନେଇ ତାଙ୍କ ଗୁରୁଜନମାନଙ୍କ ମୌନତା ସବୁ ଠାରୁ ଆଶ୍ଚର୍ଯ୍ୟଜନକ। ଲାଗୁଚି ଯେପରି ଜୀବନ ଯୁଦ୍ଧରେ ଲଢ଼ିବା ପାଇଁ ଦୁଇ ସେନାପତି ପରସ୍ପର ଉପରେ ଖଡଗ ହସ୍ତ। ବିଭିନ୍ନ ଲୋକଙ୍କ ବିଭିନ୍ନ ଟିପ୍ପଣୀ ସେମାନଙ୍କୁ ଯେ ବ୍ୟତିବ୍ୟସ୍ତ କରିବ ନାହିଁ ଏହାର ସମ୍ଭାବନା ନାହିଁ କି? ନବଜାତ ଶିଶୁଟି ବଡ଼ ହୋଇ ଯେତେବେଳେ ଏସବୁ ଜାଣିବ, କିପରି ହେବ ତାର ମାନସିକତା ? ସେ ନିସଂଗ ରହିବାକୁ ପସନ୍ଦ କରିବ ଓ ଦିନେ ସାମାଜିକ ସମ୍ପର୍କକୁ ଆଡ଼େଇ ଯିବ। ଏହି ଆଡ଼େଇ ଯିବା ହିଁ ତାକୁ ଧିରେ ଧିରେ ଆତ୍ମ ନିର୍ବାସନ ଆଡ଼କୁ ନେଇ ଯିବ। ଆଜିକାଲି ଅନେକ ପୁଅ ଝିଅ ବିବାହ କରିବାକୁ ଆଗ୍ରହୀ ହେଉ ନାହାନ୍ତି। ରିଲେସନସିପ, ସିଚୁଏସନସିପ, ଲିଭିଂ ଟୁଗେଦର, ଓପନ ରିଲେସନ ପରି ସମ୍ପର୍କର ଅନେକ ବିଭ୍ରାନ୍ତିକର ପରିଭାଷା ବାହାରିଲାଣି। ଏବେ ଜଡ଼ି ଆପଣଙ୍କ ପୁଅ ଝିଅ ଅପର ଲିଙ୍ଗ ପ୍ରତି ଆକୃଷ୍ଟ ହେଉଛନ୍ତି ତେବେ ସେମାନେ ମାନସିକ ଭାବେ ସୁସ୍ଥ ବୋଲି ଧରି ନେବାକୁ ହେବ। ତଥାପି ତ ସମସ୍ୟାର ଅନ୍ତ ନାହିଁ। ବିବାହ ଯୋଗ୍ୟ ହେବା ଯାଏଁ ଯେ ଗୋଟିଏ ସଂପର୍କ ସ୍ଥିର ହୋଇ ରହିଥିବ ତାର ଗ୍ୟାରେଣ୍ଟି ମଧ୍ଯ ନାହିଁ। ସମ୍ପର୍କରେ ବିଶ୍ୱସନୀୟତା କେତେ ଜରୁରୀ, ତାହା ମଧ ଶିଖାଇବା ଜରୁରୀ। ବଡ଼ ମାନଙ୍କ ଆଦେଶ ମାନି ହୁଏତ ସେ ବିବାହ କରି ଯିବ, ମାତ୍ର ତାହା ଯେ ତିଷ୍ଠିବ, ତାର ଉତ୍ତର ଦାୟୀ କିଏ? ବିବାହ ବିଚ୍ଛେଦ ଓ ଅପରାଧ ଗୋଟେ ସମସ୍ୟା ହୋଇ ମୁଣ୍ଡ ଟେକିଲାଣି। ଏହାର କାରଣ ମଧ ସେହି ପିଲାଦିନରୁ ଆରମ୍ଭ ହୋଇ ଯାଉଛି। ପାଠ ଓ କ୍ୟାରିଅରର ଚାପ ପାଇଁ ଏକାକୀତ୍ୱ ଭୋଗୁଥିବା ପିଲାଟି ତା'ର ବିବାହ ପରେ ଜୀବନ ସାଥୀଠାରୁ ସେସବୁ ଆଶା କରେ। ମାତ୍ର କେବେ ସମ୍ପର୍କ ବାଣ୍ଟି ନଥିବା ଯୁବ ପିଢ଼ି ବିବାହ ପରେ ଏଥିରେ ଅସଫଳ ହୁଅନ୍ତି। ସେଇ ନିସଂଗତା ପୁନଶ୍ଚ ତାଙ୍କୁ ଜାବୁଡ଼ି ଧରେ। ଆଜିକାଲି ଗୋଟେ ସୌଖିନ ଶବ୍ଦ କାଉନସେଲିଂର ପ୍ରୟୋଗ ସମସ୍ତେ କରୁଛନ୍ତି। ଆଜ୍ଞା, ନିଜ ଘରେ, ନିଜ ଲୋକଙ୍କୁ ଦୁଇ ଘଡି ସମୟ ଦେବାକୁ ଯଦି ଆମେ ରାଜି ନୁହଁନ୍ତି, ବାହାରର ଜଣେ କିପରି ବୁଝାଇ ପାରିବ? ସମ୍ପର୍କକୁ ସମୟ ଦେବା, ନିଜକୁ ଭଲ ପାଇବା ଏବଂ ଭଲ ପାଇବାକୁ ବାଣ୍ଟିବା ହିଁ ଆମକୁ ଏହି ବିଳାପରୁ ମୁକ୍ତି ଦେବ, ନଚେତ୍ ଆମେ ଚିରଦିନ ନିଜ ଭିତରେ ନିର୍ବାସନ ହିଁ ଭୋଗୁଥିବା।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**



# ମସୁର ଡାଲି ଫେସିଆଲ୍





ସମସ୍ତେ ସୁସ୍ଥ, ସୁନ୍ଦର ତ୍ୱଚା ଚାହାନ୍ତି। ସେଥିପାଇଁ ଅଧିକାଂଶ ମହିଳା ପାର୍ଲର ଯିବାକୁ ଆଗ୍ରହ ପ୍ରକାଶ କରନ୍ତି। ତେବେ ଘରେ ଥିବା ମସୁର ଡାଲିକୁ ବ୍ୟବହାର କରି ମଧ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସମ୍ଭବ।

❑ ଫେସିଆଲ୍ ପୂର୍ବରୁ ପ୍ରଥମେ ମୁହଁ ଧୁଅନ୍ତୁ।

❑ ଏହା ପରେ ମସୁର ଡାଲି ଗୁଣ୍ଡରେ କ୍ଷୀର ମିଶାନ୍ତୁ। ତାହାକୁ ମୁହଁରେ ମସାଜ କରନ୍ତୁ। ୧୦ ମିନିଟ୍ ପରେ ମୁହଁ ଧୋଇ ଦିଅନ୍ତୁ।

❑ ଏହା ପରେ ମଏଶ୍ଚରାଇଜ କରନ୍ତୁ। ସେଥିପାଇଁ ଏକ ପାତ୍ରରେ ମସୁର ଡାଲି ଗୁଣ୍ଡ, ସେଥିରେ ଅଧା ଚାମଚ ହଳଦୀ ଓ ଗୋଲାପ ଜଳ ମିଶାନ୍ତୁ। ଏହାକୁ ମୁହଁରେ କିଛି ସମୟ ଲଗାଇ ରଖିବା ପରେ ଧୋଇ ଦିଅନ୍ତୁ।

❑ ଡେଡ୍ ସ୍କିନ୍ ବାହାର କରିବା ପାଇଁ ମସୁର ଡାଲିରେ ଅଳ୍ପ ଓଟ୍ସ ମିଶାଇ ମୁହଁକୁ ସ୍କ୍ରବ୍ କରନ୍ତୁ।

❑ ଶେଷରେ ମସୁର ଡାଲି ଗୁଣ୍ଡରେ ଅଧା ଚାମଚ କ୍ଷୀର, ମୁଲତାନି ମାଟି, ହଳଦି ମିଶାଇ ଏକ ପ୍ୟାକ୍ ବନାନ୍ତୁ। ଏହାକୁ ମୁହଁରେ ଭଲଭାବେ ଲଗାଇ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ମାସକୁ ଦୁଇ ଥର ମସୁର ଡାଲି ଫେସିଆଲ୍ କରିପାରିବେ।

# ପନିର୍ ଟମାଟୋ ମସଲା

ଆବଶ୍ୟକ ସାମଗ୍ରୀ: ପନିର୍: ୫୦୦ ଗ୍ରାମ୍, ଟମାଟୋ ପ୍ୟୁରି: ଅଧା କପ୍, କଟା ଅଦା: ଏକ ଚାମଚ, କଟା କଞ୍ଚା ଲଙ୍କା: ଅଧା ଚାମଚ, ପାନ ମଧୁରି: ଅଧା ଚାମଚ, କାଜୁ, ଗୋଲମରିଚ, ଲବଙ୍ଗ, ଡାଳଚିନି, ଗୁଜରାତି, ଅନାସି ଫୁଲ ପେଷ୍ଟ: ଏକ ଚାମଚ, ଦହି: ଗୋଟେ ଚାମଚ, କସୁରି ମେଥି: ଅଧା ଚାମଚ, ହଳଦି ଗୁଣ୍ଡ: ଅଧା ଚାମଚ, ଲଙ୍କା ଗୁଣ୍ଡ: ଅଧା ଚାମଚ, ଧନିଆ ଗୁଣ୍ଡ: ଅଧା ଚାମଚ, ଜିରା ଗୁଣ୍ଡ: ଅଧା ଚାମଚ, ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ।

ପ୍ରସ୍ତୁତି ପ୍ରଣାଳି: ପ୍ରଥମେ ଚୁଲିରେ କଡ଼େଇ ବସାନ୍ତୁ। କଡ଼େଇ ଗରମ ହେଲେ ତେଲ ଦିଅନ୍ତୁ। ସେଥିରେ ପନିର୍କୁ ହାଲୁକା ଭାଜି ତାହାକୁ ପାଣିରେ ପକାନ୍ତୁ। ସେହି ତେଲରେ କାଜୁ ଛାଣି ରଖନ୍ତୁ। ଚୁଲାରେ କଡ଼େଇ ବସାଇ ଲବଙ୍ଗ, ଡାଳଚିନି, ଗୁଜୁରାତି, ଅନାସି ଫୁଲ, ଗୋଲମରିଚ ପକାଇ ହାଲୁକା ଭାଜନ୍ତୁ। ଏସବୁ ଥଣ୍ଡା ହୋଇଯିବା ପରେ ସେଥିରେ ଭଜା କାଜୁକୁ ମିଶାଇ ବାଟି ରଖନ୍ତୁ। ପୁଣି ଥରେ ଚୁଲାରେ କଡ଼େଇ ବସାଇ ଅଳ୍ପ ତେଲ ଦିଅନ୍ତୁ। ସେଥିରେ ପାନମଧୁରି, କଟା ଅଦା, କଟା କଞ୍ଚା ଲଙ୍କା ପକାନ୍ତୁ। ସେଥିରେ ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ ପକାଇ ଟମାଟୋ ପ୍ୟୁରି ଦିଅନ୍ତୁ। ଏହାକୁ ଭଲ ଭାବେ କଷିବା ପରେ ସେଥିରେ କାଜୁ ବଟା, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ, ଲୁଣ ପକାଇ କଷନ୍ତୁ। ପରେ ସେଥିରେ ଦହି ଓ କସୁରି ମେଥି ପକାଇ ଆଉ କିଛି ସମୟ କଷନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ ଅଳ୍ପ ଉଷୁମ ପାଣି ଦେଇ ଧିମା ଆଞ୍ଚରେ ବସାନ୍ତୁ। ଗ୍ରେଭି ଟିକେ ହୋଇ ଆସିଲେ ପନିର୍ ପକାଇ ଆଉ କିଛି ସମୟ ଫୁଟାନ୍ତୁ। ପ୍ରସ୍ତୁତ ହୋଇଗଲା 'ପନିର୍ ଟମାଟୋ ମସଲା।'



# ଆକର୍ଷଣୀୟ ଶାଢ଼ି ବେଲ୍ଟ



ବେଲ୍ଟ କେବଳ ୱେଷ୍ଟର୍ଣ୍ଣ ଡ୍ରେସ୍କୁ ଭଲ ମାନିଥାଏ ଭାବିବା ସମ୍ପୂର୍ଣ୍ଣ ଭୁଲ। ଆଜିକାଲି ସିଲ୍କ ଶାଢ଼ି ସହିତ ମହିଳାମାନେ ଆକର୍ଷଣୀୟ ଆସେସରିଜ୍ ପିନ୍ଧୁଛନ୍ତି। ଏଥିରୁ ଅନ୍ୟତମ ଶାଢ଼ି ବେଲ୍ଟ। ଶାଢ଼ିରେ ବେଲ୍ଟକୁ ପିନ୍ଧିବା ଦ୍ୱାରା ସମ୍ପୂର୍ଣ୍ଣ ଅଲଗା ଲୁକ୍ ମିଳୁଛି। ଶାଢ଼ି ପ୍ଲିଟ୍ସ ଓ ପଣତକୁ ସୁରକ୍ଷିତ ରଖିବା କାମ ଶାଢ଼ି ବେଲ୍ଟ କରିଥାଏ। ସିଲ୍କ, ସିଫନ୍, ଜର୍ଜେଟ୍ ଶାଢ଼ି ସହିତ ପିନ୍ଧିପାରିବେ। କେବଳ ସେତିକ ନୁହେଁ, ଅନାକଲି ସୁଟ୍ ଓ ଲେହେଙ୍ଗାକୁ ମଧ୍ୟ ଏହା ଭଲ ମାନିଥାଏ। ଏହି ବେଲ୍ଟକୁ ବାଛିବା ପୂର୍ବରୁ ଶାଢ଼ିର ରଙ୍ଗ ଓ ଡିଜାଇନ ଉପରେ ଦୃଷ୍ଟି ଦେବା ଆବଶ୍ୟକ। ସାଧାସିଧା ବେଲ୍ଟ ୱେଷ୍ଟର୍ଣ୍ଣ ଡ୍ରେସ୍କୁ ଭଲ ମାନୁଥିବା ବେଳେ ମୋତି ଖଚିତ ବେଲ୍ଟ ଭଲ ମାନିଥାଏ। ସେହିପରି ଅକ୍ସିଡାଇଜଡ, ସୁନେଲି ଆଦି ବେଲ୍ଟକୁ ମଧ୍ୟ ଯୁବତୀମାନେ ବେଶି ପସନ୍ଦ କରୁଛନ୍ତି। ବିଶେଷକରି ପୂଜାପର୍ବାଣି ତଥା ବାହାଘର ଆଦିରେ ଶାଢ଼ି ବେଲ୍ଟର ଚାହିଦା ବଢ଼ିଥାଏ।

# ଫଟା ଗୋଇଠିର ଯତ୍ନ

ପାଦକୁ ସୁନ୍ଦର ରଖିବା ପାଇଁ ପେଡିକିୟୋର କରୁଥିବା ବେଳେ ପାର୍ଲରରେ କରିବା ସବୁବେଳେ ସମ୍ଭବ ହୋଇ ନ ଥାଏ। ତେବେ ଏବେ ଗୋଇଠି ଫାଟିବା ଏକ ସାଧାରଣ ସମସ୍ୟା ହୋଇଛି। ଫଟା ଗୋଇଠିର ଉପଯୁକ୍ତ ଯତ୍ନ ନେଲେ ଏହି ସମସ୍ୟାର ସାମଧାନ ହୋଇପାରିବ।

❑ ଫଟା ଗୋଇଠିରେ ଲହୁଣି ଲଗାଇ ମୋଜା ପିନ୍ଧନ୍ତୁ। ଶୋଇବା ପୂର୍ବରୁ ପାଦକୁ ଧୋଇ ମଏଶ୍ଚରାଇଜର ଲଗାନ୍ତୁ।

❑ ଅଧା ବାଲଟି ପାଣିରେ ଲେମ୍ବୁ ରସ, ଗୋଲାପ ଜଳ ଓ ଗ୍ଲସେରିନ୍ ମିଶାନ୍ତୁ। ଏହି ପାଣିରେ ପାଦକୁ ୧୫-୨୦ ମିନିଟ୍ ବୁଡ଼ାଇ ରଖନ୍ତୁ।

❑ ଉଷୁମ ପାଣିରେ ସାମ୍ପୁ ଓ ଲେମ୍ବୁ ରସ ମିଶାଇ ସେଥିରେ ପାଦକୁ ବୁଡ଼ାଇ ରଖନ୍ତୁ। ଏହା ପରେ ପାଦକୁ ଧୋଇ ମଏଶ୍ଚରାଇଜର ଲଗାନ୍ତୁ।

❑ ବାଲଟିଏ ପାଣିରେ ମହୁ ମିଶାଇ ପାଦକୁ ବୁଡ଼ାନ୍ତୁ। ଏହାପରେ ଗୋଇଠିକୁ ସ୍କ୍ରବ୍ କରନ୍ତୁ। ଏହାପରେ ପାଦକୁ ଧୋଇ କ୍ରିମ୍ ଲଗାନ୍ତୁ।

❑ ଫଟା ଗୋଇଠିରେ ତେଲ ଲଗାଇ ମୋଜା ପିନ୍ଧନ୍ତୁ ଏବଂ ଶୋଇବା ପୂର୍ବରୁ ପାଦରୁ ମୋଜା ବାହାର କରି ଦିଅନ୍ତୁ।

❑ ଶୋଇବା ପୂର୍ବରୁ ଗୋଇଠିରେ ନଡ଼ିଆ ତେଲ ମାଲିସ୍ କରନ୍ତୁ।

❑ ପ୍ରତିଦିନ ପାଦକୁ ସଫା କରି ଘିକୁଆଁରି ଲଗାନ୍ତୁ। ପାଦ କୋମଳ ଓ ସୁନ୍ଦର ରହିବ।



# ଶୀତ ଦିନେ ଲଗାନ୍ତୁ ସନସ୍କ୍ରିନ୍



ଶୀତ ଆସିବା ମାତ୍ରେ ତ୍ୱଚା ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଦେଖାଦିଏ। ମୁଖ୍ୟତଃ ତ୍ୱଚା ଶୁଷ ଓ ରୁକ୍ଷ ହୋଇଥାଏ। ସେଥିପାଇଁ ତ୍ୱଚାକୁ ସବୁବେଳେ ହାଇଡ୍ରେଟ୍ ରଖିବା ଦରକାର। ତ୍ୱଚା ହାଇଡ୍ରେଟ୍ ରହିଲେ ହିଁ ସୁସ୍ଥ ଓ ସୁନ୍ଦର ଦେଖାଯାଏ। ତେବେ ଶୀତ ଦିନେ ତ୍ୱଚାର କିଭଳି ଯତ୍ନ ବା ଉପଚାର କରିବା ଦରକାର, ସେ ସମ୍ପର୍କରେ ଜାଣିବା।

❑ ଶୀତଦିନେ ତ୍ୱଚା ଶୁଷ୍କତା ଦୂର କରିବା ପାଇଁ ହ୍ରାଇଡ୍ରେଟିଂ ମଏଶ୍ଚରାଇଜରକୁ ସ୍କିନ୍ କେୟାର୍ ରୁଟିନ୍ରେ ସାମିଲ କରିବା ଜରୁରି।

❑ ଘରକୁ ବାହାରିବା ପୂର୍ବରୁ ସନ୍ସ୍କ୍ରିନ୍ ଲଗାନ୍ତୁ। ଏହା ତ୍ୱଚାକୁ କ୍ଷତିକାରକ ଅତିବାଇଗଣୀ ରଶ୍ମିରୁ ସୁରକ୍ଷିତ ରଖେ।

❑ ସପ୍ତାହକୁ ଥରେ ତ୍ୱଚାକୁ ଏକ୍ସଫୋଲିଏଟ୍ ନିହାତି କରିବା ଦରକାର।

❑ ସେହିପରି ତ୍ୱଚାକୁ ହାଇଡ୍ରେଟ୍ ରଖିବା ପାଇଁ ପ୍ରଚୁର ପରିମାଣରେ ପାଣି ପିଇବା ଉଚିତ।

❑ ଶୀଥଦିନେ ଓଠ ମଧ୍ୟ ଫାଟିଥାଏ। ସେଥିପାଇଁ ଲିପ୍ବାମ୍ ଲଗାନ୍ତୁ।

❑ ଶୀତଦିନେ ଗରମ ପାଣିରେ ଗାଧୋଇବା ଅନୁଚିତ। ସବୁଦିନ ଗରମ ପାଣିରେ ଗାଧୋଇଲେ ତ୍ୱଚା ଶୁଷ୍କ ହୋଇଥାଏ।

ତ୍ୱଚାରେ ହାଇଡ୍ରେଟିଂ କ୍ଲିନଜର୍କୁ ବ୍ୟବହାର କରନ୍ତୁ।

# ଦୂରାନ୍ତୁ ପାଦ କଳାଦାଗ

ସୂର୍ଯ୍ୟକିରଣ ଯୋଗୁଁ ପାଦରେ କଳା ଦାଗ ପଡ଼ିଥାଏ। ତେବେ ପାଦର କଳାପଣ ଦୂର କରିବା ପାଇଁ ସ୍କ୍ରବ୍ ବ୍ୟବହାର କରିପାରିବେ। ଏହ ଦ୍ୱାରା ପାଦ ସଫା ରହିବା ସହ ସୁନ୍ଦର ଦେଖାଯାଏ। ଓଟ୍ସରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ ତ୍ୱଚାକୁ ସଫା କରିବାରେ ସାହାଯ୍ୟ କରେ। ଏହା ସହ ଟ୍ୟାନିଂ ମଧ ଦୂର କରେ। ଓଟ୍ସ ଗୁଣ୍ଡରେ କଞ୍ଚା କ୍ଷୀର, ଗୋଲାପ ଜଳ ମିଶାନ୍ତୁ। ଏହାକୁ ପାଦରେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ସ୍କ୍ରବ୍ କରନ୍ତୁ। ୧୦ ମିନିଟ୍ ପରେ ପାଦକୁ ସଫା କରିଦିଅନ୍ତୁ। ସପ୍ତାହକୁ ଦୁଇ ଥର ବ୍ୟବହାର କଲେ ଫରକ୍ ଅନୁଭବ କରିପାରିବେ। ଗୋଲାପ ଜଳ ନାଚୁରାଲ ଟୋନର୍ର କାମ କରିବା ସହ ତ୍ୱଚାର କଳାପଣ ଦୂର କରିବାରେ ସାହାଯ୍ୟ କରେ। ପାଦର କଳାପଣ ଦୂର କରିବା ପାଇଁ ବେକିଂ ସୋଡା, ଲେମ୍ବୁ ଏବଂ ଆଳୁ ରସ ମଧ ବ୍ୟବହାର କରିପାରିବେ।





# ସୁରକ୍ଷିତ ମେଡି-ଫେସିଆଲ

ତ୍ୱଚା ସୁନ୍ଦର ଓ ଉଜ୍ଜ୍ୱଳ ଦିଶିବା ପାଇଁ ଯୁବତୀମାନେ ବିଭିନ୍ନ ପ୍ରକାର ଫେସିଆଲ କରୁଛନ୍ତି। ଏଥିରୁ ଅନ୍ୟତମ 'ମେଡିକେଟେଡ୍' ବା ମେଡି ଫେସିଆଲ। ତେବେ ଏହା ସାଧାରଣ ପାର୍ଲର ଫେସିଆଲ୍ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାକୁ ତ୍ୱଚା ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ କରାଯାଏ। ଏଥିରେ ମାଇକ୍ରୋ କରେଣ୍ଟ, ଡର୍ମାପ୍ଲାନିଂ, ଫଟୋ ରିଜୁଭିନେସନ, ଏଲ୍ଇଡି ଥେରାପି, ପିଲ୍ସ, ମାଇକ୍ରୋଡର୍ମାବ୍ରେସନ ଆଦି ସାମିଲ ଥାଏ।

❑ ମେଡି ଫେସିଆଲ କରିବା ଦ୍ୱାରା ୪୮-୭୨ ଘଣ୍ଟା ମଧ୍ୟରେ ସୁନ୍ଦର ଓ ସୁସ୍ଥ ତ୍ୱଚା ମିଳିଥାଏ। ଏହାର ପରିଣାମ ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ।

❑ ଏହାକୁ କରିବା ଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହେ। ତ୍ୱଚା ସୁନ୍ଦର ଓ କୋମଳ ରହେ।

❑ ବୟସ ବଢ଼ିବା ଛାପ ହ୍ରାସ ପାଏ।

❑ ଏହାକୁ କରିବା ପୂର୍ବରୁ ତ୍ୱଚାର ସ୍ଥିତିକୁ ପ୍ରଥମେ ଦେଖାଯାଏ। ତା'ସହ ତ୍ୱଚା ସମ୍ବନ୍ଧିତ କିଛି ଆଲର୍ଜି ଥିଲେ ସେ ବାବଦରେ ତ୍ୱଚା ବିଶେଷଜ୍ଞଙ୍କୁ କହିବା ଦରକାର। ଏହା ପରେ ତ୍ୱଚାନୁସାରେ ମେଡି ଫେସିଆଲ୍ ସ୍ଥିର କରାଯାଏ। ଏହି ଫେସିଆଲ ସୁରକ୍ଷିତ ଓ ପ୍ରଭାବି।

❑ ଏହାକୁ କରିବା ପରେ ମେକ୍ଅପ୍ ମଧ୍ୟ ବ୍ୟବହାର କରି ହେବ। ତେବେ ଏହାକୁ କରିବାର ତୁରନ୍ତ ପରେ ମେକ୍ଅପ୍ ନ ନେବା ଭଲ। ତା'ସହ ତ୍ୱଚା ବିଶେଷଜ୍ଞ ଏହାକୁ ନେଇ ପରାମର୍ଶ ଦିଅନ୍ତି।

# ସେବିକା ଓ ସିକ୍ୟୁରିଟି ଗାର୍ଡଙ୍କ ଭରସାରେ ରୋଗୀ

**ମୃତ୍ୟୁ ପରେ କଟକ ସ୍ଥାନାନ୍ତର ପରାମର୍ଶ ଅଭିଯୋଗ**

**ଡାକ୍ତର ନୁହେଁ ସେବିକା କରୁଛନ୍ତି ଚିକିତ୍ସା**



**ବିଞ୍ଝାରପୁର,୩।୮ (ସଂଚାର ବ୍ୟୁରୋ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାରେ ଅବହେଳା। ଡ୍ୟୁଟିରେ ଥିବା ଡ଼ାକ୍ତର ରୋଗୀ ଦେଖୁନାହାଁନ୍ତି। ସେବିକା ଦେଖୁଛନ୍ତି ରୋଗୀ ଆଉ ଚିକିତ୍ସା ଅବହେଳାରୁ ହେଉଛି ରୋଗୀଙ୍କ ମୃତ୍ୟୁ। ଏଭଳି କିଛି ଅଭିଯୋଗ ଆସିଛି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ।

ଆସିଥିବା ଅଭିଯୋଗ ଅନୁଯାୟୀ ଯାଜପୁର ପୌରାଞ୍ଚଳର ୧୬ନମ୍ବର ୱାର୍ଡର ସୁଶାନ୍ତ ନନ୍ଦୀ (୩୨) ଗତ ଶନିବାର ଦିନ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ତାଙ୍କୁ ପ୍ରଥମେ ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କୁ ଚିକିତ୍ସା ପାଇଁ କୌଣସି ଡ଼ାକ୍ତର ଆସିନଥିବା ଅଭିଯୋଗ କରିଛନ୍ତି ପାରିବାର ଲୋକେ। ପରେ କାର୍ଯ୍ୟରତ ସେବିକାମାନେ ତାଙ୍କୁ ସାଲାଇନ ଦେଇଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ୱାର୍ଡରେ ଥିବା ଡ଼ାକ୍ତରଙ୍କୁ ଖବର ଦିଆଯାଇଥିଲା। କିନ୍ତୁ କୌଣସି ଡ଼ାକ୍ତର ଚିକିତ୍ସା କରିବାକୁ ଆସିନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏଭଳିକି ମୃତ୍ୟୁ ହୋଇଥିବା ଜାଣି ତାଙ୍କୁ କଟକ ସ୍ଥାନାନ୍ତର ପାଇଁ ପରାମର୍ଶ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏଥି ସକାଶେ ପରିବାର ଲୋକେ ଏବଂ ତାଙ୍କ ସଂପର୍କୀୟ ମାନଙ୍କ ଦ୍ୱାରା ପାଟିତୁଣ୍ଡ ହୋଇଥିଲା। ତେବେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

ତେବେ ଏଭଳି ଘଟଣା କେବଳ ସୁଶାନ୍ତ ନନ୍ଦୀଙ୍କ ପାଖରେ ସୀମିତ ନାହିଁ। ଆଗରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାର ବହୁ ଅଭିଯୋଗ ଆସିଛି। ଚିକିତ୍ସିତ ହେବାକୁ ଆସୁଥିବା ଲୋକଙ୍କୁ ସିକ୍ୟୁରିଟିମାନେ ଠିକ୍ ଜାଗାରେ ପହଞ୍ଚାଇ ନିଜ କର୍ତ୍ତବ୍ୟ କରୁଛନ୍ତି, କିନ୍ତୁ ରୋଗୀ ଦେଖିବାକୁ ଡାକ୍ତର ଆସୁ ନ ଥିବା ଅଭିଯୋଗ ଆସିଛି। ଯାଜପୁରରେ ଯେତେବେଳେ ମେଡ଼ିକାଲ କଲେଜ ସ୍ଥାପନ କରାଯାଇ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର କଥା କହୁଛନ୍ତି ସରକାର ସେତେବେଳେ ଏଭଳି ଅଭିଯୋଗ କିଛି ଭିନ୍ନ କଥା ପ୍ରତିପାଦିତ କରୁଛି।

## କନ୍ଧମାଳ ଗସ୍ତରେ ନିତି ଆୟୋଗର କେନ୍ଦ୍ରୀୟ ଟିମ

● ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ବିଭିନ୍ନ ବିଷୟରେ କଲେ ଆଲୋଚନା



**ଫୁଲବାଣୀ,୩।୮ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାକୁ ୨ ଦିନିଆ ଗସ୍ତରେ ଆସି ବିଭିନ୍ନ ବ୍ଲକର ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ସ୍ଥିତି ପରଖିଛନ୍ତି ନୀତି ଆୟୋଗ ଫାଉଣ୍ଡେସନର କେନ୍ଦ୍ରୀୟ ଟିମ । ଫିରିଙ୍ଗିଆ ବ୍ଲକ ଗସ୍ତରେ ଟିମରେ ଇଟାଲୀର ଜୟୀ ଯେକିସନ, ଦିଲ୍ଲୀର ଅକ୍ଷୟ ଲିମା, ଡିଏସଡବ୍ଲୁ ସ୍ନେହଲତା ସାହୁ, ସିଡିପିଓ ନିବେଦିତା ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରି ପ୍ରବୋଧ ପ୍ରଧାନ, ମିଶି ପ୍ରଥମେ ନୂଆଁ ପଦର ଅଙ୍ଗନବାଡି କେନ୍ଦ୍ର, ରବିଙ୍ଗିଆ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସହ ଗର୍ଭବତୀ ମାନଙ୍କ ସମସ୍ୟା ବିଷୟରେ ଆଲୋଚନା ସହ ଅଙ୍ଗନବାଡି କର୍ମୀମାନଙ୍କ ସହ ବିଭିନ୍ନ ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିବା ପରେ ଛାତ୍ରଛାତ୍ରୀ ମାନଙ୍କ ସହ ମିଶିଥିଲେ। ପରିଦର୍ଶନ ପରେ ଫିରିଙ୍ଗିଆ ସମ୍ବନ୍ଧିତ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନ ଏବଂ ସମସ୍ତ ଅଧିକାରୀ କର୍ମଚାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।



## କୁନି କୁନି ବୋଲବମ କାଉଡ଼ିଆଙ୍କ ଜଳାଭିଷେକ

**ବୋରିଗୁମ୍ମା/ଜୟପୁର,୩।୮ (ସଂଚାର ବ୍ୟୁରୋ):** ଜୟପୁର ପାଓ୍ବାର ହାଉସ୍ ସ୍ଥିତ ଶିବ ମନ୍ଦିରରେ ଜଳାଭିଷେକ କଲେ ପାଓ୍ବାର ହାଉସ୍ ର କୁନି କୁନି ବୋଲବମ, ଆଜି ସକାଳୁ ସମସ୍ତ କୁନି କୁନି ପିଲାମାନେ ଜୟପୁର ସ୍ଥିତ ସତି ନଦି ଠାରୁ ପାଣି ଭାର ନେଇ ପାଓ୍ବାର ହାଉସ୍ ସ୍ଥିତ ଶିବ ମନ୍ଦିରରେ ପହଞ୍ଚିଥିଲେ ଓ ସେଠାରେ ଜଳାଭିଷେକ କରିଥିଲେ ଜଳାଭିଷେକ କରିବା ପରେ ସେଠାରେ ପୁଜାର୍ଚ୍ଚନା କରିଥିଲେ ପୁଜକ ଶ୍ରୀ ରାଜେଶ ମିଶ୍ର ପୁଜକ ପିଲା ମାନଙ୍କ ଉଦ୍ଦେଶ୍ୟରେ ପୁଜାର୍ଚ୍ଚନା କରିବା ସହିତ ପରିବାରର ମଙ୍ଗଳ କାମନା କରିଥିଲେ।

## ଯୁବତୀଙ୍କ ଗଳା ଚିପି ହତ୍ୟା ଅଭିଯୋଗ

**ନବରଂଗପୁର,୩।୮ (ସଂଚାର ବ୍ୟୁରୋ):** ଅସ୍ତମା ଗୌଡ଼ ଯୁବତୀଙ୍କୁ ବିଷ ପିଆଇ ଓ ପରେ ଗଳା ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସଦର ଠାରେ ଯୁବତୀଙ୍କୁ ହତ୍ୟା ଅଭିଯୋଗ ଘଟଣା ପରେ ଘଟଣା ସ୍ଥଳରେ ପହଞ୍ଚିଲେ ବିଜେଡି ନେତା ପ୍ରଦୀପ ମାଝୀ । ଯୁବତୀଙ୍କୁ ଜୋର ଜବରଦସ୍ତି ବିଷ ପିଆଇ ଦିଆଯାଇ ଗଳା ଚିପି ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି ପ୍ରଦୀପ ମାଝୀ । ସରକାର ଓ ଶାସନ ବ୍ୟବସ୍ଥା ପ୍ରତି ଅପରାଧିକଙ୍କ ଭୟ ନଥିବା ଅଭିଯୋଗ ଆଣିଛନ୍ତି ପ୍ରଦୀପ ମାଝୀ, କୋଷାଗୁମୁଡା ଗ୍ରାମ ର ଏକ ଜନଗହଳି ଅଂଚଳ ତାହା ସହ ମୃତା ଙ୍କ ଘର ର ଆତି ନିକଟରେ ଏହି ଜଘନ୍ୟ କାଣ୍ଡ ଭିଆଇଛନ୍ତି । ସରକାର ନାରୀ ସୁରକ୍ଷା ଦେବାରେ ବିଫଳ ହୋଇଥିବା ବେଳେ ଏହି ଘଟଣା ରେ ଯୁବତୀ ଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯାଏଁ ଲଢେଇ ଜାରି ରହିବ ବୋଲି କହିଛନ୍ତି ପ୍ରଦୀପ ମାଝୀ । ଅପରପକ୍ଷରେ ପିଡିତା ଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତ ଙ୍କୁ ଶୀଘ୍ର ଗିରଫ କରି କୋଠର ଦଣ୍ଡ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଶବ ବ୍ୟବଛେଦ ପାଇଁ ନବରଙ୍ଗପୁର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରାଯାଇଛି। ପାପଡାହାଣ୍ଡି ଏସ୍‌ଡିପିଓ ସତ୍ୟଜିତ କେଣ୍ଡଲକର ଙ୍କ ନେତୃତ୍ୱ ରେ ତଦନ୍ତ ଚାଲିଥିବା ବେଳେ। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ର ସହାୟତା ନିଆଯାଇଛି ବର୍ତ୍ତମାନ ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିନାହିଁ।

## ଓଷ୍ଟା ଦଶମ ଶ୍ରେଣୀ ଟେଷ୍ଟ ପେପର୍ସ ସୋମବାର ପ୍ରକାଶ ପାଇବ



**କଟକ,୩।୮ (ସଂଚାର ବ୍ୟୁରୋ):** ଆସନ୍ତା ୨୦୨୬ ମସିହା ଦଶମ ଶ୍ରେଣୀ ବୋର୍ଡ଼ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟ ଖସଡ଼ା ଆଧାରରେ ଆସନ୍ତା ୪.୮.୨୦୨୫ ସୋମବାର ଦିନ ସ୍ଥାନୀୟ ନୟାସଡ଼କ ସ୍ଥିତ ଓଷ୍ଟାର ମୁଖ୍ୟ କାର୍ଯ୍ୟାଳୟରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ "ଓଷ୍ଟା ଟେଷ୍ଟପେପର୍ସ" ପ୍ରକାଶିତ ହେବାକୁ ଯାଉଛି। ଏଥି ସହିତ ଓଷ୍ଟା ପକ୍ଷରୁ ମଧ୍ୟ ଅଷ୍ଟମ ଶ୍ରେଣୀ ଟେଷ୍ଟ ପେପର୍ସ ପ୍ରକାଶିତ ହେବ। ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ (ଓଷ୍ଟା) ଚଳିତ ବର୍ଷ ଏକ ଅଭିନବ ଉପାୟରେ ଦଶମଶ୍ରେଣୀ ଟେଷ୍ଟପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପ୍ରତ୍ୟେକ ବର୍ଷ ପରି ନିର୍ଦ୍ଧାରିତ ପାଠ୍ୟ ଖସଡ଼ା ଆଧାରରେ ଚଳିତ ବର୍ଷ ଅର୍ଥାତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଉଭୟ ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତରମୂଳକ ଟେଷ୍ଟପେପର ଓଷ୍ଟା ଦ୍ୱାରା ପ୍ରସ୍ତୁତ କରାଯାଇଛି। ଟେଷ୍ଟପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୯ବର୍ଷ ଅତିକ୍ରାନ୍ତ କରିଛି। ପୂର୍ବ ବର୍ଷ ପରି ଏବର୍ଷ ମଧ୍ୟ ଅନେକ ଅଭିଜ୍ଞ ଶିକ୍ଷକମାନଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରି ଟେଷ୍ଟ ପେପର ପ୍ରସ୍ତୁତ ହୋଇଛି ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ଆସନ୍ତା ଅଗଷ୍ଟ ୪ ତାରିଖ ସୋମବାର ଦିନ ଉକ୍ତ ଟେଷ୍ଟ ପେପର୍ସ ବିକ୍ରୟ କରାଯିବା ଓ ଏହା ବଜାରରେ ଉପଲବ୍ଧ ହେବ। ଓଷ୍ଟା ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଚଳିତ ବର୍ଷ ମଧ୍ୟ ପୂର୍ବ ବର୍ଷ ମାନଙ୍କ ପରି ଅତି ସୁଲଭ ଦରରେ ଯୋଗାଇ ଦେବା ପାଇଁ ଓଷ୍ଟା କାର୍ଯ୍ୟକାରୀ କମିଟିରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର ଓ ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଆୟକର ବିଭାଗର ପ୍ରତିଷ୍ଠା ଦିବସ ଅବସରରେ ସାଇକ୍ଲୋଥାନ ପ୍ରତିଯୋଗିତା




**କଟକ,୩।୮ (ସଂଚାର ବ୍ୟୁରୋ):** ଆୟକର ବିଭାଗ ପ୍ରତଷ୍ଠା ଦିବସ ଅବସରରେ ରବିବାର ଏକ ସାଇକ୍ଲୋଥାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସାଇକ୍ଲୋଥାନ ପ୍ରତିଯୋଗିତା ରାଜଧାନୀ ଭୁବନେଶ୍ୱରଠାରୁ ବାହାରି ୩୦କିଲୋମିଟର ଅତିକ୍ରମ କରି ସ୍ଥାନୀୟ ସେଲଟର ଛକଠାରେ ଥିବା ଆୟକର ଭବନଠାରେ ଶେଷ ହୋଇଥିଲା। ଆୟକର ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟକର କମିଶନର ସରୋଜ ମହାପାତ୍ର ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦେଶର ପ୍ରଗତି ଓ ସମୃଦ୍ଧି କ୍ଷେତ୍ରରେ ଆୟକର ବିଭାଗ ସମେତ କରଦାତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କରଦାତାଙ୍କ ଅର୍ଥରେ ଦେଶ ପ୍ରଗତି ଆଡ଼କୁ ଗତି କରିଥାଏ। ତେଣୁ କରଦାତାମାନେ ସଚେତନ ହୋଇ ଦେଶର ସମୃଦ୍ଧି ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆୟକର ଦାଖଲ କରିବାକୁ ଶ୍ରୀ ମହାପାତ୍ର ଆହ୍ୱାନ ଦେଇଥିଲେ। ଆୟକର ଅଧିକାରୀ କ୍ଷିତିଶ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସାଇକ୍ଲୋଥାନ ପ୍ରତିଯୋଗିତାରେ ଆୟକର ବିଭାଗ କର୍ମଚାରୀ ଓ କର୍ମଚାରୀଙ୍କ ସମେତ କରଦାତା ଏବଂ ଆୟକର ଟ୍ୟାକ୍ସବାର ସଂଘର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ମିଶନ ଗ୍ରୀନ କାର୍ଯ୍ୟକ୍ରମ




**ବେତନଟୀ,୩।୮ (ସଂଚାର ବ୍ୟୁରୋ):** ବେତନଟୀ ରୋଟାରୀ କ୍ଲବ ଆନୁକୂଲ୍ୟରେ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ମିଶନ ଗ୍ରୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଯାୟୀ ସଭାପତି ୨୦୨ ୫ -୨୬ ବର୍ଷର ଗିରିଧାରୀ ସାହୁଙ୍କ ନେତୃତ୍ୱରେ ଶତାଧିକ ବୃକ୍ଷ ପ୍ରେମୀଙ୍କୁ ବିଭିନ୍ନ କିସମର ଚାରା ଯଥା ପିଜୁଳି, ପଣସ, ଅଁଳା, ଚମ୍ପା, ଜାମୁ, ବଉଳ ଇତ୍ୟାଦି ବଣ୍ଟନ କରାଯାଇଥିଲା। ବେତନଟୀ ବନାଞ୍ଚଳ ଅଧିକାରୀ ମନୱାର ଖାଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରୋଟାରୀ କ୍ଲବର ଏହି ସାମାଜିକ କାର୍ଯ୍ୟର ଭୁୟସୀ ପ୍ରଶଂସା କରିଥିଲେ। କେବଳ ଜଙ୍ଗଲ ସୃଷ୍ଟି କଲେ ହେବନାହିଁ, ଏହାର ରକ୍ଷଣା ବେକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ବୃକ୍ଷ ଅଭାବରୁ ପରିବେଶ କିପରି ବିପର୍ଯ୍ୟସ୍ତ ହୋଇପଡୁଛି ସେ ସମ୍ପର୍କରେ କେତେକ ପରାମର୍ଶ ପ୍ରଦାନ କରିଥିଲେ। ସମ୍ପାଦକ ରବୀନ୍ଦ୍ରନାଥ ମିଶ୍ର ଗଛର ଉପକାରିତା ସମ୍ପର୍କରେ ଅଭାସି ମନ୍ତବ୍ୟ ରଖିଥିଲେ। ଚାଟାର୍ଡ଼ ସଭାପତି ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ ରୋଟାରୀ କ୍ଲବ ଆଗକୁ ଏଭଳି ବହୁ ଜନହିତକର ପଦକ୍ଷେପ ନେବ ବୋଲି ପ୍ରକାଶ କରିଥିଲେ।

# ପ୍ରତିଶ୍ରୁତି ପରେ କାଉନସିଲରଙ୍କ ଧାରଣା ପ୍ରତ୍ୟାହୃତ

**ଯାଜପୁର ରୋଡ଼,୩।୮ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୨୬ ଗୋଟି ୱାର୍ଡର ବିକାଶକୁ ନେଇ କାଉନସିଲରମାନେ ପୌର କାର୍ଯ୍ୟାଳୟ ପରିସରରେ ଧାରଣରେ ବସିଥିଲେ। ଏହି ଧାରଣାର ଏବେ ଅନ୍ତ ଘଟିଛି। ଯୁଗେ ଯୁଗେ ଯେପରି ଧର୍ମର ଜୟ ହୋଇଥାଏ ସେହିପରି ବ୍ୟାସନଗର ସହରର ବିକାଶ ଓ ଉନ୍ନତି ପାଇଁ ଧାରଣ ଦେଇଥିବା କାଉନସିଲର ମାନଙ୍କ ଜୟ ହୋଇଛି । ଏହି ସହରର ଉନ୍ନତିକୁ ଜମାରୁ ଦେଖିପାରୁନଥିବା କିଛି ନେତା ଓ ତାଙ୍କ ସର୍ଦ୍ଦାର'ଙ୍କ ମୁହଁ ଏବେ ଲାଜରେ କଳା ହୋଇଯାଇଛି ବୋଲି ସାଧାରଣ ଲୋକଙ୍କ ମଧ୍ୟରେ ଟୁପୁରୁ ଟାପୁରୁ ଆଲୋଚନାର କଥା ଏବେ ସହରର ଚର୍ଚ୍ଚାବିନ୍ଦୁ ପାଲଟିଛି।



ବ୍ୟାସନଗର ପୌର ପରିଷଦର ପ୍ରତ୍ୟେକ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ହେବାକୁ ନେଇ ଦାବି କରି କାଉନସିଲର ଶିବାନନ୍ଦ ନାୟକ, ବିଜୟ କୁମାର ଜେନା, ସିଦ୍ଧାର୍ଥ ସାମଲ, କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡା, ଅଶୋକ କୁମାର ଦାସ, ସରିତା ଜେନା, ସନ୍ତୋଷ କୁମାର ବରାଳ, ବୁଦୁନୀ ଦରାଇ, ଅର୍ଣ୍ଣପୂର୍ଣ୍ଣା ତରାଇ, ଅରୁନ୍ଧତୀ ପରିଡା, ଉର୍ମିଳା ପରିଡା, କୁମୁଦୁନୀ ରାଉତ, ପାର୍ଥ ସାରଥୀ ନାୟକ, ଦିଲ୍ଲୀପ ସେଠି ଓ ରବୀନ୍ଦ୍ର କୁମାର ରାଉତ ପ୍ରମୁଖ ୧୯ ଜଣ କାଉନସିଲର ଗତ ୨୮ ତାରିଖରୁ ୬ ଦିନଧରି ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ତେବେ ପରିଶେଷରେ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉଚ୍ଚ କର୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ନଗରପାଳ ସୁଭାଷ ଚନ୍ଦ୍ର ବଳଙ୍କ ସହ ଧାରଣା ସ୍ଥଳକୁ ଆସିଥିଲେ । ଧାରଣାରତ ପାରିଷଦ ସହ ଆଲୋଚନା କରି ଆସନ୍ତା ୧୨ ତାରିଖରେ ଟେଣ୍ଡର ଆହ୍ୱାନ କରିବେ ବୋଲି ଏକ ଲିଖିତ ପ୍ରତିଶ୍ରୁତି ପରେ ପାରିଷଦମାନେ ଗତ ଶୁକ୍ରବାର ଅପରାହ୍ନରେ ଧାରଣା ପ୍ରତ୍ୟାହୃତ କରିଛନ୍ତି ।

ଖବରର ଆଧାରରୁ ପ୍ରକାଶ'ଯେ ପୌର ପରିଷଦରେ ଦୀର୍ଘ ଦିନ ହେବ ଟେଣ୍ଡର ପ୍ରକ୍ରିୟାକୁ ନେଇ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ନହେବାରୁ ତାହାର ପ୍ରତିବାଦ କରି ୧୯ ଜଣ ପାରିଷଦ ପୌର ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ବିଗତ ସୋମବାର ଠାରୁ ଧାରଣାରେ ବସିଥିଲେ ।

# ଆଇଟିଡିଏ ଅଫିସରୁ ଭିନ୍ନ ଉପାୟରେ ତେଲ ଚୋରି କରୁଛନ୍ତି କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ

**ନୀଳଗିରି,୩।୮ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜୈନିକ ଅଧିକାରୀ ବ୍ଲକ୍ ସମେତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନୀଳଗିରି ଏବଂ ରେମୁଣା ବ୍ଲକ ଆଦି ୩ଟି ଦପ୍ତର ଦାୟୀତ୍ୱରେ ଥାଇ ବିଭିନ୍ନ ଉପାୟରେ ସରକାରୀ ଅର୍ଥ ହରିଲୁଟ କରୁଥିବାର ଅଭିଯୋଗ ହୋଇଆସୁଛି। ଯାହାର ସଦ୍ୟ ଉଦାହରଣ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି।






ସୂଚନା ମୁତାବକ ନୀଳଗିରି ଆଇଟିଡିଏ କାର୍ଯ୍ୟାଳୟରେ ଅତିରିକ୍ତ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ଶରତ ଚନ୍ଦ୍ର ଉପାଧ୍ୟାୟ ଉକ୍ତ କାର୍ଯ୍ୟାଳୟର ସରକାରୀ କାର୍ଯ୍ୟରେ ଲାଗିଥିବା ଓଡି ୦୧ଏ ଟି- ୯୧୩୫ନମ୍ବର ବୋଲେରୋରେ ଗତ ଜୁଲାଇ ୩୦ ତାରିଖରେ ଡିଜେଲ ପକାଇବାକୁ ବିଲ୍ ଆଣି ଶ୍ରୀ ପଞ୍ଚଲିଙ୍ଗେଶ୍ୱର ଫୁଏଲ ପଏଣ୍ଟ ବାଲିଗୋହିରୀରୁ ୪୦ ଲିଟର ଡିଜେଲ ପରିବର୍ତ୍ତେ ନିଜ ଘରୋଇ ଗାଡି ନମ୍ବର ଓ ଡି- ୦୧ପି-୯୮୦୦ କାରରେ ପେଟ୍ରୋଲ ଭରିବା ଓ ୧୦ ଲିଟର ପାଖାପାଖି ବଳକା ପେଟ୍ରୋଲ ପ୍ଲାଷ୍ଟିକ ଜାର୍କିନରେ ଭରି ଉକ୍ତ ଗାଡିରେ ରଖି ଘରକୁ ନେଉଥିବାର ଦେଖାଯାଇଛି। ଯାହା ସିସିଟିଭି ଫୁଟେଜରେ କଏଦ ହୋଇଛି। ସରକାରୀ କାମରେ ବ୍ୟବହାର ହେଉଥିବା ଗାଡ଼ିରେ ଡିଜେଲ ଭରିବା ବାହାନାରେ ଯନ୍ତ୍ରୀ ମହାଶୟ ଜଣକ ନିଜର ଘରୋଇ ଗାଡିରେ ଡିଜେଲ ପରିବର୍ତ୍ତେ ପେଟ୍ରୋଲ ଭରିବା ଏବଂ ବଳକା ପେଟ୍ରୋଲକୁ ଜାରକିନରେ ଭର୍ତ୍ତିକରି ନେଇଯିବା ଏବଂ ସଂପୃକ୍ତ ପେଟ୍ରୋଲ ପମ୍ପର କର୍ମଚାରୀଙ୍କୁ ହାତବାରିସ କରି ଡିଜେଲର ବିଲ ଆଣି କାର୍ଯ୍ୟାଳୟରେ ପ୍ରଦାନ କରିବା ବାବୁଙ୍କର ସର୍ବଗିଳା ପ୍ରକୃତିକୁ ପଦାରେ ପକାଇଛି।

ସରକାରୀ ଅର୍ଥ ହରିଲୁଟ୍ କରିଚାଲିଥିଲେ ହେଁ ଅଭିଯୋଗ ହେଲେ ତଦନ୍ତ ନହୋଇ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତବାରିଶି କରି ତଦନ୍ତକୁ ବାଟବଣା କରିଚାଲିଥିବାର ଅଭିଯୋଗ ଉଠିଛି। ତେବେ ପ୍ରତିମାସ ହାରାହାରି ୧୬୦ଲିଟର ପେଟ୍ରୋଲ କିମ୍ବା ତତଜନିତ ସରକାରୀ ଟଙ୍କା ଆତ୍ମସାତ କରୁଥିବାର ଏକ ଗୁରୁତର ଅଭିଯୋଗ ଉଠିଛି। ତେବେ ଆଇଟିଡିଏ ପ୍ରକଳ୍ପ ଅଧିକାରୀ କାରୁ ସୋରେନ ଘଟଣାବାବଦରେ ଜାଣିନାହାନ୍ତି ବୋଲି କହୁଥିଲା ବେଳେ ଡିଜେଲ ବିଲ୍ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦସ୍ତଖତରେ ଯାଇଥିବାର ରସିଦରୁ ସ୍ପଷ୍ଟ ଜଣାପଡୁଛି। ଏଭଳି ଦୁର୍ନୀତିଖୋର ଯନ୍ତ୍ରୀ ଶ୍ରୀ ଉପାଧ୍ୟାୟଙ୍କ ବିରୋଧରେ ସାଂସଦ ହସ୍ତକ୍ଷେପ କରି ଯନ୍ତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିବା ସଙ୍ଗେସଙ୍ଗେ ଗିରଫ କରିବାକୁ ସାଧାରଣରେ ଦାବୀ ହୋଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ବୈଶିଙ୍ଗା,୩।୮ (ସଂଚାର ବ୍ୟୁରୋ): ବୈଶିଙ୍ଗା ବରଦା ବିହାର ସ୍ଥିତ ସରସ୍ୱତୀ** ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଳକା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ନିହାରକାନ୍ତ ବେହେରା ଯୋଗଦାନ କରିଥିଲେ । ବିଦ୍ୟା ମନ୍ଦିର ର ଶିଶୁ ବର୍ଗ , ବାଲ ବର୍ଗ ଏବଂ କିଶୋର ବର୍ଗ ର ୧୪ଟି ବିଭାଗର ମୋଟ ୨୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । କୁନି ବୈଜ୍ଞାନିକ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ୮୦ଟି ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ । ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ନିବେଦିତା ବାରିକ, ଚୁଆପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୀନକେତନ ସ୍ୱାଇଁ ପ୍ରକଳ୍ପ ବିଚାରକ ଭାବେ ସମସ୍ତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ତଥା ପ୍ରଧାନଶିକ୍ଷକ ଅଜିତ କୁମାର ଜେନା , ଶିକ୍ଷକ ହରେକୃଷ୍ଣ ମହାନ୍ତ ପ୍ରମୁଖ ଭାବରେ ଯୋଗ ଦେଇ ସମସ୍ତ କୃତି ଭାଇଭଉଣୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଭାଇ ଭଉଣୀମାନେ ବେତନଟୀ ସଂକୁଳ ସ୍ତରୀୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜଣାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ, କୋଷାଧ୍ୟକ୍ଷ ସରୋଜ କୁମାର ପତି, ଉପଦେଷ୍ଟା ଶୈଳେନ୍ଦ୍ର କୁମାର ପଣ୍ଡା, ସଦସ୍ୟା ଜୟନ୍ତୀ ପୁଥାଳ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା କଳ୍ପଲତା ହାଜରା ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ



# ଛୁଟିଦିନରେ ମଧ୍ୟ ଜିଲ୍ଲାପାଳ ବିଭିନ୍ନ ସ୍ଥାନକୁ ପରିଦର୍ଶନ କରି ସମସ୍ୟା ବୁଝିଲେ

**ସୁବର୍ଣ୍ଣପୁର,୩।୮ (ସଂଚାର ବ୍ୟୁରୋ):** ଆଜି ସୁବର୍ଣ୍ଣପୁର ର ନୂତନ ଜିଲ୍ଲାପାଳ ଡଃ ନୃପ ରାଜ ସାହୁ ସହର ର ଇଷ୍ଟ ଦେବ ଶ୍ରୀ ସୁବର୍ଣ୍ଣମେରୁ ମନ୍ଦିର, ରାମେଶ୍ୱର ମନ୍ଦିର ସମେତ ମା ଭଗବତୀ ମନ୍ଦୀର ପରିଦର୍ଶନ କରି ମନ୍ଦିର କୁ ସଂଯୋଗି କରଣ ରାସ୍ତା ଓ ମନ୍ଦିର ର ସମସ୍ୟା ଉପରେ ପୂଜକ ଓ କମିଟି ସଦସ୍ୟ ଙ୍କୁ ଭେଟି ଆଲୋଚନା କରି ନିଜେ ମଧ୍ୟ ସ୍ଥିତି ପରଖିଥିଲେ। ଓ ସେ ସବୁ ସମସ୍ୟା ର ସମାଧାନ ସହ ମନ୍ଦିର ମାନଙ୍କ ଭିତ୍ତି ଭୂମି ର ବିକାଶ ଲାଗି ସଂକଳ୍ପ କରିଥିଲେ । ପରେ ପରେ ତେଲ ନଦୀ ରିଙ୍ଗ ରୋଡ ପାର୍ଶ୍ୱ ରେ ଥିବା ନାରାୟଣ ସେବା ଶ୍ରମ କୁ ପହଞ୍ଚି ଅନ୍ତେବାସୀ ଙ୍କ ରହିବା ଘର, ପାନୀୟ ଜଳ, ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ପଚାରି ବୁଝି ଏମାନଙ୍କ ସେବା ଶୁଶ୍ରୁଷା ଚିକିତ୍ସା କୌଣସି ବି କ୍ଷେତ୍ରରେ ଅବହେଳା ନ କାଟିବାକୁ ଡି ଡବ୍ଲୁ ଓ, ଓ ପୌର ପରିଷଦର ଅଧିକାରୀ ଙ୍କୁ ନିର୍ଦ୍ଦେଶ କରିଥିଲେ । ଆଜି ଭଗବତୀ ମନ୍ଦୀର ସମ୍ମୁଖ ରାସ୍ତା ସମସ୍ୟା ବିଷୟ କୁ ବିଭାଗୀୟ ଯନ୍ତ୍ରୀ ପୌର ଅଧିକାରୀ ଙ୍କ ଆଗରେ ନିଜେ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ପୂର୍ବରୁ ଏ ରାସ୍ତା ସମସ୍ୟା ଯୋଗୁଁ ମନ୍ଦିର ଭିତର କୁ ପାଣି ପଶୁଥିବା ଓ ଭକ୍ତ ଅସନ୍ତୋଷ ବିଷୟ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳ ଶ୍ରୀ ସାହୁ ଙ୍କୁ ଅବଗତ କରା ଯାଇଥିଲା । ଆଜି ବିଭିନ୍ନ ମନ୍ଦିର ଓ ନିର୍ମାଣ ଧିନ ନୂଆଁ ରାସ୍ତା ପରିଦର୍ଶନ ରେ ଜିଲ୍ଲାପାଳ ଙ୍କ ଏ ଅଚାନକ ଗସ୍ତ ସମୟରେ ପୌର ପରିଷଦ ଅଧିକାରୀ ଋଷି ମାଝୀ, ଓ ଯନ୍ତ୍ରୀ ଓ ସାନିଟାରୀ ଇନ୍ସପେକ୍ଟର ଶ୍ରୀ ସ୍ୱାଇଁ ଉପସ୍ଥିତ ଥିଲେ । ରବିବାର ଛୁଟି ଦିନରେ ବି ସହର ର ବିକାଶ ପାଇଁ ଜିଲ୍ଲାପାଳ ଙ୍କ ଏ କାର୍ଯ୍ଯ ଗୁଡ଼ିକୁ ସମୀକ୍ଷା କରିବା ବିଷୟ ଜିଲ୍ଲା ର ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରଯାଇଛି । ଓ ଜିଲ୍ଲା ସ୍ତରୀୟ ଅଧିକାରୀ , କର୍ମଚାରୀ (ଯିଏ କି ପବ୍ଲିକ ସର୍ଭେଣ୍ଟ) ଏଥିରୁ କିଛି ଶିଖନ୍ତୁ ବୋଲି ଙ୍କ ମତ ଦେଇଛନ୍ତି ।



## ଶ୍ରାବଣ ମାସରେ ବୋଲବମ୍ ଭକ୍ତଙ୍କ ପାଇଁ ବୈଶିଙ୍ଗା ବଜାର ଚଳଚଞ୍ଚଳ

**ବୈଶିଙ୍ଗା,୩।୮ (ସଂଚାର ବ୍ୟୁରୋ):** ଶ୍ରାବଣ ମାସରେ ଦେବ ଦେବ ମହାଦେବଙ୍କ ଜଳାଭିଷେକ କରିବା ଦ୍ୱାରା ମହାପୁଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ସାରା ଭାରତ ବର୍ଷରେ କାଉଡିଆ ମାନେ ବିଭିନ୍ନ ନଦୀରୁ ଜଳ ଭାର ଧରି ପାଦରେ ଚାଲି ଚାଲି ବିଭିନ୍ନ ମହାଦେବ ମନ୍ଦିରରେ ପହଞ୍ଚି ଜଳାଭିଷେକ କରୁଥିବାର ଦେଖିବାକୁ ମିଳିଛି । ଏଥି ପାଇଁ କାଉଡିଆ ମାନଙ୍କର ସାଜସଜ୍ଜା ଉପକରଣ ବିକ୍ରୀ କରିବା ପାଇଁ ବିଭିନ୍ନ ସ୍ଥାନରେ ବିପଣିମାଳା ଦେଖିବାକୁ ମିଳିଛି। ଆସନ୍ତା କାଲି ତୃତୀୟ ସୋମବାର ଥିବାରୁ ବୈଶିଙ୍ଗା ବଜାରରେ ଥିବା ବିଭିନ୍ନ ଦୋକାନ ମାନଙ୍କରେ କାଉଡିଆ ମାନଙ୍କ ର ଭିଡ ପରିଲକ୍ଷିତ ହୋଇଥିଲା ।ମାଣତ୍ରୀ ସ୍ଥିତ ପ୍ରସିଦ୍ଧ କଖାରୁଆ ବୈଦ୍ୟନାଥ ମନ୍ଦିରରେ ଜଳାଭିଷେକ କରିବା ପାଇଁ ବୈଶିଙ୍ଗା ବଜାର ଦେଇ କାଉଡିଆ ମାନେ ଯାଉଥିବାରୁ କେତେ ଜଣ ସମାଜସେବୀ ମାନଙ୍କ ସହଯୋଗରେ ସେମାନଙ୍କ ସେବା ଶୁଶ୍ରୁଷା କରିବା ଏବଂ ସେମାନଙ୍କର ଖାଇବା ପିଇବା ପାଇଁ ବ୍ୟବସ୍ଥା କରାଯାଇଛି।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ

**କଟକ,୩।୮ (ସଂଚାର ବ୍ୟୁରୋ):** ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବନ୍ଧୁତ୍ୱ ଦିବସ ଅବସରରେ ମା' ପାଇଁ ଗଛଟିଏ ଓ ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଧୁପାଟଣା ଥାନା ଅନ୍ତର୍ଗତ ସାର୍ତ୍ତୋଳ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଭାଗ ନେଇ ବୃକ୍ଷ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରବୋଧ ମଲ୍ଲିକ, ରବୀନ୍ଦ୍ର ବେହେରା, ପ୍ରଫୁଲ୍ଲ ନାୟକ, ରଞ୍ଜନ ମଲ୍ଲିକ, ସୁରେନ୍ଦ୍ର ମଲ୍ଲିକ, ଜିତେନ୍ଦ୍ର ମଲ୍ଲିକ, ରାକେଶ ମଲ୍ଲିକ, ଅଜୟ ମଲ୍ଲିକ, ପ୍ରମୋଦ ଦାସ ଓ ଗୁଗୁଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରରେ ଅବ୍ୟବସ୍ଥା, ନାଳରେ ବୋହୁଛି ନଡ଼ିଆ ପାଣି

**ଜୟପୁର,୩।୮ (ସଂଚାର ବ୍ୟୁରୋ):** ଦକ୍ଷିଣ ଓଡ଼ିଶା ର ପ୍ରମୁଖ ଶୈବପୀଠ ଶ୍ରାବଣ ମାସ ଲକ୍ଷ ଲକ୍ଷ କାଉଡିଆ ଭକ୍ତ ଙ୍କ ସମାଗମ। ଦେବତ୍ତ୍ୱର ବିଭାଗ ର ପ୍ରସ୍ତୁତି ବୈଠକ କେବଳ ନାମକୁ ମାତ୍ର । ଲକ୍ଷାଧିକ ଭକ୍ତ ଙ୍କ ସମାଗମ ସ୍ୱେତେ କୌଣସି ଭକ୍ତ ଙ୍କ ପାଇଁ ନାହିଁ ସୁବିଧା । ନା ଅଛି ପର୍କିଙ୍ଗ ର ସୁବିଧା ନା ଅଛି ସ୍ୱଚ୍ଛାଳୟର ସୁବିଧା। ଜିଲ୍ଲା ବାହାର ଓ ରାଜ୍ୟ ବାହାରୁ ବହୁ ଭକ୍ତ ଆସି ଅବ୍ୟବସ୍ଥା ରେ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି । ଭକ୍ତ ଙ୍କ ଅହେତୁକ ବୃଦ୍ଧି ଯୋଗୁଁ ଏବେ ଆଉ ମନ୍ଦିର ଉପରେ ଠାକୁର ଙ୍କ ନିକଟରେ କେବଳ ଜଳାଭିଷେକ ହେଉଛି ଏବଂ ମନ୍ଦିର ତଳେ ଭକ୍ତ ନଡ଼ିଆ ବାଡ଼ଉଛନ୍ତି । କିନ୍ତୁ ଏତେ ବଡ଼ ମନ୍ଦିର ର ରେ ନଡ଼ିଆ ପାଣି ଯିବା ପାଇଁ ବ୍ୟବସ୍ଥା ନାହିଁ । ବିଶ୍ୱାସ ର ସହ ସହ ସହ କିମି ଖାଲି ପାଦ ରେ ଭକ୍ତ ଚାଲି ଚାଲି ଯାଇ ନଡ଼ିଆ ଟି ଭୋଗ ଲଗାଉଛନ୍ତି କିନ୍ତୁ ନଡ଼ିଆ ପାଣି ନାଳ ରେ ଯାଇ ନାଳ ପାଣି ସହିତ ମିଶୁଛି ଫଳରେ ଭକ୍ତ ଙ୍କ ଭାବ ବେଗ ପ୍ରତି କୁଠାର ଘାତ ହେଉଛି । ତେଣୁ ଏତେ ବଡ଼ ମନ୍ଦିର ରେ ଏ ଅଓ୍ୟବସ୍ଥା ଦେଖି ବୁଦ୍ଧି ଜୀବି ଆଷ୍ଟର୍ଯ୍ୟ ହେବା ସହ ଜିଲ୍ଲା ଅଧିକାରୀ ଙ୍କୁ କିପରି ଏହା ଦେଖା ଯାଉନି ଏହା ଏବେ ପ୍ରଶ୍ନ ବାଚୀ ।